EKAMAATRA

# ଏକମାତ୍ର

ଅନୁସନ୍ଧାନ ପରେ ଖବର

RNI Ref. No.: 1304224
Title Code: ODIODI07807

Follow Us On @
www.ekamaatra.com
editor@ekamaatra.com
ekamaatra@gmail.com
advt@ekamaatra.com
ekamaatraodia
ekamaatranews

ବର୍ଷ-୧ ସଂଖ୍ୟା-୧୬ ୦୧-୭ ମଇ, ୨୦୧୭ ଭୁବନେଶ୍ୱର • Monday Weekly • VOL-1 ISSUE-16 01st-7th MAY, 2017 BHUBANESWAR ₹ 5/- (8 Pages)




## ଅବାଟରେ ଲାଲ୍‌ବାହିନୀ

# ଆଉ କେତେମୁଣ୍ଡ ଗଡ଼ିବ ?

**ଭୁବନେଶ୍ୱର :** ମଣିଷ-ମଣିଷ ଭିତରେ, ଶାସକ-ଶାସିତଙ୍କ ମଧ୍ୟରେ ଚାଲିଛି ଅଜବ ଲଢ଼େଇ । ନାଲିଫିତା ତଳେ ଅଟକି ରହିଥିବା ନ୍ୟାୟ ପାଇବାକୁ ଛକାପଞ୍ଝା ଚାଲିବା ଭିତରେ ଗଡ଼ିଯାଉଛି ମୁଣ୍ଡ, ରକ୍ତରଞ୍ଜିତ ହେଉଛି ଧୂସର ମାଟି । ମାଓବାଦୀ-ସୁରକ୍ଷାକର୍ମୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଉପୁଜୁଛି । କେତେବେଳେ ମାଓବାଦୀଙ୍କ ଶିକାର ହେଉଛନ୍ତି ସୁରକ୍ଷାକର୍ମୀ ତ ପୁଣି କେତେବେଳେ ଯବାନଙ୍କ ଗୁଳିରେ ନକ୍ସଲଙ୍କ ମୁଣ୍ଡ ଗଡୁଛି । ହେଲେ ଏସବୁ ଆଉ କେତେଦିନ ? କେତେଦିନ ଗର୍ଜୁଥିବ ଗୁଳିଗୋଳା, କେତେଦିନ ଫୁଟୁଥିବ ଲ୍ୟାଣ୍ଡମାଇନ୍ ? କେତେଦିନ ଖେଳ ହେଉଥିବ ରକ୍ତର ହୋଲି ? ? କେଉଁ ହକ୍ ପାଇଁ ଲଢ଼େଇ ଚାଲିଛି, ତାହା କେବଳ ଲଢ଼େଇ ପାଇଁ ରଣକ୍ଷେତ୍ର ପ୍ରସ୍ତୁତ କରୁଥିବା ନକ୍ସଲ ନେତାମାନେ ହୁଏତ ଜାଣିଥିବେ । ତେବେ ଏଥିରେ ଅନେକ ସମୟରେ ବଳିପଡୁଛନ୍ତି ନିରୀହ ଆଦିବାସୀ । ତେବେ ସମସ୍ୟାର ସମାଧାନ କ'ଣ ଗୁଳିଗୋଳାରେ, ନା ସବୁ ସମାଧାନ ପାଇଁ ରକ୍ତର ନଦୀ ବୋହିବା ନିହାତି ଆବଶ୍ୟକ ? ସମସ୍ୟାର ସମାଧାନ ପାଇଁ ରାସ୍ତା ବାହାର ନକରି ଏଭଳି ଅମାନୁଷିକ କାଣ୍ଡ ବ୍ୟବସ୍ଥା ପ୍ରତି ଉପହାସ କରୁଛି । ତେବେ କାହିଁକି ଏଭଳି ମାନସିକତା, କାହିଁକି ଉଭୟ ପକ୍ଷ ନିଜ ନିଜ ଜିଦ୍‌ରେ ଅଟଳ ? ବହୁତ ହେଇଗଲା ଏ ବନ୍ଧୁକର ଭାଷା । ଏବେ ସମୟ ଆସିଛି ସମସ୍ୟାର ଶାନ୍ତିପୂର୍ଣ୍ଣ ସମାଧାନ ଦିଗରେ ଉଭୟ ପକ୍ଷ ହାତମେଳିବାର । ଆଦିବାସୀମାନଙ୍କର ଯାହା ବି



ପ୍ରାପ୍ୟ, ଯାହା ବି ହକ୍; ସରକାରଙ୍କ ସହିତ କଥାବାର୍ତ୍ତା ହୋଇ ସହଜ ସମାଧାନର ପନ୍ଥା ଖୋଜିବା ଦରକାର । ସେହିପରି ଯେଉଁ ଲକ୍ଷ୍ୟ ନେଇ ଲାଲ୍‌ବାହିନୀ ଗଠନ ହୋଇଥିଲା, ଏବେ ସେ ନେଇ ଅନେକ ପ୍ରଶ୍ନବାଚୀ । ଆଦିବାସୀଙ୍କ ହିତ ପାଇଁ ଆଉ ମାଓବାଦୀମାନେ ଏତେଟା ତତ୍ପର ହେଉନାହାନ୍ତି । ବରଂ ଆଦିବାସୀଙ୍କୁ ଢାଲ କରି ନିଜର ସ୍ୱାର୍ଥ ହାସଲ କରୁଛନ୍ତି । ସେଭଳି ହୋଇ ନ ଥିଲେ ଆଦିବାସୀଙ୍କୁ ସାମ୍ନାରେ ରଖି ସୁକୁମାରେ ଗୋଟିଏ ପରେ ଗୋଟିଏ ୨୬ ଜଣ ସିଆର୍‌ପିଏଫ୍ ଜବାନଙ୍କ ମୁଣ୍ଡ ଗଡ଼ାଇଥା'ନ୍ତେ କି ? ଯଦି ଯବାନମାନେ ପାଲଟା ଆକ୍ରମଣ କରିଥାନ୍ତେ, ତେବେ ନିରୀହ ଆଦିବାସୀଙ୍କ ମୁଣ୍ଡ ତ ଯାଇଥାନ୍ତା ନା !

ଉଲ୍ଲେଖଯୋଗ୍ୟ ଯେ ୨୦୧୭ ମସିହାରେ ବି ଅନେକ ଅଗମ୍ୟ ଅଞ୍ଚଳରେ ପ୍ରଶାସନ ପହଞ୍ଚି ନପାରିବା ଯେତିକି ନିଜ ପାରିବାପଣିଆ ଉପରକୁ ଆଙ୍ଗୁଠି ଦେଖାଉଛି, ସେତିକି ନିରୀହ ଆଦିବାସୀଙ୍କୁ ପ୍ରତିଶୋଧପରାୟଣ ହେବାକୁ ବାଧ କରିଛି । ଯେତେବେଳେ ଦେଶରେ ଲୋକଙ୍କୁ ସ୍ମାର୍ଟସିଟିର ସ୍ୱପ୍ନ ଦେଖାଯାଉଛି, ସେହିଭଳି ସମୟରେ ଯେଉଁ ଅଞ୍ଚଳକୁ ରାସ୍ତା ନାହିଁ, ସ୍କୁଲ ନାହିଁ, ଡାକ୍ତରଖାନା ନାହିଁ; ସେହି ଅଞ୍ଚଳର ଲୋକେ ପ୍ରତିଶୋଧପରାୟଣ ହେବା ସ୍ୱାଭାବିକ । ତେଣୁ ଏସବୁ ଅଞ୍ଚଳରେ କିଭଳି ମୌଳିକ ସୁବିଧା ସହଜ ଉପଲବ୍ଧ ହେବ, ବିନା ରାଜନୀତିରେ ସେ କ୍ଷେତ୍ରରେ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି । ନଚେତ୍ ହକ୍ ପାଇଁ ଲଢ଼େଇରେ ଚାଲିଯିବ ଶହ ଶହ ପ୍ରାଣ । କିଛିଦିନର ନୀରବତା ପରେ ପୁଣି ନକ୍ସଲ ହୋଇଛନ୍ତି ରକ୍ତମୁଖା । ଅତର୍କିତ ଆକ୍ରମଣ କରି ସୁକ୍‌ମା ଜିଲ୍ଲା ବସ୍ତର ଅଞ୍ଚଳର ଚିନ୍ତାଗୁମ୍ଫା ଥାନା ଅନ୍ତର୍ଗତ କାଲାପଥରଠାରେ ଏକ ରାସ୍ତାନିର୍ମାଣ କାର୍ଯ୍ୟକୁ ସୁରକ୍ଷା ଦେବାକୁ ମୁତୟନ ହୋଇଥିବା ୯୯ ଜଣିଆ ସୁରକ୍ଷାକର୍ମୀ ଦଳ ଉପରେ ଆକ୍ରମଣ କରି ଏଭଳି ବର୍ବରକାଣ୍ଡ ଭିଆଇଛନ୍ତି ମାଓବାଦୀ । ➤ ପୃ-୭





ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଅବସରରେ ରାଜଭବନ ଛକ ସ୍ଥିତ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରୁଛନ୍ତି (ଉପର) ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ (ତଳ) କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

## ଭିତର ପୃଷ୍ଠାରେ...

- ଗୋରୁଙ୍କ ପାଇଁ ଆଧାର କାର୍ଡ଼
- ବିପିୟୁଟି ବିଲ୍ ଫେରାଇଲେ ରାଜ୍ୟପାଳ
- ବେଇମାନୀ-ସମାଧାନର ମାର୍ଗ ନୁହେଁ
- ବୁଲେଟ୍ ଗନ୍
- ମ୍ୟାଲେରିଆମୁକ୍ତ ହେବ ଓଡ଼ିଶା
- କାଳଭୈରବ ମନ୍ଦିର

# ପସ୍କୋ ଜମି ହାତେଇନେବ କି ଜିନ୍ଦଲ !

**ଭୁବନେଶ୍ୱର :** ଓଡ଼ିଶାରୁ ପସ୍କୋ କମ୍ପାନୀ ପଳାୟନ କରିବା ପରେ ପ୍ରସ୍ତାବିତ ପସ୍କୋ ପ୍ରକଳ୍ପ ଜମିକୁ ହାତେଇବା ଲକ୍ଷ୍ୟରେ ଏବେ ଜେଏସ୍‌ଡବ୍ଲ୍ୟୁ କମ୍ପାନୀ । ପାରାଦୀପରେ ହେବାକୁ ଥିବା ପସ୍କୋ ପ୍ରକଳ୍ପ ପାଇଁ ଆବଣ୍ଟିତ ଜମିକୁ ଇଡ୍‌କୋ ରଦ୍ଦ କରିବା ପରେ ଏଭଳି ସମ୍ଭାବନା ସୃଷ୍ଟି କରିଛନ୍ତି ସଜ୍ଜନ ଜିନ୍ଦଲ । ଏକ ଉଲ୍ଲେଖନୀୟ ଘଟଣାକ୍ରମେ ଗତ ଶୁକ୍ରବାର ସଂଧ୍ୟାରେ ମୁଖ୍ୟ ସଚିବ ଆଦିତ୍ୟ ପାଢ଼ୀଙ୍କୁ ସାଧାତ କରି ଏଭଳି ପ୍ରସ୍ତାବ ରଖିଛନ୍ତି ଶ୍ରୀ ଜିନ୍ଦଲ । ସେ ଓଡ଼ିଶାରେ ମେଗା ଇସ୍ପାତ କାରଖାନା ପ୍ରତିଷ୍ଠା କରିବା ପାଇଁ ଆଗ୍ରହୀ ଓ କେଉଁ ସ୍ଥାନରେ ପ୍ରତିଷ୍ଠା କରାଯିବ ତାହା ରାଜ୍ୟ ସରକାର ନିଷ୍ପତ୍ତି ନିଅନ୍ତୁ ବୋଲି ମୁଖ୍ୟ ସଚିବଙ୍କ ସହ ଆଲୋଚନା କରିଛନ୍ତି । ସୂଚନାଯୋଗ୍ୟ ଦେଶର ସର୍ବବୃହତ୍ତ ଇସ୍ପାତ ଉତ୍ପାଦନକାରୀ




କମ୍ପାନୀ ଭାବେ ଜେଏସ୍‌ଡବ୍ଲ୍ୟୁ ଖୁବ୍ ଜଣାଶୁଣା । ଓଡ଼ିଶାରେ ବାର୍ଷିକ ୧୦ ନିୟୁତ ଟନ୍ ମେଗା ଇସ୍ପାତ ପ୍ଲାଣ୍ଟ ପ୍ରତିଷ୍ଠା ଲକ୍ଷ୍ୟ ରହିଥିବା କଥା କହିଛନ୍ତି ଶ୍ରୀ ଜିନ୍ଦଲ । ପାରାଦୀପ ସ୍ଥିତ ପସ୍କୋ ଜମି ସହ ରାଜ୍ୟର ଅନ୍ୟାନ୍ୟ ଜାଗାକୁ ଅନୁଧ୍ୟାନ କରାଯାଉଛି ବୋଲି ସେ ଗଣମାଧ୍ୟମକୁ କହିଛନ୍ତି । ପସ୍କୋ ଭଳି ଜିନ୍ଦଲ ମଧ୍ୟ ପାରାଦୀପରେ ନିଜସ୍ୱ ବନ୍ଦର ପ୍ରତିଷ୍ଠା କରିବ ବୋଲି ସୂଚନା ମିଳିଛି । ମୁଖ୍ୟ ସଚିବଙ୍କ ସହ ବୈଠକ ପରେ ଶ୍ରୀ ଜିନ୍ଦଲ ଯେଉଁ ସୂଚନା ଦେଇଛନ୍ତି ତାହାକୁ ନେଇ ଚର୍ଚ୍ଚା ଜୋର ଧରିଛି । କାରଣ ପସ୍କୋ ପାଇଁ ପ୍ରତିବନ୍ଧକ ସାଜିଥିବା ସ୍ଥାନୀୟ ଲୋକଙ୍କ ବିରୋଧ କିଭଳି ବାସ୍ତବ ରୂପ ନେବ ତାହା କମ୍ପାନୀ କର୍ତ୍ତୃପକ୍ଷ ଓ ସରକାରଙ୍କୁ ନିଶ୍ଚୟ ଅଡୁଆରେ ପକାଇବ ବୋଲି ମଧ୍ୟ ଆଶଙ୍କା ସୃଷ୍ଟି କରିଛି ।







## ପ୍ରଧାନମନ୍ତ୍ରୀ ଦେଲେ ଦେଶ ବିକାଶର ଏଜେଣ୍ଡା

# ଅଧିକ କେନ୍ଦ୍ରୀୟ ଅନୁଦାନ ମାଗିଲେ ମୁଖ୍ୟମନ୍ତ୍ରୀ

**ନୂଆଦିଲ୍ଲୀ :** ନିକଟରେ ନୂଆଦିଲ୍ଲୀରେ ଶେଷ ହୋଇଥିବା ତୃତୀୟ ନୀତି ଆୟୋଗ ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶର ବିକାଶ ନିମନ୍ତେ ରାଜ୍ୟ ମାନଙ୍କ ସହଯୋଗ ଏକାନ୍ତ ଜରୁରୀ ବୋଲି କହିଛନ୍ତି । 'ନୂଆ ଭାରତ'ର ସ୍ୱପ୍ନ ସାକାର କରିବାକୁ ହେଲେ ବିଶ୍ୱସ୍ତରରେ

### ନୀତିଆୟୋଗ ବୈଠକ

ତ୍ୱରାନ୍ୱିତ କରିବାକୁ ରାଜ୍ୟ ସରକାରମାନଙ୍କୁ ଆହ୍ୱାନ ଦେଇଛନ୍ତି ପ୍ରଧାନମନ୍ତ୍ରୀ । ରାଷ୍ଟ୍ରପତି ଭବନରେ ଅନୁଷ୍ଠିତ ବୈଠକରେ ପ୍ରଧାନମନ୍ତ୍ରୀ ସମ୍ବୋଧିତ କରି କହିଛନ୍ତି, ରାଷ୍ଟ୍ରୀୟ ବିକାଶ ଏଜେଣ୍ଡା ଉପରେ କାର୍ଯ୍ୟ କରୁଛି ନୀତି ଆୟୋଗ । ୧୫ ବର୍ଷିଆ ଦୀର୍ଘ ମିଆଦୀ ଭିଜନ, ୭ ବର୍ଷିଆ ମଧ୍ୟବର୍ତ୍ତୀକାଳୀନ ରଣନୀତି ଏବଂ ୩ ବର୍ଷିଆ କାର୍ଯ୍ୟାନ୍ୱୟନ ଏଜେଣ୍ଡା ରହିଛି ଏଥିରେ । ଯାହା ଦେଶର ସବୁ ରାଜ୍ୟକୁ ଫାଇଦା ଦେଇପାରିବ । ନୀତି ଆୟୋଗ ନେଉଥିବା ପଦକ୍ଷେପକୁ ସଫଳ କରାଇବାକୁ ହେଲେ ସରକାର, ଘରୋଇ କ୍ଷେତ୍ର ଓ ନାଗରିକ ସମୂହ ମିଳିତ ଭାବେ କାର୍ଯ୍ୟ କରିବା





ପାଇଁ ମଧ୍ୟ ଆହ୍ୱାନ ଦେଇଛନ୍ତି ମୋଦି । ଏହାଦ୍ୱାରା ଦେଶର ଆର୍ଥିକ ବିକାଶ ହୋଇପାରିବ ବୋଲି କହିବା ସହ ପ୍ରଧାନମନ୍ତ୍ରୀ ଜିଏସ୍‌ଟିକୁ ଭାରତ ଇତିହାସର ସ୍ୱର୍ଣ୍ଣିମ ଅଧ୍ୟାୟ ବୋଲି ବର୍ଣ୍ଣନା କରିଥିଲେ । ସେ କହିଥିଲେ, ସଂଘିୟ ସହଭାଗିତାର ବଡ ଉଦାହରଣ ଭାବେ ଏହି ବିଲ୍ ବିଶ୍ୱକୁ ଏକ ସ୍ୱତନ୍ତ୍ର ବାର୍ତ୍ତା ଦେଇଛି । ରାଜନୈତିକ ଓ ଆଦର୍ଶଗତ ବିଭେଦତାକୁ ଦୂରେଇ ସମସ୍ତେ ଏହାକୁ ପାରିତ କରିବା ପାଇଁ ଏକଜୁଟ୍ ହୋଇଥିଲେ । ଏହା ହେଉଛି ଏକ ରାଷ୍ଟ୍ର ଓ ଏକ ସଂକଳ୍ପର ବାର୍ତ୍ତା । କେନ୍ଦ୍ରରେ ମୋଦି ସରକାର ଆସିବା ପରଠାରୁ ରାଜ୍ୟଗୁଡ଼ିକୁ ଅର୍ଥ ପ୍ରଦାନରେ ବୃଦ୍ଧି ଘଟିଥିବା ଦର୍ଶାଇଥିଲେ ପ୍ରଧାନମନ୍ତ୍ରୀ । ➤ ପୃ-୭

# ଭିନ୍ନମୋଡ଼ରେ ବାବୁଲା ନାଟକ

**ଭୁବନେଶ୍ୱର :** ରାଜ୍ୟ ରାଜନୀତିରେ ବାବୁଲା ଏବେ ନୂଆ ବିବାଦର ସୂତ୍ରଧର । ବାବୁଲାକୁ ନେଇ ଶାସକ ବିଜେଡି ଓ ବିଜେପି ମଧ୍ୟରେ କନ୍ଦଳ ଘନଉଛି । ସ୍ୱାଧୀନତା ସଂଗ୍ରାମୀ ଲକ୍ଷ୍ମୀ ଇନ୍ଦିରା ପଣ୍ଡାଙ୍କ ନାତି ବାବୁଲା ପଣ୍ଡା ନିଖୋଜ ହେବା ପରେ ଏହାକୁ ନେଇ ନାନା ରୋମାଞ୍ଚକର ତଥ୍ୟ ସାମ୍ନାକୁ ଆସିଛି । ଗତ ୧୬ ତାରିଖରେ ରାଜଭବନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲକ୍ଷ୍ମୀ ଇନ୍ଦିରାଙ୍କ ପରିବାରର ୩ଜଣ ସଦସ୍ୟଙ୍କୁ ସମ୍ମାନିତ କରିଥିଲେ । ସେମାନେ ହେଲେ ଲକ୍ଷ୍ମୀଙ୍କ ପୁଅ ସୁରେନ୍ଦ୍ର, ବୋହୂ ସୁଜାତା ଏବଂ ନାତି ବାବୁଲା । ସମ୍ବର୍ଦ୍ଧିତ ହେବା ପରେ ସୁରେନ୍ଦ୍ର ଜୟପୁରକୁ ଉଦ୍ଦିଷ୍ଟ ରେଳରେ ଫେରିଥିବା ବେଳେ ସୁଜାତା ଏବଂ ବାବୁଲା ଭିନ୍ନ ଟ୍ରେନ୍‌ରେ ଚଢ଼ି ପଥଭ୍ରଷ୍ଟ ହୋଇଥିବା ସମାଚାର ସମସ୍ତଙ୍କୁ ବିଚଳିତ କରିଥିଲା । ଏତିକିବେଳେ ବିଜେଡି ପକ୍ଷରୁ ଟାର୍ଗେଟ କରାଯାଇଥିଲା ବିଜେପିକୁ । ପରେ ବାଲେଶ୍ୱର



ଷ୍ଟେସନରୁ ସୁଜାତା ଉଦ୍ଧାର ହୋଇ ଜୟପୁର ଫେରିଥିବା ବେଳେ ମିଳିନଥିଲେ ବାବୁଲା । ଯାହାକୁ ନେଇ ନାନାପ୍ରକାର ଆଲୋଚନା, ତର୍କବିତର୍କ ରାଜନୈତିକ ଚର୍ଚ୍ଚାକୁ ଅଧିକ ଟାଣ କରିଥିଲା ।

ଘଟଣାପ୍ରକେ ମଞ୍ଚେଶ୍ୱର ଥାନା ଅଞ୍ଚଳର ବାବୁଲା ପଣ୍ଡାଙ୍କୁ ଚେତାଶୂନ୍ୟ ଅବସ୍ଥାରେ ଉଦ୍ଧାର କରାଯାଇଥିଲା । ➤ ପୃ-୭



## ଛାଟୁପତି ଉବାଚ

ଜନମ ଦିନରେ କାନ୍ଦନ୍ତି ସଭିଏଁ
ହୃଦରେ ଶରଧା ନାହିଁ
ଶରଧା ଟିକିଏ ଥିଲେ ମଧୁବାବୁ
(ଭାରତରତ୍ନ) ସମ୍ମାନ ପାଆନ୍ତେ ନାହିଁ ?
ଉଠ ହେ ଓଡ଼ିଆ ଭାଇ !
ଉତ୍କଳ ମାଆର ଅସଲ ସନ୍ତାନ
ହତାଦର ଆଜି କାହିଁ ?

- ପ୍ରତାପ

# ଶସ୍ତାରେ ମିଳିବ ସରକାରୀ ଏସି



**ନୂଆଦିଲ୍ଲୀ :** ଦେଶର ସାଧାରଣ ଲୋକଙ୍କ ପାଇଁ ଶସ୍ତାରେ ମିଳୁଥିବା କେନ୍ଦ୍ର ସରକାରଙ୍କ ଏଲ୍ଇଡଇ ବଲ୍ବ ଯୋଜନା ପରେ ଏବେ ପୁଣିଥରେ ଶସ୍ତାରେ ଉପଲବ୍ଧ ହୋଇପାରିବ ସରକାରୀ ଏସି। ଏହି ଏସି ବିକ୍ରି ପାଇଁ ସରକାରୀ ଯୋଜନା କରିଥିବା ଜଣାପଡିଛି। ଏଥିପାଇଁ ବିଦ୍ୟୁତ୍ ବିଭାଗ ସହ ପ୍ରାଥମିକ କଥାବାର୍ତ୍ତା କରାଯାଇଥିବା ସୂଚନା ମିଳିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ଏହି ଏସିର ଦେୟ ଇଏମ୍ଆଇରେ ପ୍ରଦାନ କରାଯାଇପାରିବ। ଏହାଦ୍ୱାରା ସବୁ ବର୍ଗର ଲୋକ ଏହାକୁ କ୍ରୟ କରିବାରେ ସମର୍ଥ ହେବେ। ସୂଚିତ ଯେ ବିଭିନ୍ନ ସରକାରୀ କାର୍ଯ୍ୟାଳୟ, ରେଲୱେ ଷ୍ଟେସନ, ଏଟିଏମ୍ ଆଦିରେ ଲଗାଯିବା ପାଇଁ ବିଦ୍ୟୁତ୍ ସଞ୍ଚୟକାରୀ ପ୍ରାୟ ୧ଲକ୍ଷ ଏସି ଏନର୍ଜି ଏଫିସିଏନ୍ସି ସର୍ଭିସେଜ୍ ଲିମିଟେଡ (ଇଇଏସ୍ଏଲ) ପକ୍ଷରୁ କିଣାଯାଇ ସାରିଛି। ସଂପ୍ରତି ବଜାରରେ ଉପଲବ୍ଧ ୫ ଷ୍ଟାର ଏସିର ରେଟିଂ ୩.୭ ରହିଥିବା ବେଳେ ୫.୩ ରେଟିଂର ପ୍ରଚଳନର ଆବଶ୍ୟକତା ରହିଛି ବୋଲି ଇଇଏସଏଲର ପ୍ରବନ୍ଧକ ନିର୍ଦ୍ଦେଶକ ସୌରଭ କୁମାର କହିଛନ୍ତି। ଏହି ଏସି ୪୦% ବିଦ୍ୟୁତ୍ ସଞ୍ଚୟ କରିବ। ଗ୍ରୀଷ୍ମ ପୂର୍ବରୁ ଏହି ଏସି ବିକ୍ରି ଆରମ୍ଭ କରାଯିବା ଉପରେ ଗୁରୁତ୍ୱାରୋପ କରାଯାଇଥିବା ବେଳେ ସେପ୍ଟେମ୍ବର ପୂର୍ବରୁ ଏହା ସମ୍ଭବ ନୁହେଁ ବୋଲି କୁହାଯାଉଛି। ତେଣୁ ଆସନ୍ତା ଗ୍ରୀଷ୍ମରେ ହିଁ ଲୋକେ ଏହାର ଫାଇଦା ଉଠାଇ ପାରିବ ବୋଲି ଆଶା କରାଯାଉଛି।

# ଜୁଲାଇରୁ ଚାଲିବ ଡବଲ-ଡେକର୍ 'ଉଦୟ'

**ନୂଆଦିଲ୍ଲୀ :** ଆସନ୍ତା ଜୁଲାଇରୁ ଡବଲ-ଡେକର ରାତ୍ରିକାଳୀନ ଏସି ଟ୍ରେନ୍ ଚଳାଇବା ପାଇଁ ଯୋଜନା କରିଛି ଭାରତୀୟ ରେଳବାଇ। 'ଉଦୟ' ନାଁରେ ନାମିତ ଏହି ଡବଲ ଡେକର ଏସି ଯାତ୍ରୀ ଏକ୍ସପ୍ରେସ୍ ସର୍ବାଧିକ ଚାହିଦା ରହୁଥିବା ରୁଟ୍‌ରେ ଚାଲୁ କରାଯିବ। ଏହି ଟ୍ରେନ୍‌ରେ ଭଡ଼ା ନିୟମିତ ଚଳାଚଳ କରୁଥିବା ମେଲ୍/ଏକ୍ସପ୍ରେସ୍ ଟ୍ରେନ୍‌ର ୩ ଏସି ଶ୍ରେଣୀରେ ନିଆଯାଉଥିବା ଯାତ୍ରୀ ଭଡ଼ାଠାରୁ କମ୍ ରହିବ। ଏହାର

> ୱାଇଫାଇ ଓ ଏଲ୍ଇଡି ଟିଭି ବ୍ୟବସ୍ଥା
>
> ଓଭରନାଇଟ୍ ଏସି ଟ୍ରେନ୍‌ରେ ୩-ଏସିରୁ ଭଡ଼ା କମ୍

କେତେକ ବ୍ୟସ୍ତବହୁଳ ରୁଟ୍‌ରେ ଚଳାଚଳ କରିବ। ୧୨୦ ସିଟ୍ ବିଶିଷ୍ଟ ଏହି ଏସି କୋଚ୍‌ରେ ଆରାମଦାୟକ ପୁନଃପରିଷ୍କାର କରାଯାଇପାରୁଥିବା ଚେୟାର ସଂଯୁକ୍ତ କରାଯାଇଛି। ଏହି ଟ୍ରେନ୍‌ରେ ଯାତ୍ରୀଙ୍କ ଲାଗି ବହୁସଂଖ୍ୟାରେ ସ୍ୱୟଂଚାଳିତ ଖାଦ୍ୟ ଏବଂ ଚା', ମୃଦୁପାନୀୟ ଭେଣ୍ଡିଂ ମେସିନ୍ ରହିବ। ଉଦୟ ଟ୍ରେନ୍ ସେବା ଦିଲ୍ଲୀ-ଲକ୍ଷ୍ନୌ ଭଳି ପ୍ରତ୍ୟେକ କୋଚ୍‌ରେ ୱାଇ-ଫାଇ ସ୍ପିକର ବ୍ୟବସ୍ଥା ଥିବା ବୃହତ୍ ଏଲ୍‌ସିଡି ସ୍କ୍ରିନ୍ ମଧ୍ୟ ରହିବ। ତେବେ ଡବଲ-ଡେକର ଉଦୟ ଏକ୍ସପ୍ରେସ୍‌ର ୟୁଏସ୍‌ପି ହେଉଛି ଏହା ୩ ଏସି ଶ୍ରେଣୀ ତୁଳନାରେ କମ୍ ଯାତ୍ରାଭଡ଼ା ନେଇ ଉତ୍ତମ ଯାତ୍ରୀସେବା ଯୋଗାଇବ ବୋଲି ରେଳ ମନ୍ତ୍ରାଳୟର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଏହି ଟ୍ରେନ୍‌ର ଯାତ୍ରୀ ପରିବହନ




କ୍ଷମତା ଅନ୍ୟ ଟ୍ରେନ୍ ତୁଳନାରେ ୪୦ ପ୍ରତିଶତ ଅଧିକ ରହିଛି। ଏଥିଯୋଗୁଁ ବ୍ୟସ୍ତବହୁଳ ରୁଟ୍‌ଗୁଡ଼ିକରେ ଯାତ୍ରାଭିଡ଼ କମାଇବାରେ ଏହା ସାହାଯ୍ୟ କରିବ। ଯାତ୍ରୀକାଳୀନ ସେବା ଯୋଗାଉଥିଲେ ମଧ୍ୟ ଏହି ଟ୍ରେନ୍‌ରେ ସ୍ଲିପର କୋଚ୍ ନାହିଁ। ତେବେ ଯାତ୍ରାକୁ କିଭଳି ଆରାମଦାୟକ କରାଯାଇପାରିବ, ସେଥିପାଇଁ ଏଥିରେ ବିଭିନ୍ନ ସେବାସଂଯୁକ୍ତ କରାଯାଇଥିବା ଅଧିକାରୀଜଣକ କହିଛନ୍ତି। ରାତ୍ରି ସମୟରେ ଯାତ୍ରା ପାଇଁ ଡବଲ-ଡେକରରେ ଆରାମଦାୟକ ସିଟ୍ ସହ ପର୍ଯ୍ୟାପ୍ତ ଲେଗ୍ ସ୍ପେଶ୍ ରଖାଯାଇଛି। ପ୍ରତ୍ୟେକ କୋଚ୍‌ରେ ରହିଥିବା ଫୁଟ୍ ଭେଣ୍ଡିଂ ବକ୍ସରୁ ପୂର୍ବରୁ ପ୍ରସ୍ତୁତ ଗରମ ଖାଦ୍ୟ ବ୍ୟବସ୍ଥା କରାଯାଇଥାଏ। ବ୍ୟସ୍ତବହୁଳ ରୁଟ୍‌ରେ ଏହି ଟ୍ରେନ୍‌ର ବେଗ ଘଣ୍ଟାପ୍ରତି ୧୧୦ କିଲୋମିଟର ରହିବ। ୨୦୧୬-୧୭ ରେଳ ବଜେଟ୍‌ରେ ସରକାର ଡବଲ-ଡେକର ଓଭରନାଇଟ୍ ଏସି ଟ୍ରେନ୍ ଚଳାଚଳ ସମ୍ପର୍କରେ ଘୋଷଣା କରିଥିଲେ।

# ଏବେ ହେବନି ଏକକ ଇଞ୍ଜିନିୟରିଂ ପ୍ରବେଶିକା ପରୀକ୍ଷା

ନୂଆଦିଲ୍ଲୀ : ଦେଶବ୍ୟାପୀ ଏକକ ଇଞ୍ଜିନିୟରିଂ ପ୍ରବେଶିକା ପରୀକ୍ଷା ଏବେ ହେବାର ନାହିଁ। ଏହି ଯୋଜନା ଉପରେ ରାଜ୍ୟ ସରକାରଙ୍କ ସର୍ବସମ୍ମତି ଆସିବା ପରେ ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ ବୋଲି ମାନବ ସମ୍ବଳ ବିକାଶ (ଏଚ୍ଆରଡି) ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଡାକ୍ତରୀ ପାଠ୍ୟକ୍ରମରେ ନାମଲେଖା ପାଇଁ ଦେଶବ୍ୟାପୀ ହେଉଥିବା ଏକକ ପ୍ରବେଶିକା ପରୀକ୍ଷା ଏନ୍ଇଇଟି ପରି ବୈଷୟିକ ପାଠ୍ୟକ୍ରମରେ ନାମଲେଖା ପାଇଁ ସମାନ ପ୍ରକାର ଏକକ ପ୍ରବେଶିକା ପରୀକ୍ଷା କରିବାକୁ ସର୍ବଭାରତୀୟ ବୈଷୟିକ ଶିକ୍ଷା ପରିଷଦ (ଏଆଇସିଟଇ) ଘୋଷଣା କରିଥିଲା। ତେବେ ଇଞ୍ଜିନିୟରିଂ ପାଠ୍ୟକ୍ରମରେ ନାମଲେଖା ପାଇଁ ଏକକ ପ୍ରବେଶିକା କରିବା ଲାଗି ରାଜ୍ୟ ସରକାରଗୁଡିକ ମଧ୍ୟରେ ସମ୍ମତି ଆସିପାରୁନାହିଁ।

# କୃଷି ଆୟ ଟିକସ ସପକ୍ଷରେ ଯୁକ୍ତି

**ନୂଆଦିଲ୍ଲୀ :** କୃଷି କାର୍ଯ୍ୟରେ ଯେଉଁମାନେ ବିପୁଳ ପରିମାଣର ଆୟ କରୁଛନ୍ତି ସେମାନଙ୍କ ଉପରେ ଟିକସ ଲଗାଇବା ସପକ୍ଷରେ ଯୁକ୍ତି ବାଢ଼ିଛନ୍ତି ନୀତି ଆୟୋଗ ସଦସ୍ୟ ବିବେକ ଦେବରାୟ। ଏହା ଫଳରେ ରାଜ୍ୟର ରାଜସ୍ୱ ବୃଦ୍ଧିରେ ସହାୟକ ହେବ ବୋଲି ସେ କହିଛନ୍ତି। ଏବେ କୃଷି ଆୟ ଉପରେ କୌଣସି କର ଲାଗୁ ହେଉନାହିଁ। ଏହି କ୍ଷେତ୍ରରେ କର ଲାଗୁ ହେବା ଦ୍ୱାରା ବ୍ୟକ୍ତିଗତ ଆୟର ପରିସୀମା ବୃଦ୍ଧି ହେବ। ଏହାଦ୍ୱାରା ମିଳିବାକୁ ଥିବା ରାଜସ୍ୱ ଦ୍ୱାରା ସାମାଜିକ କ୍ଷେତ୍ରର ବିକାଶ ପାଇଁ ପାଣ୍ଠି ସଂଗ୍ରହ ହୋଇପାରିବ। ଶ୍ରୀ ଦେବରାୟ ବ୍ୟକ୍ତିଗତ ଆୟକର ଉପରେ ମିଳୁଥିବା ସମସ୍ତ ପ୍ରକାର ରିଆତିକୁ ଶେଷ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ।



ଗ୍ରାମାଞ୍ଚଳ କ୍ଷେତ୍ରକୁ ମଧ୍ୟ ଆୟକର ପରିସରଭୁକ୍ତ କରାଯିବା ଉଚିତ। ଏହି ଅନୁସାରେ ଏକ ନିର୍ଦ୍ଦିଷ୍ଟ ସୀମାରୁ ଅଧିକ କୃଷି ଆୟ ଉପରେ କର ଲାଗୁ ହେବାର ଅବଶ୍ୟକତା ରହିଛି। ତେବେ ଏହି ସୀମା ନିର୍ଦ୍ଧାରଣ ପାଇଁ ଗୋଟିଏ ବର୍ଷକୁ ହିସାବ ନ ନେଇ ୩ କିମ୍ବା ୫ ବର୍ଷର ହାରାହାରି ବାହାର କରାଯିବା ଉଚିତ। ସେହିପରି ଗ୍ରାମାଞ୍ଚଳ ମଧ୍ୟରେ କର ଲାଗୁ ନେଇ ରହିଥିବା ତାରତମ୍ୟକୁ ଶେଷ କରାଯିବା ଉପରେ ଶ୍ରୀ ଦେବରାୟ ଗୁରୁତ୍ୱାରୋପ କରିଥିଲେ। ଶ୍ରୀ ଦେବରାୟ କହିଛନ୍ତି ଯେ କୃଷି ଆୟ ଉପରେ ଟିକସ ଲଗାଇଲେ ଦେଶର ରାଜସ୍ୱ ସ୍ଥିତିରେ ଉନ୍ନତି ହେବା ସହିତ ସାମାଜିକ କଲ୍ୟାଣମୂଳକ କ୍ଷେତ୍ର ପାଇଁ ଅଧିକ ପାଣ୍ଠି ଉପଲବ୍ଧ ହୋଇପାରିବ। ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ରହିଥିବା ଅବାସ୍ତବ ପ୍ରଭେଦ ଉପରେ ମୁଁ ବିଶ୍ୱାସ କରେନାହିଁ ବୋଲି ସେ କହିଥିଲେ। ଆୟକର କ୍ଷେତ୍ରରେ ସହରାଞ୍ଚଳରେ ଯେଉଁ ବ୍ୟବସ୍ଥା ରହିଛି ସମାନ ବ୍ୟବସ୍ଥା ଗ୍ରାମାଞ୍ଚଳରେ ଲାଗୁ କରାଯିବା ଦରକାର ବୋଲି ସେ କହିଥିଲେ।

# ଅଧିକ ଉପଗ୍ରହ ପ୍ରେରଣ କରିବ ଇସ୍ରୋ



**ହାଇଦ୍ରାବାଦ :** ଇଣ୍ଡିଆନ୍ ସ୍ପେସ୍ ରିସର୍ଚ୍ଚ ଅର୍ଗାନାଇଜେସନ୍ 'ଇସ୍ରୋ' ବାର୍ଷିକ ଉତ୍କ୍ଷେପଣ ସଂଖ୍ୟା ବୃଦ୍ଧି କରିବାକୁ ଉଦ୍ୟମ କରୁଛି। ବର୍ତ୍ତମାନ ବର୍ଷକୁ ୭ଟି ଉତ୍କ୍ଷେପଣ କରାଯାଉଥିବା ବେଳେ ଅଧିକ ଉପଗ୍ରହ ନିର୍ମାଣ କରି ଏହି ଉତ୍କ୍ଷେପଣ ସଂଖ୍ୟା ୧୨କୁ ବୃଦ୍ଧି କରାଯିବ। ଏହାଦ୍ୱାରା ମହାକାଶ କାର୍ଯ୍ୟକ୍ରମରେ ହେଉଥିବା ଖର୍ଚ୍ଚ ହ୍ରାସ କରାଯାଇପାରିବ। ଏ ସମ୍ପର୍କରେ ଇସ୍ରୋର ଅଧକ୍ଷ ଏଏସ୍ କିରଣ କୁମାର କହନ୍ତି, ପୂର୍ବରୁ ପ୍ରତିବର୍ଷ ୨ରୁ ୩ଟି ମହାକାଶଯାନ ପ୍ରେରଣ କରାଯାଉଥିଲା। ତା'ପରେ ଏହାକୁ ୪ରୁ ୫ଟିକୁ ବୃଦ୍ଧି କରାଗଲା। ଏହି କିଛିବର୍ଷ ହେଲା ବର୍ଷକୁ ୭ଟି ମହାକାଶଯାନ ଅନ୍ତରୀକ୍ଷକୁ ପ୍ରେରଣ କରାଯାଉଛି। ବର୍ତ୍ତମାନ ୮ରୁ ୯ଟି ପିଏସ୍ଏଲ୍ଭି, ଦୁଇଟି ଜିଏସ୍ଏଲ୍ଭି-ଏମ୍‌କେ ୨ ଏବଂ ଗୋଟିଏ ଜିଏସ୍ଏଲ୍ଭି-ଏମ୍‌କେ ୩ ଏଭଳି ସମୁଦାୟ ୧୨ଟି ମହାକାଶଯାନ ଛାଡିବାକୁ ଉଦ୍ୟମ ହେଉଛି। ସ୍ପେସ୍ ଏଜେନ୍ସି ଏକ ଦ୍ୱିତୀୟ 'ଭେଇକିଲ୍ ଆସେମ୍ବ୍ଲି ବିଲ୍ଡିଂ' ନିର୍ମାଣ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇପାରିବ ଏବଂ ଲଞ୍ଚପ୍ୟାଡରୁ ଇସ୍ରୋ ଅଧିକ ଉତ୍କ୍ଷେପଣ କରିପାରିବ। ସ୍ପେସ୍ ଷ୍ଟେଶନ ନିର୍ମାଣ ପ୍ରସ୍ତାବକୁ ଏଯାଏ ଅନୁମୋଦନ ମିଳିନାହିଁ। ଆସନ୍ତା ବର୍ଷର ପ୍ରଥମ ତିନିମାସ ମଧ୍ୟରେ ଚାନ୍ଦ୍ରଯାନ-୨ ମିଶନ୍ ଆରମ୍ଭ କରିବାକୁ ଇସ୍ରୋ ଯୋଜନା ରଖିଥିବା କିରଣ କୁମାର ପ୍ରକାଶ କରିଥିଲେ। ଚାନ୍ଦ୍ରଯାନ-୨ ସମ୍ପୂର୍ଣ୍ଣ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ। ଏଥିରେ ରୁଷିଆ ଆଦୌ ସହଯୋଗ କରିନାହିଁ। ଏହାର ପ୍ରସ୍ତୁତି ବିଭିନ୍ନ ପ୍ରକାର ଥ୍ରଷ୍ଟ ଇଞ୍ଜିନ, ଲ୍ୟାଣ୍ଡର ଏବଂ ରୋଭର ଆଦିର କାର୍ଯ୍ୟ ଜାରି ରହିଛି। ଏହାର ଉତ୍କ୍ଷେପଣ ଖୁବ୍‌ଶୀଘ୍ର କରାଯିବ ବୋଲି ସେ କହିଛନ୍ତି।

# କାଶ୍ମୀର ଉପତ୍ୟକାରେ ଉସୁକାଉଛି ପାକିସ୍ତାନ

**ଶ୍ରୀନଗର :** ଜାମ୍ମୁ-କାଶ୍ମୀରେ ବିଚ୍ଛିନ୍ନତାବାଦୀମାନେ ଯୁବକ ଓ ଛାତ୍ରଛାତ୍ରୀମାନଙ୍କୁ ଆୟୁଧ କରି ହିଂସାକାଣ୍ଡ ସୃଷ୍ଟି କରିଚାଲିଛନ୍ତି। ଏହି ପରିପ୍ରେକ୍ଷୀରେ ପାକିସ୍ତାନ କାଶ୍ମୀରର ଯୁବ ଶ୍ରେଣୀଙ୍କୁ ଭାରତ ବିରୋଧୀ ଅଭିଯାନରେ ଅଧିକ ସଂଖ୍ୟାରେ ସାମିଲ କରିବାକୁ ଉଦ୍ୟମ ଚଳାଇଛି। ଏହି ଯୁବକମାନଙ୍କୁ ପ୍ରବର୍ତ୍ତାଇବା ପାଇଁ ଆତଙ୍କବାଦ ବିଶାରଦମାନଙ୍କୁ ପାକିସ୍ତାନ କାଶ୍ମୀରକୁ ପଠାଉଥିବା ଗୋଇନ୍ଦା ରିପୋର୍ଟରୁ ଜଣାପଡିଛି। ଏମାନେ ଯୁବକମାନଙ୍କ ବ୍ରେନ୍‌ୱାସ୍ କରି ସେମାନଙ୍କୁ ଭାରତ ବିରୋଧୀ କାର୍ଯ୍ୟକଳାପ ପାଇଁ ପ୍ରବର୍ତ୍ତାଉଛନ୍ତି। ପାକିସ୍ତାନର ଏହି ନୂଆ ଚାଲରୁ ସୂଚନା ମିଳୁଛି ଯେ ଇସ୍‌ଲାମାବାଦ ଭାରତରେ ଅସ୍ଥିରତା ସୃଷ୍ଟି କରିବା ପାଇଁ ତା'ର ଯବାନଙ୍କ ଅପେକ୍ଷା ଏହି ଆତଙ୍କବାଦ ବିଶାରଦମାନଙ୍କ ଉପରେ ଅଧିକ ଆସ୍ଥା ସ୍ଥାପନ କରୁଛି। ମିଳିଥିବା ସୂଚନା ଅନୁସାରେ ଏମାନଙ୍କୁ ଗୋଟିଏ ନିର୍ଦ୍ଦେଶ ମିଳିଛି ଯେ ସେମାନେ ଯେତେ ଅଧିକସଂଖ୍ୟାରେ ଯୁବକମାନଙ୍କୁ



ପ୍ରବର୍ତ୍ତାଇ ପାରିବେ ସେମାନଙ୍କୁ ଅସ୍ୱଧାରଣ କରିବା ପାଇଁ ଉଦ୍‌ବୃଦ୍ଧ କରିବାକୁ ମଧ୍ୟ କୁହାଯାଇଛି। ନିକଟରେ ଗୋଇନ୍ଦାସଂସ୍ଥା ପକ୍ଷରୁ ଏ ସଂକ୍ରାନ୍ତରେ କରାଯାଇଥିବା ଏକ ସର୍ଭେରୁ ଜଣାପଡିଛି ଯେ ଜାମ୍ମୁ-କାଶ୍ମୀରରେ ଏବେ ୧୫୦ ପାକ୍ ତାଲିମ୍‌ପ୍ରାପ୍ତ ଆତଙ୍କବାଦୀ ଅପରେଟ୍ କରୁଛନ୍ତି। ସେମାନଙ୍କ ମଧ୍ୟରୁ ୪୦ ରୁ ୫୦ ଆତଙ୍କବାଦୀ ଏହି ସମୟ ମଧ୍ୟରେ ଗୁଳିଟିଏ ବି ଫୁଟାଇ ନାହାନ୍ତି। କାରଣ ଏମାନେ ଆତଙ୍କୀ ତତ୍ତ୍ୱବିତ୍ ପାଲଟିଛନ୍ତି। ସେମାନେ କେବଳ ଯୁବକମାନଙ୍କ ମଧ୍ୟରେ ଭାରତ ବିରୋଧୀ ମନୋଭାବ ସୃଷ୍ଟି କରୁଛନ୍ତି। ଅଧିକ ସଂଖ୍ୟାରେ ଯୁବକମାନଙ୍କୁ ଆତଙ୍କୀ ନେଟ୍‌ୱାର୍କରେ ସାମିଲ କରୁଛନ୍ତି। ସୁରକ୍ଷାକର୍ମୀମାନଙ୍କ ବିରୋଧରେ ଯିବା ପାଇଁ ଏମାନଙ୍କୁ ଉସୁକାଉଛନ୍ତି। ଜଣେ ସୁରକ୍ଷା ଅଧିକାରୀଙ୍କ ମତକୁ ଆଧାର କରି ଏହି ରିପୋର୍ଟରେ କୁହାଯାଇଛି 'ସେମାନେ ଅନୁଭବ କରୁଛନ୍ତି ଯେ ଆତଙ୍କବାଦୀ କାର୍ଯ୍ୟକଳାପରେ ରିସ୍କ ରହିଛି। ଏହା ପରିବର୍ତ୍ତେ ଯୁବକମାନଙ୍କୁ ଏଭଳି କାର୍ଯ୍ୟ ପାଇଁ ପ୍ରବର୍ତ୍ତାଇବା ଯଥେଷ୍ଟ ହେବ ବୋଲି ସେମାନେ ବିଚାରୁଛନ୍ତ।' ଏବେ ଜାମ୍ମୁ-କାଶ୍ମୀରରେ ଯୁବକମାନେ ଦିନକୁ ଦିନ ଅଧିକ ସଂଖ୍ୟାରେ ବିକ୍ଷୋଭରେ ସାମିଲ ହେଉଛନ୍ତି ଓ ସୁରକ୍ଷାକର୍ମୀଙ୍କ ଉପରେ ଟେକା ପଥର ମାଡ କରୁଛନ୍ତି। ଗତ ୨ ସପ୍ତାହ ଧରି ଛାତ୍ରମାନେ ଏହି ଧାରାକୁ ଆପଣାଇ ସୁରକ୍ଷାକର୍ମୀଙ୍କ ଉପରେ ପଥର ମାଡ କରିବା ଦେଖାଯାଉଛି। ଏହାଦ୍ୱାରା ଆତଙ୍କବାଦୀମାନେ ହମ୍‌ଲା କରି ଖସିଯିବାକୁ ସୁଯୋଗ ପାଉଛନ୍ତି। ଗତ ଏକବର୍ଷ ମଧ୍ୟରେ ଅନ୍ୟୁନ ୨୫ଜଣ ଆତଙ୍କବାଦୀ ଏହିଭଳି ଖସି ଯାଇଥିବା ସୁରକ୍ଷା ବାହିନୀ ପକ୍ଷରୁ କୁହାଯାଇଛି। କେବଳ ସେତିକି ନୁହେଁ ସ୍ଥାନୀୟ ଯୁବକଙ୍କୁ ଆତଙ୍କୀ ନେଟ୍‌ୱାର୍କରେ ସାମିଲ କରାଯିବା ଯୋଗୁ ସ୍ଥାନୀୟ ଆତଙ୍କବାଦୀଙ୍କ ସଂଖ୍ୟା ତୁଳନାତ୍ମକ ଭାବେ ବୃଦ୍ଧି ପାଉଛି। ଗତବର୍ଷ ଜୁଲାଇ ୮ରେ ହିଜ୍‌ବୁଲ୍ ମୁଜାହିଦ୍ଦିନର ସ୍ଥାନୀୟ କମାଣ୍ଡର ବୁର୍‌ହାନ୍ ୱାନି ନିହତ ହେବା ପରଠାରୁ ସ୍ଥାନୀୟ ଆତଙ୍କୀ ସଂଖ୍ୟା ୯୧ରେ ପହଞ୍ଚିଥିଲା ବେଳେ ପାକ୍ ଆତଙ୍କୀଙ୍କ ସଂଖ୍ୟା ୭୦ ବୋଲି ଗୋଇନ୍ଦା ରିପୋର୍ଟରୁ ଜଣାପଡିଛି।

# ଜେଇଇ ରେଜଲ୍ଟ : କଳ୍ପିତ ଟପ୍ପର

**ଉଦୟପୁର :** ଇଞ୍ଜିନିୟରିଂ ପାଠ୍ୟକ୍ରମରେ ନାମଲେଖା ଲାଗି ସର୍ବଭାରତୀୟସ୍ତରରେ ଅନୁଷ୍ଠିତ 'ଜେଇଇ ମେନ୍' ପରୀକ୍ଷାଫଳ ପ୍ରକାଶ ପାଇଛି। ଚଳିତବର୍ଷ ଜେଇଇ ମେନ୍‌ରେ ରାଜସ୍ଥାନ ଉଦୟପୁରର ଛାତ୍ର କଳ୍ପିତ ବୀରବଲ ସାରାଦେଶର ଟପ୍ପର ହୋଇଛନ୍ତି। ମୋଟ ୩୬୦ ମାର୍କ ମଧ୍ୟରୁ ୩୬୦ ମାର୍କ ରଖି ଇତିହାସ ସୃଷ୍ଟି କରିଛନ୍ତି। କଳ୍ପିତଙ୍କ ପିତା ପୁଷ୍କର ବୀରବଲ ଉଦୟପୁରର ଏକ ସରକାରୀ ହସ୍ପିଟାଲରେ କମ୍ପାଉଣ୍ଡର ଭାବରେ କାର୍ଯ୍ୟରତ ଏବଂ ମା' ପୁଷ୍ପା ବୀରବଲ ସରକାରୀ ସ୍କୁଲରେ ଶିକ୍ଷୟିତ୍ରୀ ଅଛନ୍ତି। ତାଙ୍କ ବଡ଼ଭାଇ ଏମ୍‌ସରେ ଅଧ୍ୟୟନ କରୁଛନ୍ତି।

# ପଦ୍ମମୟ ଦିଲ୍ଲୀଦୁର୍ଗ

**ନୂଆଦିଲ୍ଲୀ :** ଦିଲ୍ଲୀ ମହାନଗର ନିଗମ (ଏମ୍‌ସିଡି)କୁ ପୁଣି ନିଜ ଦଖଲକୁ ନେଇଛି ବିଜେପି। କେବଳ ସେତିକି ନୁହେଁ, ଗତଥର ଅପେକ୍ଷା ଏଥର ଅଧିକ ଆସନକୁ ହାତେଇବାରେ ସକ୍ଷମ ହୋଇଛି ଦଳ। ଗତ ନିର୍ବାଚନରେ ଏଠାରେ ଦଳ ୧୩୮ଟି ଆସନ ଲାଭ କରିଥିବା ବେଳେ ଚଳିତଥର ୧୮୧ ଆସନରେ ବାଜିମାତ କରିଛି। ଏମିତିକି ଦିଲ୍ଲୀର ଶାସକ ଦଳ ଆମ୍ ଆଦ୍‌ମୀ ପାର୍ଟି (ଆପ୍)ର ୪୦ ଜଣ ପ୍ରାର୍ଥୀ ଅମାନ ହରାଇଥିବା ବେଳେ କଂଗ୍ରେସର ୯୦ ଜଣ ପ୍ରାର୍ଥୀ ନିଜ ସତ୍ତା ହରାଇଛନ୍ତି। ୧୦ ବର୍ଷ ଧରି ଭାଜପା ଦଖଲରେ ଥିବା ଏମ୍‌ସିଡିର ୩ ନିଗମରେ ରବିବାର ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଉତ୍ତର (ଏନ୍‌ଡିଏମ୍‌ସି)ର ୧୦୩, ଦକ୍ଷିଣ (ଏସ୍‌ଡିଏମ୍‌ସି)ର ୧୦୪ ଏବଂ ପୂର୍ବ (ଇଡିଏମ୍‌ସି)ର ୬୩ଟି ୱାର୍ଡର ଫଳାଫଳ ପ୍ରକାଶ ପାଇଛି। ସେଥିମଧ୍ୟରୁ ବିଜେପିକୁ ବିଜେପି ଏସ୍‌ଡିଏମ୍‌ସିରୁ ୭୦, ଏନ୍‌ଡିଏମ୍‌ସିରୁ ୬୪ ଓ ଇଡି,ମ୍‌ସିରୁ ୪୭ଟି ଆସନ ହାସଲ କରିଛି। ଆପ୍‌କୁ ଏହି ୩ଟି ନିଗମର ଯଥାକ୍ରମେ ୧୬, ୨୧ ଓ ୧୧ଟି ୱାର୍ଡରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ସେହିପରି କଂଗ୍ରେସ ମାତ୍ର ୧୨, ୧୫ ଓ ୩ ୱାର୍ଡରେ ସୀମିତ ରହିଛି।

## ଗୋ-ଚାଲାଣ ରୋକିବାକୁ ବଡ଼ ପଦକ୍ଷେପ

# ଗୋରୁଙ୍କ ପାଇଁ ଆଧାର କାର୍ଡ଼

**ନୂଆଦିଲ୍ଲୀ :** ଗୋହତ୍ୟା ଓ ଗୋରକ୍ଷା ବିବାଦକୁ ନେଇ ସାରା ଦେଶରେ ବିତର୍କ ଲାଗି ରହିଥିବା ବେଳେ ଗୋରୁଙ୍କ ପାଇଁ ଆଧାର କାର୍ଡ ପ୍ରସ୍ତୁତ କରିବାକୁ କେନ୍ଦ୍ର ସରକାର ଚିନ୍ତା କରୁଛନ୍ତି। ଆଧାର ଶୈଳୀରେ ଗୋରୁଙ୍କ ଏକକ ପରିଚୟ ସଂଖ୍ୟା ଜାରି କରିବା ନେଇ ସରକାର ସୁପ୍ରିମ୍‌କୋର୍ଟଙ୍କୁ ଏକ ପ୍ରସ୍ତାବ ଦେଇଥିବା ଜଣାପଡିଛି। ଗୋସୁରକ୍ଷା ପାଇଁ 'ଅଖିଳ ଭାରତ କୃଷି ଗୋସେବା' ନାମକ ଏକ ସଂଗଠନ ପକ୍ଷରୁ ସୁପ୍ରିମକୋର୍ଟରେ ଏକ ପିଟିଶନ ଦାଏର କରାଯାଇଥିଲା। ବାଂଲାଦେଶ ସୀମା ଦେଇ ବ୍ୟାପକ ଗୋରୁ ଚାଲାଣ କରାଯାଉଥିବାରୁ ତାକୁ ରୋକିବା ପାଇଁ ପଦକ୍ଷେପ ନେବା ଲାଗି ଆବେଦନରେ ଉଲ୍ଲେଖ କରାଯାଇଛି। ପ୍ରଧାନ ବିଚାରପତି ଜେ.ଏସ୍ ଖେହରଙ୍କ ଅଧକ୍ଷତାରେ ଗଠିତ ଖଣ୍ଡପୀଠ ମଙ୍ଗଳବାର ଉକ୍ତ ପିଟିଶନର ଶୁଣାଣି କରିବେ। ସର୍ବୋଚ୍ଚ ଅଦାଲତଙ୍କୁ କେନ୍ଦ୍ର ଦେଇଥିବା ପ୍ରସ୍ତାବ ଅନୁସାରେ ଦେଶର ପ୍ରତ୍ୟେକ ଗାଈ ଓ ସେଗୁଡିକର ବାଛଉରୀଙ୍କୁ ଠାବ କରିବା ପାଇଁ ୟୁନିକ୍ ଆଇଡେଣ୍ଟିଫିକେସନ ନମ୍ବର (ୟୁଆଇଏନ୍) ଦିଆଯିବ। ଏହାସହ ଗାଈ କ୍ଷୀର ଦେବା ବନ୍ଦ କରିଦେଲେ ବି ସେଗୁଡିକର ସ୍ୱତନ୍ତ୍ର ସେବାଯତ୍ନ କରାଯିବ। ଏଥିପାଇଁ ଦୁରବସ୍ଥାରେ ଥିବା କୃକେଙ୍କ ଲାଗି ଏକ ଯୋଜନା ଆରମ୍ଭ କରାଯିବ। ଭାରତ-ବାଂଲାଦେଶ ସୀମାନ୍ତ ଅଞ୍ଚଳରେ ଚାଲିଥିବା ଗୋରୁ ଚାଲାଣ ରୋକିବା ପାଇଁ ପଦକ୍ଷେପ ନିଆଯାଉଥିବା ବିଷୟ ମଧ୍ୟ ଉକ୍ତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଯୁଗ୍ମ ସଚିବଙ୍କ ଅଧକ୍ଷତାରେ ଗଠିତ ଏକ କମିଟି ପକ୍ଷରୁ କରାଯାଇଥିବା ସୁପାରିସ ଆଧାରରେ ସରକାର ଏହି ପ୍ରସ୍ତାବ ଦେଇଛନ୍ତି। ପ୍ରସ୍ତାବ ଅନୁସାରେ ଦେଶର ପ୍ରତ୍ୟେକ ଜିଲ୍ଲାରେ ଗୋଟିଏ ଲେଖାଏ ଗୋରୁ ଆଶ୍ରୟସ୍ଥଳୀ ନିର୍ମାଣ କରାଯିବ। ସେଠାରେ ଅନ୍ୟୁନ ୫୦୦ ଅବହେଳିତ ଓ ବୁଲା ଗୋରୁଙ୍କୁ ରଖାଯିବ। ଏହାଦ୍ୱାରା ଗୋରୁ ଚାଲାଣ ରୋକାଯାଇପାରିବ। ପୂର୍ବରୁ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ



ଗୋରୁଙ୍କ କାନ ଭିତର ପଟେ ଗୋଟିଏ ଲେଖାଏ ୧୨ ଅଙ୍କ ବିଶିଷ୍ଟ ଏକକ ପରିଚୟ ସଂଖ୍ୟାର ଏକ ଟ୍ୟାଗ୍ ସଂଲଗ୍ନ କରାଯିବ। ଏଥିପାଇଁ ପ୍ରାଣୀ ପାଳନ ବିଭାଗ ବିଶେଷଜ୍ଞମାନଙ୍କୁ ଦାୟିତ୍ୱ ନ୍ୟସ୍ତ କରିଛି। ଏଥିପାଇଁ ପ୍ରାୟ ୧ଲକ୍ଷ ଟେକ୍ନିସିଆନ୍‌ଙ୍କୁ ୫୦ ହଜାର ଟାବଲେଟ୍ ଦିଆଯାଇଛି। ସେମାନେ ଗୋଟିଏ ଲେଖାଏ ହଳଦିଆ ରଙ୍ଗର ହାଲୁକା ପୋଲିୟରେଥେନ୍ ଟ୍ୟାଗ ପ୍ରସ୍ତୁତ କରି ଗୋରୁଙ୍କ କାନ ମଝିରେ ଲଗାଇବେ। ଏଭଳି ପ୍ରତି ଟ୍ୟାଗ୍‌ର ମୂଲ୍ୟ ହେଉଛି ୮ ଟଙ୍କା। ଗୋଟିଏ ଗାଈର କାନରେ ଥରେ ଟ୍ୟାଗ୍ ସଂଯୋଗ କରାଗଲେ ଟେକ୍ନିସିଆନ୍ ଟାବଲେଟ୍ ବ୍ୟବହାର କରି ଅନ୍‌ଲାଇନ୍‌ରେ ତା'ନମ୍ବର ଅପ୍‌ଡେଟ୍ କରିପାରିବେ। ଏହାସହ ସମ୍ପୃକ୍ତ ଗୋରୁ ମାଲିକଙ୍କୁ 'ପ୍ରାଣୀ ସ୍ୱାସ୍ଥ୍ୟ କାର୍ଡ' ପ୍ରାନ କରାଯିବ। ସେଥିରେ ୟୁଆଇଡି ନମ୍ବର, ଗୋରୁ ମାଲିକଙ୍କ ବିବରଣୀ, ଗୋରୁର ସ୍ୱାସ୍ଥ୍ୟ, ପ୍ରଜନନ ଓ ତାକୁ ଦିଆଯାଉଥିବା ଟିକା ସମ୍ପର୍କିତ ସୂଚନା ଉଲ୍ଲେଖ କରାଯିବ। ଏହାଦ୍ୱାରା ଗୋରୁର ଅବସ୍ଥିତି ଜଣାପଡିବା ସହ ଉପଯୁକ୍ତ ସମୟରେ ତାର ଯତ୍ନ ଦିଆଯାଇପାରିବ। ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଲେ ୨୦୨୨ ସୁଦ୍ଧା କୃଷକଙ୍କ ଆୟକୁ ଦ୍ୱିଗୁଣିତ କରାଯିବା ପାଇଁ ରଖାଯାଇଥିବା ଲକ୍ଷ୍ୟ ହାସଲ କରାଯାଇପାରିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଡିଜିଟାଲ ଅଭିଯାନକୁ ସଫଳ କରିବା ପାଇଁ କେନ୍ଦ୍ର ଏହି ଯୋଜନାରେ ଚଳିତବର୍ଷ ଦେଶର ୮୮ ନିୟୁତ ଗାଈ ଓ ମଇଁଷିଙ୍କୁ ଏଭଳି ନମ୍ବର ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଏଥିପାଇଁ ୧୪୮ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି।

# ଆମେରିକାକୁ ଟପିବ ଭାରତ

**ୱାସିଂଟନ୍ :** ଆସନ୍ତା ୫-୧୦ ବର୍ଷ ମଧ୍ୟରେ ଆମେରିକାଠାରୁ ଢେର ଆଗକୁ ଚାଲିଯିବ ଭାରତ। କେବଳ ଆମେରିକା ନୁହେଁ, ବରଂ ଅନେକ ପାଶ୍ଚାତ୍ୟ ଦେଶକୁ ବଳିଯିବ ଭାରତ। ଏମିତି ଆକଳନ କରିଛନ୍ତି ସ୍ୱିଜରଲାଣ୍ଡର ବିଶିଷ୍ଟ ନିବେଶକ ତଥା ଗ୍ଲୁମ୍, ବୁମ୍ ଓ ଡୁମ୍ ରିପୋର୍ଟର ସମ୍ପାଦକ ଏବଂ ପ୍ରକାଶକ ମାର୍କ ଫେବର୍। ଏକ ସାକ୍ଷାତକାରରେ ସେ କହିଛନ୍ତି ଯେ ଭାରତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନୂଆ ସରକାର ସଂସ୍କାରମୂଳକ ପଦକ୍ଷେପ ନେଉଛନ୍ତି। ଏମିତିକି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ତୁଳନାରେ ବି ମୋଦି ଭଲ ପଦକ୍ଷେପ ଗ୍ରହଣ କରୁଛନ୍ତି। ଆଗକୁ ମଧ୍ୟ ଟ୍ରମ୍ପଙ୍କଠାରୁ ମୋଦି ଉନ୍ନତ ସଂସ୍କାର ଆଣିବେ। ତାଙ୍କ ମତରେ ଭାରତ ଭଳି ବିକାଶଶୀଳ ରାଷ୍ଟ୍ରଗୁଡ଼ିକ ଏବେ ବିଶ୍ୱ ଅର୍ଥନୀତିକୁ ନେଇ ବେଶ ଯତ୍ନଶୀଳ। ଟଙ୍କା ମୂଲ୍ୟରେ ସ୍ଥିରତା ଆଣିବାରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ)ର ପୂର୍ବତନ ଗଭର୍ଣ୍ଣର ରଘୁରାମ ରାଜନ୍ ଓ ବର୍ତ୍ତମାନର ଗଭର୍ଣ୍ଣର ଉର୍ଜିତ୍ ପଟେଲ ସମର୍ଥ ହୋଇଛନ୍ତି। ଡଲାର ତୁଳନାରେ ଟଙ୍କାର ବିନିମୟ ମୂଲ୍ୟ ବଢ଼ିବା ଯୋଗୁଁ ଭାରତୀୟ ବଜାର ୧୮% ଅଭିବୃଦ୍ଧି ଦେଖିଛି। ଏଥିଯୋଗୁଁ ବିଦେଶୀ ନିବେଶକମାନେ ଭାରତ ପ୍ରତି ଆକର୍ଷିତ ହେବେ। ଆସନ୍ତା ୧୦-୨୦ ବର୍ଷ ମଧ୍ୟରେ ଭାରତ ବର୍ଷକୁ ୫-୭% ଅଭିବୃଦ୍ଧି ହାସଲ କରିବ, ଯାହାକି ଆମେରିକା ଓ ୟୁରୋପଠାରୁ ତୁଳନାତ୍ମକ ଭାବେ ଢ଼େର ଅଧିକ ହେବ। ସେହିପରି ୫-୧୦ ବର୍ଷରେ ଆମେରିକା ଭାରତକୁ ଅତିକ୍ରମ କରିଯିବ ବୋଲି ଫେବର୍ କହିଛନ୍ତି।





# ରବି ଧାନ ସଂଗ୍ରହ ଆରମ୍ଭ

## ଲକ୍ଷ୍ୟ ୬୦ ଲକ୍ଷ ମେଟ୍ରିକ୍ ଟନ୍

## ବେପାରୀ ଓ ଦଲାଲଙ୍କ ଉପରେ ସତର୍କ ନଜର

**ଭୁବନେଶ୍ୱର :** ମେ' ୧ରୁ ଚାଷୀଙ୍କ ଠାରୁ ଧାନ ସଂଗ୍ରହ ଆରମ୍ଭ ହୋଇଛି। ଏହା ଜୁନ୍ ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଖରିଫ ଓ ରବିକୁ ମିଶାଇ ମୋଟ ୬୦ ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ ଲାଗି ନିଷ୍ପତ୍ତି ନିଆଯାଇଛି। ଖରିଫରେ ୪୨ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ କରାଯାଇଛି। ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ସଚିବାଳୟରେ ଅନୁଷ୍ଠିତ ବୈଠକରେ ରବି ଧାନ ସଂଗ୍ରହ ନେଇ ଆଲୋଚନା ହୋଇଥିଲା। ଧାନ ସଂଗ୍ରହ ଏବଂ ଚାଷୀମାନଙ୍କୁ ମୂଲ୍ୟ ପୈଠ ପ୍ରକ୍ରିୟାକୁ ଅଧିକ କ୍ରିୟାଶୀଳ କରିବା ପାଇଁ ମୁଖ୍ୟ ଶାସନ ସଚିବ ଶ୍ରୀ ପାଢ଼ୀ ନିର୍ଦ୍ଦେଶ ଦେଇଥିଲେ। ଚାଷ ପାଇଁ ମାତ୍ର ୧% ହାର ସୁଧରେ ଋଣ ନେବା ନିମନ୍ତେ ମୁଖ୍ୟ ଶାସନ ସଚିବ ଶ୍ରୀ ପାଢ଼ୀ ଚାଷୀମାନଙ୍କୁ ପରାମର୍ଶ ଦେଇଥିଲେ। ଏ ବିଷୟରେ ଚାଷୀମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ମୁଖ୍ୟ ଶାସନ ସଚିବ ସମବାୟ ବ୍ୟାଙ୍କ ସମେତ ଅନ୍ୟାନ୍ୟ ବ୍ୟାଙ୍କମାନଙ୍କୁ ପରାମର୍ଶ ଦେଇଥିଲେ। ରବି ଧାନ ସଂଗ୍ରହ ବେଳେ ଚାଷୀ ଏବଂ ଭାଗଚାଷୀମାନଙ୍କଠାରୁ ଧାନ ସଂଗ୍ରହ କରାଯିବ। ଦଲାଲ୍ ଏବଂ ବେପାରୀମାନେ ଯେପରି ସରକାରଙ୍କୁ ଧାନ ବିକ୍ରି କରିବା ନିମନ୍ତେ ସୁଯୋଗ ନ ପଆନ୍ତି, ତା'ଉପରେ ସତର୍କ ଦୃଷ୍ଟି ରଖିବାକୁ ମୁଖ୍ୟ ଶାସନ ସଚିବ ଶ୍ରୀ ପାଢ଼ୀ ବିଭାଗଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପ୍ରମୁଖ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର କହିଥିଲେ ଯେ ରବି ଧାନ ସଂଗ୍ରହ ନିମନ୍ତେ ୧୯ ଜିଲ୍ଲାର ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶନାମା ପଠାସରିଛି। ଚାଷୀଙ୍କ ଉତ୍ପାଦନକୁ ଭିତ୍ତିକରି ଲକ୍ଷ୍ୟଧାର୍ଯ୍ୟ କରାଯାଇଛି ଏବଂ ସେହି ଅନୁସାରେ ଧାନ ସଂଗ୍ରହ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଶ୍ରୀ ମହାପାତ୍ର ଆହୁରି କହିଥିଲେ ଯେ ଏହି ସଂଗୃହୀତ ଧାନରୁ ପ୍ରାୟ ୪୦ଲକ୍ଷ ଟନ୍ ଚାଉଳ ଉତ୍ପାଦନ ହେବ। ସେଥିରୁ ରାଜ୍ୟରେ ବିଭିନ୍ନ ଯୋଜନା ଅନ୍ତର୍ଭୁକ୍ତ ଖାଉଟିମାନଙ୍କ ପାଇଁ ୧୮ ରୁ ୨୦ ଲକ୍ଷ ଟନ୍ ମହଜୁଦ ରଖାଯିବ। ଅବଶିଷ୍ଟ ଚାଉଳ ଭାରତୀୟ ଖାଦ୍ୟ ନିଗମ ମାଧ୍ୟମରେ ଅନ୍ୟ ରାଜ୍ୟମାନଙ୍କୁ ପଠାଯିବ।



ରାଜ୍ୟର ଚାଉଳ ଚାହିଦା ଓଡ଼ିଶା ବେସାମରିକ ଯୋଗାଣ ନିଗମ ମାଧ୍ୟମରେ ପୂରଣ କରାଯିବ। ବୈଠକର ଆଲୋଚନାରୁ ଆହୁରି ଜଣାପଡିଛି ଯେ ଭାରତର ବିଭିନ୍ନ ରାଜ୍ୟରେ ଓଡ଼ିଶା ଉତ୍ପାଦିତ ଚାଉଳର ବେଶ୍ ଚାହିଦା ରହିଛି। ସେମାନଙ୍କ ମଧ୍ୟରେ ତାମିଲନାଡୁ, କର୍ଣ୍ଣାଟକ, ପଶ୍ଚିମବଙ୍ଗ, ବିହାର ଓ ଝାଡ଼ଖଣ୍ଡ ଆଦି ପ୍ରମୁଖ। ବର୍ତ୍ତମାନ ଓଡ଼ିଶାରୁ ପ୍ରତି ମାସରେ ୨ ଲକ୍ଷ ଟନ୍ ଚାଉଳ ଏସବୁ ରାଜ୍ୟ ସମେତ ଅନ୍ୟ ରାଜ୍ୟକୁ ପଠାଯାଉଛି। ରବି ଋତୁରେ ୧୯ ଜିଲ୍ଲାରୁ ଧାନ ସଂଗ୍ରହ କରାଯିବ। ରବି ଧାନ ମୁଖ୍ୟତଃ ବ୍ୟବସାୟିକ ଫସଲ ହୋଇଥିବାରୁ ହୀରାକୁଦ ବନ୍ଧ ଜଳସେଚନ ଅଞ୍ଚଳରେ ଏକର ପିଛା ୨୬ କ୍ୱିଣ୍ଟାଲ ଏବଂ ଅନ୍ୟ ଜିଲ୍ଲାରେ ଏକର ପିଛା ୨୪ କ୍ୱିଣ୍ଟାଲ ଧାନ ସଂଗ୍ରହ କରାଯିବ। ପ୍ରତି ବ୍ଲକରେ ପି-ପାସ୍ ବ୍ୟବସ୍ଥା ମାଧ୍ୟମରେ ଧାନ ସଂଗ୍ରହ କରାଯିବ ବୋଲି ବୈଠକରେ କୁହାଯାଇଛି। ଚଳିତ ବର୍ଷ ଖରିଫ୍ ଧାନ ସଂଗ୍ରହରେ ବର୍ତ୍ତମାନ ସୁଦ୍ଧା କୃଷକମାନଙ୍କର ବ୍ୟାଙ୍କ ଖାତାକୁ ପ୍ରାୟ ୬୨୦୦ କୋଟି ଟଙ୍କା ପଠା ସରିଛି। ରବି ଋତୁ ଶେଷ ସୁଦ୍ଧା ଚାଷୀମାନଙ୍କ ଖାତାକୁ ପ୍ରାୟ ୯,୦୦୦ କୋଟି ଟଙ୍କା ପଠାଯିବ ବୋଲି ପ୍ରମୁଖ ଶାସନ ସଚିବ ଶ୍ରୀ ମହାପାତ୍ର କହିଥିଲେ। ରାଜସ୍ୱ ଓ ବିପର୍ଯ୍ୟସ୍ତ ପରିଚାଳନା ବିଭାଗ ପ୍ରମୁଖ ଶାସନ ସଚିବ ଡଃ ଚନ୍ଦ୍ରଶେଖର କୁମାର, କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର ଅଖିଳ ବିହାରି ଓତାଙ୍କ ସମେତ କୃଷି, ସମବାୟ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ଭାରତୀୟ ଖାଦ୍ୟ ନିଗମ ଏବଂ ଓଡ଼ିଶା ବେସାମରିକ ଯୋଗାଣ ନିଗମର ବରିଷ୍ଠ ଅଧିକାରୀମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ଓଡ଼ିଶା ଜିଏସ୍‌ଟି, ଭାଟ୍ ସଂଶୋଧନ ବିଲ୍

## ମେ' ୧୮ରେ ସ୍ୱତନ୍ତ୍ର ଅଧିବେଶନ

**ଭୁବନେଶ୍ୱର :** ବିଧାନସଭା ସ୍ୱତନ୍ତ୍ର ଅଧିବେଶନ ଆସନ୍ତା ମେ' ୧୮ରେ ଅନୁଷ୍ଠିତ ହେବ। ୧୮ ଓ ୧୯ ତାରିଖ ଦୁଇଦିନ ଧରି ଏହି ଅଧିବେଶନ ବସିବ। ଏନେଇ ବିଧାନସଭା ସଚିବାଳୟ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ଦୁଇଦିନିଆ ଏହି ସ୍ୱତନ୍ତ୍ର ଅଧିବେଶନରେ ମୁଖ୍ୟତଃ ଓଡ଼ିଶା ଦ୍ରବ୍ୟ ଏବଂ ସେବା ଟିକସ (ଜିଏସ୍‌ଟି), ୨୦୧୭ ବିଲ୍ ଓ ଓଡ଼ିଶା ମୂଲ୍ୟଯୁକ୍ତ ଟିକସ (ଭାଟ୍) ସଂଶୋଧନ ବିଲ୍ ୨୦୧୭ ଆଗତ କରିବା ଲାଗି ପ୍ରସ୍ତାବ ରହିଛି। ସମଗ୍ର ଦେଶରେ ଜୁଲାଇ ପହିଲାରୁ ଜିଏସ୍ଟି ଆଇନ୍ ଲାଗୁ ହେଉଥିବା ପରିପ୍ରେକ୍ଷୀରେ ଏହି ବିଲ୍ ପାରିତ ହେବା ବାଧ୍ୟତାମୂଳକ। ତେବେ ଅଧିବେଶନ ଆରମ୍ଭ ହେବା ପୂର୍ବରୁ ଅର୍ଥାତ୍ ୧୭ ତାରିଖ ଦିନ ଜିଏସଟି ସମ୍ପର୍କରେ ଏକ କର୍ମଶାଳା କରାଯିବ। ସମସ୍ତ ବିଧାୟକ ଏହି କର୍ମଶାଳାରେ ଯୋଗଦେବେ ଓ ନୂଆ ବ୍ୟବସ୍ଥା ସମ୍ପର୍କରେ ସେମାନଙ୍କୁ ଅବଗତ କରିବାର ପ୍ରସ୍ତାବ ରହିଛି। ସେହିପରି ଅର୍ଥମନ୍ତ୍ରୀ ପ୍ରଦୀପ ଅମାତ କହିଛନ୍ତି ଯେ ଭାଟ୍ ସଂଶୋଧନ ବିଲ୍ ୨୦୧୭ରେ ୬ଟି ଦ୍ରବ୍ୟକୁ ପରିସରଭୁକ୍ତ କରାଯାଇଛି। ସେଗୁଡିକ ହେଉଛି ପେଟ୍ରୋଲ, ଡିଜେଲ୍, ଅଶୋଧିତ ତୈଳ, ବିମାନ ଇନ୍ଧନ (ଆଭିଏସନ୍ ଟର୍ବାଇନ୍ ଫୁଏଲ୍), ପ୍ରାକୃତିକ ଗ୍ୟାସ ଏବଂ ମଦ (ଉଭୟ ଦେଶୀ ଏବଂ ବିଦେଶୀ)। ଏଗୁଡିକୁ ଜିଏସ୍‌ଟି ପରିସରରୁ ବାଦ୍ ଦିଆଯାଇଛି। ରାଜ୍ୟ ସରକାର ଏସବୁ ସାମଗ୍ରୀ ଉପରେ ଭାଟ୍ ଲାଗୁ କରିପାରିବେ। ଏଥିସହିତ ତମାଖୁଜାତୀୟ ଦ୍ରବ୍ୟକୁ ମଧ୍ୟ ରାଜ୍ୟ ସରକାରଙ୍କ ଟିକସ ପରିସରରେ ରଖାଯାଇଛି। ସେହିପରି ଜିଏସ୍‌ଟି ଲାଗୁ କରିବା ବାବଦରେ ରାଜ୍ୟରେ ଯେଉଁ କ୍ଷତି ହେବ ତାହା କ୍ଲିନ୍ ଏନର୍ଜି ସେସ୍ ପାଣ୍ଠିରୁ ଭରଣା କରାଯିବ। ଦେଶର ୫ଟି କୋଇଲା ଉତ୍ପାଦନକାରୀ ରାଜ୍ୟରୁ ଏଭଳି ସେସ୍ କେନ୍ଦ୍ର ସରକାର ଆଦାୟ କରୁଥିବା ମନ୍ତ୍ରୀ ଶ୍ରୀ ଅମାତ କହିଛନ୍ତି।

# 'ଭକ୍ତଙ୍କ ନିରାପତ୍ତାକୁ ଗୁରୁତ୍ୱ ଦିଆଯିବ'

**ପୁରୀ :** ଶ୍ରୀମନ୍ଦିରରେ ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥାକୁ ସର୍ବାଧିକ ଗୁରୁତ୍ୱ ଦିଆଯିବ। ଜଗନ୍ନାଥପ୍ରେମୀ ଭକ୍ତ ଯେପରି ଭଲ ଅନୁଭୂତି ନେଇ ଫେରିବେ ତାହାକୁ ଦୃଷ୍ଟିରେ ରଖି ଆବଶ୍ୟକୀୟ ବ୍ୟବସ୍ଥା ଗ୍ରହଣ କରାଯିବ। ଶ୍ରୀଜୀଉଙ୍କ ନୀତିକାନ୍ତି ଓ ସେବାପୂଜା ଶୃଙ୍ଖଳିତ ତଥା ସମୟାନୁବର୍ତ୍ତୀ କରାଯିବ ବୋଲି ମୁଖ୍ୟ ପ୍ରଶାସକ ପ୍ରଦୀପ କୁମାର ଜେନା ପ୍ରକାଶ କରିଛନ୍ତି। ସୋମବାର ଦାୟିତ୍ୱ ଗ୍ରହଣ ପରେ ସେ ସାମ୍ବାଦିକଙ୍କୁ କହିଲେ ଭକ୍ତଙ୍କ ଭାବାବେଗକୁ ଶ୍ରୀମନ୍ଦିର ପ୍ରଶାସନ ସମ୍ମାନ ଦେବ। ଜଗମୋହନ ମରାମତି କାର୍ଯ୍ୟ ନିର୍ଦ୍ଧାରିତ ସମୟରେ ଯେପରି ଶେଷ ହୋଇପାରିବ ସେଥିପାଇଁ ସେ ଏଏସ୍ଆଇ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବେ। ତିରୁପତି ଏବଂ ଶିରିଡି ପରି ପୁରୀରେ ଭକ୍ତଙ୍କୁ ମନ୍ଦିର ପ୍ରଶାସନ ପକ୍ଷରୁ ବିଭିନ୍ନ ସୁବିଧା ସୁଯୋଗ ଯୋଗାଇ ଦିଆଯିବ। ଏହାଛଡ଼ା ପୁରୀ ସହରର ଆଧ୍ୟାତ୍ମିକ ପରିବେଶ ଯେପରି ଅକ୍ଷୁର୍ଣ୍ଣ ରହିବ ତାହା



ଦେଖିବା ଶ୍ରୀମନ୍ଦିର ପ୍ରଶାସନର ଦାୟିତ୍ୱ ବୋଲି ସେ କହିଛନ୍ତି। ଜଷ୍ଟିସ୍ ବି.ପି. ଦାସ କମିଶନଙ୍କ ମଧ୍ୟବର୍ତ୍ତୀକାଳୀନ ରିପୋର୍ଟ ସମ୍ପର୍କରେ ପଚାରିବାରୁ ଶ୍ରୀ ଜେନା କହିଲେ ସଂସ୍କାରମୂଳକ ପ୍ରସ୍ତାବ ସ୍ୱାଗତଯୋଗ୍ୟ। ମନ୍ଦିର ପ୍ରଶାସନ ତାହାକୁ ଅକ୍ଷରେ ଅକ୍ଷରେ ପାଳନ କରିବ। ଶ୍ରୀମନ୍ଦିର ପରିଚାଳନାରେ ଶୃଙ୍ଖଳା ଆଣିବା ପାଇଁ ସ୍ଥାନୀୟ ଅଧିବାସୀ ଏବଂ ଆବଶ୍ୟକତା ରହିଛି। ବ୍ରହ୍ମ ବିଭ୍ରାଟ ତଦନ୍ତ ରିପୋର୍ଟ ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିବାରୁ ତଦନ୍ତ କେଉଁ ଅବସ୍ଥାରେ ରହିଛି ତାହାକୁ ସେ ଅନୁଧ୍ୟାନ କରିବେ ବୋଲି କହିଛନ୍ତି। ଶ୍ରୀଜଗନ୍ନାଥ ମନ୍ଦିର ଆଇନରେ ଥିବା ବ୍ରବସ୍ଥା ଅନୁଯାୟୀ ଶ୍ରୀମନ୍ଦିରରେ ଶୃଙ୍ଖଳା ଆଣଇବା ପାଇଁ ଉଦ୍ୟମ କରାଯିବ। ଶ୍ରୀମନ୍ଦିର ସହ ସମ୍ପୃକ୍ତ ଗୋବର୍ଦ୍ଧନ ପୀଠ ଏବଂ ଅନ୍ୟ ମଠମନ୍ଦିର ବିକାଶ ସମ୍ପର୍କରେ ସେ ଦୃଷ୍ଟି ଦେବେ। ସ୍ୱର୍ଗଦ୍ୱାର ଜମି ଦୁର୍ନୀତି ବିଷୟରେ ପଚାରିବାରୁ ଶ୍ରୀଜଗନ୍ନାଥଙ୍କ ସମ୍ପତ୍ତିର ସୁରକ୍ଷା ପାଇଁ ଉଦ୍ୟମ କରାଯିବ ବୋଲି ସେ କହିଛନ୍ତି। ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ଶ୍ରୀ ଜେନା କହିଲେ ମୁଣ୍ଡ ଉପରେ ଚନ୍ଦନଯାତ୍ରା ଏବଂ ରଥଯାତ୍ରା ଥିବାରୁ ତାଙ୍କ ପାଇଁ ବଡ ଚ୍ୟାଲେଞ୍ଜ। ସମସ୍ତଙ୍କ ସହଯୋଗ ମିଳିଲେ ସେସବୁ ନିର୍ବିଘ୍ନରେ ସମ୍ପନ୍ନ ହେବ। ଦାୟିତ୍ୱ ଗ୍ରହଣ ପୂର୍ବରୁ ସେ ଶ୍ରୀମନ୍ଦିରକୁ ଯାଇ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରିଥିଲେ। ଶ୍ରୀ ଜେନା ରାଜ୍ୟ ଜଳସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ଅଛନ୍ତି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଭାବେ ତାଙ୍କୁ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି।

### ଭୁବନେଶ୍ୱରରୁ କୁଆଲାଲାମ୍ପୁର

# ସେପ୍ଟେମ୍ବରରୁ ସବୁଦିନିଆ ବିମାନ

**ଭୁବନେଶ୍ୱର :** ଏୟାର ଏସିଆ ତରଫରୁ କ୍ୱାଲାଲାମ୍ପୁରରୁ ଭୁବନେଶ୍ୱରକୁ ଅନ୍ତର୍ଜାତୀୟ ବିମାନ ସେବା ଆରମ୍ଭ ହୋଇଯାଇଛି। ଏବେ ଏହା ସପ୍ତାହକୁ ଚାରିଦିନ (ସୋମ, ବୁଧ, ଶୁକ୍ର ଓ ରବିବାର) ଚାଲିବ। ତେବେ ବୁକିଂ ଭଲ ହେଉଥିବାରୁ ଏହି ସେବାକୁ ସପ୍ତାହରେ ୭ ଦିନ ଯୋଗାଇଦେବା ପାଇଁ ଇଚ୍ଛା ପ୍ରକାଶ କରିଛି କମ୍ପାନୀ। ଆସନ୍ତା ସେପ୍ଟେମ୍ବରରୁ ସପାହର ସବୁଦିନ କ୍ୱାଲାଲାମ୍ପୁରକୁ ବିମାନ ଚଳାଇବାକୁ ଯୋଜନା ଚଳାଇଛି ଏହି କମ୍ପାନୀ। ଏ ନେଇ ଖୁବ୍‌ଶୀଘ୍ର ଡିଜିସିଏରେ ଆବେଦନ କରିବ ବୋଲି ଏୟାର ଏସିଆ ସୂତ୍ରରୁ ପ୍ରକାଶ କରାଯାଇଛି। ସେହିପରି ଖୁବ୍‌ଶୀଘ୍ର କମ୍ପାନୀ ପକ୍ଷରୁ ଖୁବ୍‌ଶୀଘ୍ର ଭୁବନେଶ୍ୱରରୁ ନୂଆଦିଲ୍ଲୀ କିମ୍ବା ବେଙ୍ଗାଲୁରୁ ବିମାନ ସେବା ଆରମ୍ଭ କରିପାରେ ବୋଲି ସୂଚନା ଦେଇଛନ୍ତି ଏୟାର ଏସିଆ ଗ୍ରୁପ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଏଇରିନ ଓମାର।

ବହୁପ୍ରତୀକ୍ଷିତ ଆଶା, ଆକାଙ୍କ୍ଷା ପୂରଣ ହୋଇଛି। ବିଜୁ ପଟ୍ଟନାୟକ ବିମାନବନ୍ଦରରୁ



ମାଲେସିଆକୁ ସିଧାସଳଖ ବିମାନ ଉଡ଼ାଣ କରିଛି। ପ୍ରଥମେ କୁଆଲାଲାମ୍ପୁରରୁ ଆସିଥିଲା ଏୟାର ଏସିଆର ଏକ ଅନ୍ତର୍ଜାତୀୟ ବିମାନ। ଏଥିରେ ଥିଲେ ୯୫ ଜଣ ଯାତ୍ରୀ। ସେହି ବିମାନଟି କିଛି ସମୟ ପରେ ଭୁବନେଶ୍ୱରରୁ ୧୫୯ ଜଣ ଯାତ୍ରୀଙ୍କୁ ନେଇ ପୁଣି ଉଡ଼ାଣ ଭରିଥିଲା। ଦୀର୍ଘଦିନର ଦାବି ପରେ ବିଦେଶକୁ ସିଧାସଳଖ ବିମାନ ଚଳାଚଳ ହୋଇଥିବାରୁ ଏହାକୁ ନେଇ ସାରାରାଜ୍ୟରେ ଉତ୍ସାହର ଲହରୀ ଖେଳିଯାଇଛି। ତେବେ ବିଦେଶ ବିମାନ ଚଳାଚଳ ଆରମ୍ଭରୁ ବିଳମ୍ବ ସମୟ ପ୍ରଦର୍ଶନ କରିଥିବା ଅଭିଯୋଗ ହୋଇଛି। ରାତି ୧୧.୨୫ ମିନିଟ୍‌ରେ କ୍ୱାଲାଲାମ୍ପୁରରୁ ଆସିବାକୁ ଥିବା ଏୟାର ଏସିଆର ଏହି ବିମାନଟି ପ୍ରାୟ ୪୫ ମିନିଟ୍ ଡେରିରେ ଅର୍ଥାତ୍ ୧୨ଟା ୧୦ ମିନିଟ୍‌ରେ ଭୁବନେଶ୍ୱର ବିମାନବନ୍ଦରରେ ଅବତରଣ କରିଥିଲା।

## ବିଦ୍ୟୁତ୍ ଖେଳୁଛି ଲୁଚକାଳି

**ଭୁବନେଶ୍ୱର :** ରାଜ୍ୟରେ ଅଘୋଷିତ ବିଦ୍ୟୁତ୍ କାଟ୍ ଜାରି ରହିଛି। ଯାହାଦ୍ୱାରା ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ଲୋକେ ଗରମରେ ଛଟପଟ ହେଉଥିବା ବେଳେ ବିଜୁଳି କାଟ ଲୋକଙ୍କ ସମସ୍ୟା ବଢ଼ାଇ ଦେଇଛି। ସେହିପରି ପର୍ଯ୍ୟାପ୍ତ ପରିମାଣରେ ବିଦ୍ୟୁତ୍ ଶକ୍ତି ରହିଛି ବୋଲି ରାଜ୍ୟ ସରକାର କହୁଛନ୍ତି। ଖରା ସାଙ୍ଗକୁ ବଢ଼ିଚାଲିଛି ଗରମ। ମଝିରେ ମଝିରେ ପୁଣି ଗୁଳୁଗୁଳି। ସାରା ରାଜ୍ୟରେ ଏବେ ଏଭଳି ସ୍ଥିତି ଉପୁଜିଛି। ଏମିତିରେ ବେଡି ଉପରେ କୋରଡା ମାଡ ଭଳି ଲୋକଙ୍କ ସମସ୍ୟା ବଢ଼ାଛି ଅଘୋଷିତ ବିଦ୍ୟୁତ୍ କାଟ। ୨/୩ ଘଣ୍ଟା ବା କେତେ ସମୟ ପରେ ବିଜୁଳି ଫେରିବ ତା'ର କିଛି ଠିକ୍ ଠିକଣା ନାହିଁ। ଫ୍ୟାନ୍ ବୁଲୁନି କି କୁଲର ଚାଲୁନି। ଲୋ' ଭୋଲଟେଜ୍ ଯୋଗୁଁ ଆଉ କିଛି ସ୍ଥାନରେ ବିଜୁଳି ଥାଇ ନଥିଲା ଭଳି ଲାଗୁଛି। ଶକ୍ତି ବିଭାଗର ଯୁକ୍ତି କିନ୍ତୁ କହୁଛି ଭିନ୍ନ। ରାଜ୍ୟରେ ପର୍ଯ୍ୟାପ୍ତ ବିଦ୍ୟୁତ୍ ରହିଛି। ସ୍ୱାଭାବିକ ଭାବେ ଦିନକୁ ୩,୪୦୦ ମେଗାୱାଟ୍ ବିଦ୍ୟୁତ୍ ଆବଶ୍ୟକ ପଡୁଥିବା ବେଳେ ପିକ୍ ଆୱାରରେ ଦରକାର ପଡୁଛି ୪,୧୦୦ ମେଗାୱାଟ। ଓଡ଼ିଶା ଜଳ ବିଦ୍ୟୁତ୍ ନିଗମରୁ ୧୩୫୦ ମେଗାୱାଟ୍, ଷ୍ଟେଟ୍ ଥର୍ମାଲରୁ ୧୫୫୦ ମେଗାୱାଟ୍ ଓ ସେଣ୍ଟ୍ରାଲ ଥର୍ମାଲରୁ ଏବେ ୧୨,୦୦ ମେଗାୱାଟ୍ ବିଜୁଳି ରହିଛି। ତେବେ ମୌସୁମୀ ପୂର୍ବ ମେଣ୍ଟେନାନ୍ସ କାମ, ଗ୍ରାମାଞ୍ଚଳକୁ ନୂଆ ବିଦ୍ୟୁତ୍ ସେବା ବନ୍ଦ ରଖାଯାଉଥିବା ବିଭାଗ ସ୍ୱୀକାର କରିଛି।

# ସରକାରଙ୍କୁ ଶକ୍ତ ଧକ୍କା

## ବିପିୟୁଟି ବିଲ୍ ଫେରାଇଦେଲେ ରାଜ୍ୟପାଳ

**ଭୁବନେଶ୍ୱର :** ରାଜ୍ୟ ସରକାରଙ୍କୁ ଲାଗିଛି ପୁଣି ଏକ ଶକ୍ତ ଧକ୍କା। ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ (ବିପିୟୁଟି) ସଂଶୋଧନ ବିଲ୍‌କୁ ରାଜ୍ୟପାଳ ଡ. ଏସ୍‌ସି ଜମିର ଅନୁମୋଦନ ନ କରି ଫେରାଇ ଦେଇଥିବା ଜଣାପଡିଛି। ନିର୍ଦ୍ଦିଷ୍ଟ କେଉଁ କାରଣ ଦର୍ଶାଇ ରାଜ୍ୟପାଳ ଏହି ବିଲ୍ ଫେରାଇ ଦେଇଛନ୍ତି। ସେ ନେଇ ରାଜ୍ୟଭବନ ପକ୍ଷରୁ କୌଣସି ସୂଚନା ଦିଆଯାଇନାହିଁ। ରାଜ୍ୟ ସରକାରଙ୍କ ଅଧିକାରୀମାନେ ମଧ୍ୟ ଏନେଇ କୌଣସି ସୂଚନା ଦେବାକୁ ଚାହିଁନାହାନ୍ତି। ତେବେ ବିଲ୍‌ରେ ପ୍ରେ ଚାନସିଲରଙ୍କ ଅଧିକ କ୍ଷମତା ଦିଆଯାଇଥିବା ନେଇ ରାଜ୍ୟପାଳ ଅସନ୍ତୁଷ୍ଟ ଅଛନ୍ତି। କେବଳ ସେତିକି ନୁହେଁ, ବିଲ୍ ମୂଳ ବିଶ୍ୱବିଦ୍ୟାଳୟ ଆଇନକୁ ବି ବିରୁଦ୍ଧାଚରଣ କରୁଥିବା କୁହାଯାଉଛି। ଏଣୁ ବିଲ୍‌ରେ ଆବଶ୍ୟକ ସଂଶୋଧନ କରିବାକୁ ରାଜ୍ୟପାଳ ପରାମର୍ଶ ଦେଇଥିବା ସୂଚନା ମିଳିଛି। ରାଜ୍ୟପାଳଙ୍କ ଏଭଳି ପଦକ୍ଷେପକୁ ନେଇ ସରକାର ଅଡୁଆରେ ପଡିଯାଇଛନ୍ତି। ମିଳିଥିବା ସୂଚନା ଅନୁସାରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଏ ନେଇ ରାଜଭବନ ସହିତ ଅଧିକ ଆଲୋଚନା କରିବା ଲାଗି ଆଗ୍ରହ ଦେଖାଇଛି। ଖୁବ୍‌ଶୀଘ୍ର ରାଜ୍ୟପାଳଙ୍କ ସଚିବ ସହିତ ବିଭାଗୀୟ ସଚିବ ଆଲୋଚନା କରିପାରନ୍ତି। ପୂର୍ବରୁ ପୋଲିସ ବିଲ୍‌କୁ ମଧ୍ୟ ରାଜ୍ୟପାଳ ଅନୁମୋଦନ ନ କରି ଫେରାଇ ଦେଇଥିଲେ। ଏହାପରେ ଏହି ବିଲ୍‌କୁ ସଂଶୋଧନ କରିବା ଲାଗି ରାଜ୍ୟ ସରକାର ଆଗ୍ରହ ଦେଖାଇନାହାନ୍ତି। ବରଂ ଏହି ବିଲ୍ ଗୃହ ବିଭାଗରେ ପଡିରହିଛି। ସୂଚନାଯୋଗ୍ୟ ଯେ, ବିଧାନସଭା ଅନୁମୋଦନ କରିଥିବା ଏହି ବିଲ୍‌ରେ କୁହାଯାଇଥିଲା ଯେ ବିଶ୍ୱବିଦ୍ୟାଳୟରେ ପ୍ରୋ-ଚାନ୍ସଲର ରହିବେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ। ଏହାଦ୍ୱାରା ବିଶ୍ୱବିଦ୍ୟାଳୟ ପ୍ରଶାସନିକ ବ୍ୟବସ୍ଥାରେ ମନ୍ତ୍ରୀଙ୍କର ସିଧାସଳଖ ହସ୍ତକ୍ଷେପ ରହିବ। କୁଳାଧିପତିଙ୍କୁ ଦିଆଯାଇଥିବା ଦକ୍ଷତା ମଧ୍ୟ ପ୍ରୋ-ଚାନ୍ସଲର ବ୍ୟବହାର କରିପାରିବେ। ବିଶ୍ୱବିଦ୍ୟାଳୟ ପଦବୀ ପୂରଣ, ପରୀକ୍ଷା ପରିଚାଳନା ଓ ଭିତ୍ତିଭୂମି ବିକାଶ ସାଙ୍ଗକୁ ନିଯୁକ୍ତି କ୍ଷେତ୍ରରେ ମନ୍ତ୍ରୀ ହସ୍ତକ୍ଷେପ କରିପାରିବା ନେଇ ମଧ୍ୟ ଆଇନ୍‌ରେ ବ୍ୟବସ୍ଥା ଥିଲା। ଏହାକୁ ରାଜ୍ୟପାଳ ନାପସନ୍ଦ କରିଦେଇଛନ୍ତି। ଏଭଳି ବ୍ୟବସ୍ଥା ଦ୍ୱାରା ଶିକ୍ଷାନୁଷ୍ଠାନର ସ୍ୱତନ୍ତ୍ରତା କ୍ଷୁର୍ଣ୍ଣ ହେବ ଓ ରାଜନୈତିକ ହସ୍ତକ୍ଷେପ ବଢ଼ିବ ବୋଲି ମଧ୍ୟ ରାଜ୍ୟପାଳ ଆଶଙ୍କା ପ୍ରକାଶ କରିଥିବା କୁହାଯାଉଛି।

## ବିଜେଡି ଦୁର୍ବଳ ନୁହେଁ : ନବୀନ

**ଭୁବନେଶ୍ୱର :** ବିଜେଡି ଭିତରେ ଦିନକୁ ଦିନ ଅନ୍ତର୍ଦ୍ୱନ୍ଦ୍ୱ ବଢୁଥିବା ଦେଖିବାକୁ ମିଳୁଛି। କେତେବେଳେ ନେତା-ନେତାଙ୍କ ବିରୋଧରେ ବାକ୍‌ଯୁଦ୍ଧ ତ ପୁଣି କେତେବେଳେ ଟ୍ୱିଟ୍‌ୱାର୍, ଆଉ କେତେବେଳେ ଖବରକାଗଜରେ ଦଳବିରୋଧୀ ସ୍ତମ୍ଭଲେଖା। ଏହାକୁ ନେଇ ରାଜ୍ୟ ରାଜନୀତିରେ ଉଷ୍ମତା ଲାଗିରହିଥିବା ବେଳେ ମୁଖ୍ୟମନ୍ତ୍ରୀ କିନ୍ତୁ ଏସବୁକୁ ଏଡ଼ାଇଯାଇଛନ୍ତି। ଦଳରେ କୌଣସି ଅନ୍ତର୍ଦ୍ୱନ୍ଦ୍ୱ ନାହିଁ କି ଦଳ ଦୁର୍ବଳ ନୁହେଁ ବୋଲି ସେ ରୋକ୍‌ଠୋକ କହିଛନ୍ତି। ଦିଲ୍ଲୀଗସ୍ତରୁ ଫେରି ଭୁବନେଶ୍ୱରରେ ସାମ୍ବାଦିକମାନଙ୍କ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ବିଜେଡି କେଉଁଠି ଦୁର୍ବଳ ଅଛି ବୋଲି ସେ ପାଲଟା ପ୍ରଶ୍ନ କରିଛନ୍ତି। ଭର୍ତ୍ତୃହରିଙ୍କ ସ୍ତମ୍ଭକୁ ନେଇ କରାଯାଇଥିବା ପ୍ରଶ୍ନ ଉପରେ ମୁଖ୍ୟମନ୍ତ୍ରୀ କହିଲେ ଯେ ସେ ଲେଖା ମୁଁ ପଢ଼ିନାହିଁ। ସେହିଭଳି ଦଳୀୟ ଅନ୍ତର୍ଦ୍ୱନ୍ଦ୍ୱ ନେଇ କରାଯାଇଥିବା ପ୍ରଶ୍ନର ଉତ୍ତର ଦେଇ ସେ କହିଥିଲେ ଯେ ଦଳ ଭିତରେ କୌଣସି ଅନ୍ତର୍ଦ୍ୱନ୍ଦ୍ୱ ନାହିଁ। ଦଳ ମଜବୁତ ରହିଛି। ବିରୋଧୀଙ୍କ ଅଭିଯୋଗ ସତ୍ୟ ନୁହେଁ। ଏବେ ବି ରାଜ୍ୟରେ ବିଜେଡି ବଡ଼ ଦଳ ହୋଇ ରହିଛି। ସାଧାରଣ ଜନତାଙ୍କ ଆଶୀର୍ବାଦରୁ ଦଳ ୪ ଥର ଶାସନରେ ରହିଛି। ସେହିପରି ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପାୟୀଙ୍କୁ ନୂଆଦିଲ୍ଲୀରେ ଭେଟିବା ପ୍ରସଙ୍ଗ ନେଇ ସାମ୍ବାଦିକମାନେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶ୍ନ କରିଥିଲେ। ଏହାକୁ ନେଇ ଶ୍ରୀ ପଟ୍ଟନାୟକ କହିଥିଲେ ଯେ ବାଜପେୟୀଙ୍କୁ ଭେଟିବା ନେଇ କୌଣସି ରାଜନୈତିକ ଉଦ୍ଦେଶ୍ୟ ନ ଥିଲା। ବରଂ ଏହା ସୌଜନ୍ୟମୂଳକ ସାକ୍ଷାତ ଥିଲା। ତେବେ ବିଜେପି ସହ ମେଣ୍ଟ ହେବା ନେଇ ବିରୋଧୀମାନେ ଯେଉଁ ଅଭିଯୋଗ ବାଢ଼ିଛନ୍ତି, ସେଥିରେ ଆଦୌ ସତ୍ୟତା ନାହିଁ।

## ମାଟ୍ରିକ୍ ଫଳ : ଆଗରେ ଝିଅ

**କଟକ :** ପ୍ରକାଶ ପାଇଛି ମାଟ୍ରିକ୍ ପରୀକ୍ଷା ଫଳ। ଏଥରର ଫଳ ପୂର୍ବବର୍ଷଗୁଡ଼ିକର ରେକର୍ଡ଼ ଭାଙ୍ଗିଛି। ମାଧ୍ୟମିକ ଶିକ୍ଷା ପରିଷଦ ବୋର୍ଡ ଦ୍ୱାରା ପରିଚାଳିତ ଏହି ପରୀକ୍ଷାରେ ୮୫.୨୮ ପ୍ରତିଶତ ପିଲା ପାସ୍ କରିଛନ୍ତି। ପୂର୍ବବର୍ଷ ପରି ଚଳିତବର୍ଷ ମଧ୍ୟ ଛାତ୍ରୀମାନେ ଛାତ୍ରମାନଙ୍କଠାରୁ ଆଗୁଆ ରହିଛନ୍ତି। ରାଜ୍ୟର ୭୪୮ ହାଇସ୍କୁଲରେ ପାସ୍‌ହାର ଶତପ୍ରତିଶତ ହୋଇଛି। ମାତ୍ର ୨୨ଟି ହାଇସ୍କୁଲରେ କେହି ପିଲା ପାସ୍ କରିନାହାନ୍ତି। ଚଳିତବର୍ଷ ପ୍ରଥମଥର ପାଇଁ ଜିଲ୍ଲାୱାରୀ ପାସ୍‌ହାରକୁ ଛାତ୍ରଛାତ୍ରୀଙ୍କ ସଂଖ୍ୟା ଅନୁପାତରେ ଦୁଇଟି ବର୍ଗରେ ବିଭକ୍ତ କରାଯାଇଛି। ତଦନୁଯାୟୀ ବାଲେଶ୍ୱର, ଦେବଗଡ଼ ଶୀର୍ଷରେ ଥିବାବେଳେ ମୟୂରଭଞ୍ଜ, ମାଲକାନଗିରି ନିମ୍ନରେ ରହିଛି। କଟକ ବଜ୍ରକବାଟିରୋଡ୍‌ସ୍ଥିତ ବୋର୍ଡର ମୁଖ୍ୟ କାର୍ଯ୍ୟାଳୟ ପରିସରସ୍ଥ ସେକେଣ୍ଡାରୀ ବୋର୍ଡ ହାଇସ୍କୁଲରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଦେବୀପ୍ରସାଦ ମିଶ୍ର ପୂର୍ବାହ୍ଣ ସାଢ଼େ ୯ଟାରେ ମାଟ୍ରିକ୍ ପରୀକ୍ଷା ଫଳ ଘୋଷଣା କରିଥିଲେ। ଏହି ଅବସରରେ ଫଳ ସମ୍ପର୍କିତ ପରିସଂଖ୍ୟାନ ପୁସ୍ତିକାକୁ ମନ୍ତ୍ରୀ ଶ୍ରୀ ମିଶ୍ର ଓ ବିଭାଗୀୟ କମିଶନର ତଥା ସଚିବ ରଞ୍ଜନା ଚୋପ୍ରା, ବୋର୍ଡ ସଭାପତି ଡ. ସୁଶାନ୍ତ କୁମାର ଦାସ, ପରୀକ୍ଷା ନିୟନ୍ତ୍ରକ ଡ. ନିହାରରଞ୍ଜନ ମହାନ୍ତି ପ୍ରମୁଖ ଉନ୍ମୋଚନ କରିଥିଲେ।

# କାମ କରିବାକୁ ଯାଇଥିବା ଶ୍ରମିକଙ୍କ କିଡ୍‌ନୀ କାଢ଼ିବାକୁ ମସୁଧା

**କଟକ :** ପୁଣି ଲୋକଲୋଚନକୁ ଆସିଛି ଶ୍ରମିକ ନିର୍ଯାତନା। ମାଡ଼ମାରିବା ସହ ଗୋଡ଼ ଭାଙ୍ଗିଦେବା ପରେ ଜନୈକ ଶ୍ରମିକଙ୍କର କିଡ୍‌ନୀ ଡାଢ଼ିନେବାକୁ ଯୋଜନା କରିଥିଲା ଦଲାଲ। ତେବେ ସୌଭାଗ୍ୟକୁ ଏସବୁକୁ ଜାଣିପାରି ପ୍ରାଣପଣେ ଚେଷ୍ଟା କରି ଖସିଆସିବାକୁ ସକ୍ଷମ ହୋଇଛନ୍ତି ମୟୂରଭଞ୍ଜ ଜିଲ୍ଲା ଉଦଳା ଥାନା ନାବରା ଗ୍ରାମର ବିନୟ କୁମାର ଉପାଧ୍ୟାୟ। ଜାତିରେ ବ୍ରାହ୍ମଣ ହୋଇଥିବାରୁ ଯଜମାନ କାମ କରି ସଂସାର ଚଳାଉଥିଲେ। ମାତ୍ର ଏହି ସ୍ୱଳ୍ପ ଆୟରୁ ସଂସାର ଚଳାଇବା କଷ୍ଟକର ହେବାରୁ ଦାଦନ ଖଟିବାକୁ ଗୋଡ଼ କାଢ଼ିଥିଲେ। ଗ୍ରାମର ଜଣେ ଦଲାଲଙ୍କ ଜରିଆରେ ବାରିଗଲେ ସୁଦୂର ହାଇଦ୍ରାବାଦକୁ। ମାତ୍ର ସେଠାରେ ପହଞ୍ଚିବା ପରେ କାମରେ ମନ ଲାଗି ନ ଥିଲା। ଫଳରେ ସେ ଘରକୁ ଫେରିବା ପାଇଁ କହିଥିଲେ। ବାସ୍ ଏତିକିରେ ତାଙ୍କ ଉପରେ ଆରମ୍ଭ ହୋଇଥିଲା ଅକଥନୀୟ ଅତ୍ୟାଚାର। ମାଡ଼ମାରି ଗୋଡ଼ ଭାଙ୍ଗିଦେବା ପରେ ଗୋଟିଏ ଘରେ ବନ୍ଦୀ କରି ତାଙ୍କୁ ରଖାଯାଇଥିଲା। ଏମିତିକି ତାଙ୍କୁ ଠିକ୍ ସମୟରେ ଖାଦ୍ୟ ଦିଆଯାଉ ନ ଥିବାରୁ ଭୋକ ଉପାସରେ ଦିନ କଟୁଥିଲା ତାଙ୍କର। ଏଭଳି ସମୟରେ ତାଙ୍କ କିଡ୍‌ନୀକୁ କାଢ଼ିନେବା ପାଇଁ ମସୁଧା ହେଉଥିବା ଜାଣିପାରିଥିଲେ ବିନୟ। ଶେଷରେ ଭଙ୍ଗା ଗୋଡ଼ରେ ଘୁଷୁରି ଘୁଷୁରି ଉକ୍ତ ଘରୁ ବାହାରିଯାଇଥିଲେ। ମାତ୍ର ଭଙ୍ଗାଗୋଡ଼ ଓ ଖାଲିପେଟରେ କେତେବାଟ ଯାଇପାରିଥାନ୍ତେ? କିଛିବାଟ ଯିବା ପରେ ନିରୂପାୟ ହୋଇ ରାସ୍ତାପାର୍ଶ୍ୱରେ ପଡ଼ିରହିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଘରଲୋକଙ୍କୁ ଖବର



ଦେଇଥିଲେ। ଘରଲୋକେ ହାଇଦ୍ରାବାଦରେ ପହଞ୍ଚି ଓଡ଼ିଶା ଆଣିବା ପରେ କଟକ ବଡ଼ ମେଡିକାଲରେ ଭର୍ତ୍ତି କରିଥିଲେ।

ବିନୟଙ୍କ କହିବା ଅନୁସାରେ ମାସିକ ୭ ହଜାର ୫୦୦ ଟଙ୍କାର ଦରମା ଲୋଭ ଦେଖାଇ ଦଲାଲ୍‌ଜଣକ ଗତ ମାର୍ଚ୍ଚ ୧୫ ତାରିଖରେ ଘରୁ ଡାକିନେଇଥିଲା। ହାଇଦ୍ରାବାଦରେ ପହଞ୍ଚିବା ପରେ ସମସାବାଦ୍ ନିକଟରେ ଏକ ଗୋ-ଶାଳାରେ କାମ କରିବାକୁ କୁହାଯାଇଥିଲା। ଏଥିରେ ରାଜି ନ ହେବାରୁ ଦଲାଲଜଣକ ଧମକଚମକ ଦେବା ସହ ନାଲିଆଖି ଦେଖାଇଥିଲା। କାକୁତି ମିନତୀରେ ନଛାଡ଼ିବାରୁ କୌଶଳକ୍ରମେ ଆସିବାକୁ ଚେଷ୍ଟା କରିଥିଲେ। ମାତ୍ର ଏଥିରେ ଉତ୍କ୍ଷିପ୍ତ ହୋଇ ଦଲାଲଜଣକ ଏକ ଲୁହାରଡ ଓ ବାଡ଼ିରେ ତାଙ୍କ ଗୋଡ଼କୁ ପିଟିଥିଲା। ଫଳରେ ତାଙ୍କ ଗୋଡ଼ ଭାଙ୍ଗିଯାଇଥିଲା। ଏପଟେ ବିନୟ ଘରୁ ଯିବାର ୪ ଦିନ ପରେ ସ୍ତ୍ରୀ ମିନତୀ ସମ୍ପୃକ୍ତ ଦଲାଲଙ୍କ ସହ ଯୋଗାଯୋଗ କରିଥିଲେ। ମାତ୍ର ବିନୟ କେଉଁଆଡ଼େ ପଳାଇଥିବା ଦଲାଲଜଣକ କହିଥିଲେ। ବିକଳ ହୋଇ ମିନତୀ ମାର୍ଚ୍ଚ ୧୭ ତାରିଖରେ ଜଣେ ସମ୍ପର୍କୀୟଙ୍କୁ ନେଇ ହାଇଦ୍ରାବାଦରେ ପହଞ୍ଚିଥିଲେ ବି ବିନୟ କିମ୍ବା ଦଲାଲଙ୍କର ଖୋଜଖବର ପାଇ ନଥିଲେ। ଫୋନ୍‌ରେ ବି ସମ୍ପୃକ୍ତ ଦଲାଲ୍ ଧରାଛୁଆଁ ଦେଇ ନ ଥିଲେ। ଜନୈକ ସାମାଜିକ କର୍ମୀଙ୍କ ଜରିଆରେ ସ୍ଥାନୀୟ ଥାନାରେ ଏତଲା ଦେଇଥିଲେ। ଏ ନେଇ ହ୍ୱାଟ୍‌ସଆପ୍‌ର ବିଭିନ୍ନ ଗ୍ରୁପ୍‌ରେ ବିନୟଙ୍କ ଫଟୋ ସେୟାର କରାଯାଇଥିଲା। ଦୁଇଦିନ ତଳେ ସାମାଜିକ କର୍ମୀଙ୍କ ମୋବାଇଲ ଫୋନ୍‌କୁ ବିନୟ ରାସ୍ତାରେ ପଡ଼ିଥିବା ବେଳର ଫଟୋ ପହଞ୍ଚିବା ପରେ ମିନତୀ ହାଇଦ୍ରାବାଦରେ ପହଞ୍ଚି ବିନୟଙ୍କୁ ଉଦ୍ଧାର କରିଥିଲେ।

ଦୁନିଆରେ ଯେତେପ୍ରକାର
ଭୟ ଅଛି ବଦ୍‌ନାମ ହେଉଛି
ସବୁଠୁ ବଡ ଭୟ : ଚାଣକ୍ୟ



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

## ସମ୍ପାଦକୀୟ

# ବେଇମାନୀ - ସମାଧାନର ମାର୍ଗ ନୁହେଁ

ବିଶ୍ୱାସ ଓ ଅବିଶ୍ୱାସର ଦୋଛକିରେ ଦୁଇଦେଶ ଭାରତ-ପାକିସ୍ତାନ। ବିଶ୍ୱରେ ଏଭଳି ଅନେକ ରାଷ୍ଟ୍ର ଅବିଶ୍ୱାସକୁ ନେଇ ଚରମ ନିଷ୍ପତ୍ତି ନେବାର ସ୍ଥିତିରେ ପହଞ୍ଚି ଯାଇଛନ୍ତି। ଆମେରିକା ଓ ଉତ୍ତରକୋରିଆ ପ୍ରସଙ୍ଗକୁ ଦେଖାଗଲେ ଏହା ସ୍ପଷ୍ଟ ଅନୁମେୟ। ଏହାରି ପଛରେ ରହିଛି ଆତଙ୍କବାଦ, ପରମାଣୁ ବୋମା, କ୍ଷମତା ହାସଲର ଲୋଭ, ଆତ୍ମବଡିମା ଓ ଅବିଶ୍ୱାସ। ସ୍ୱାଧୀନତା ପରେ ଗଠିତ ହୋଇଥିବା ଭାରତ-ପାକିସ୍ତାନ ମଧ୍ୟରେ ଲାଗି ରହିଥିବା ବିବାଦ ସମାଧାନ ହେବା ପରିବର୍ତ୍ତେ ଏହା ଅବିଶ୍ୱାସର ଅଗ୍ନିପିଣ୍ଡୁଳା ପାଲଟିଛି। ଯଦିଓ ଏ କ୍ଷେତ୍ରରେ ଭାରତ ନିଜର ପଡୋଶୀ ରାଷ୍ଟ୍ର ପାଇଁ ଯଥେଷ୍ଟ ସମ୍ବେଦନା, ଆତ୍ମୀୟତା ଓ ସରଳପଣ ଦେଖାଇଛି, ପାକିସ୍ତାନ କିନ୍ତୁ ଭାରତ ପ୍ରତି ଘୃଣା, ଇର୍ଷା, ଅସୂୟା ଓ ଶତ୍ରୁତା ଦେଖାଇ ଚାଲିଛି। ଗୋଟିଏ ଦେଶ ଶାନ୍ତି ଚାହୁଁଥିଲା ବେଳେ ଅନ୍ୟଦେଶ ଆତଙ୍କବାଦ ଓ ବିନାଶର ମଞ୍ଜି ବୁଣିଚାଲିଛି। ଫଳରେ ପାରସ୍ପରିକ ବୁଝାମଣା ବ୍ୟାହତ ହେବା ଦ୍ୱାରା ଦୁଇଦେଶର ଲୋକଙ୍କ ମନରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରୁଛି। ପାକିସ୍ତାନ ହୁଏତ ବୁଝିନେଇଛି ଯେ ଆତଙ୍କବାଦ ଦ୍ୱାରା ଭାରତକୁ କ୍ଷତି ପହଞ୍ଚାଇ ନିଜ ଦେଶକୁ ଆଗକୁ ନେଇଯିବ। ଯାହା ଅତ୍ୟନ୍ତ ହାସ୍ୟାସ୍ପଦ ଓ ଦିବାସ୍ୱପ୍ନ ସଦୃଶ।

ଭାରତ ପରି ଏକ ବିଶାଳ ଦେଶର ଅଖଣ୍ଡତାକୁ ସାମାନ୍ୟ ଆଘାତ ଲାଗିଲେ ବିଶ୍ୱ ସମୁଦାୟ ଏ ଦିଗରେ ଚିନ୍ତା କରିବାକୁ ବାଧ୍ୟ ହୁଅନ୍ତି। ବିକଶିତ ହୋଇପାରିବାର ସମସ୍ତ ପ୍ରକାର ସାମର୍ଥ୍ୟ ହିଁ ଭାରତର ପ୍ରଗତିକୁ ଉର୍ଦ୍ଧ୍ୱମୁଖୀ କରୁଥିବା ବେଳେ ପାକିସ୍ତାନ କେବଳ ଆତଙ୍କବାଦ ଓ ଶତ୍ରୁତା ମଧ୍ୟରେ ଅଟକି ରହିଛି। ଶିକ୍ଷା, ସଂସ୍କୃତି, ସଭ୍ୟତା ଓ ବିଶ୍ୱସ୍ତରୀୟ ମର୍ଯ୍ୟାଦାର ସବୁ ଉପାଦାନ ଭରପୁର ରହିଛି ଭାରତ ନିକଟରେ। ସେ କେବେ ବି ଚିନ୍ତା କରୁନି ପଡୋଶୀ ରାଷ୍ଟ୍ରକୁ କ୍ଷତି ପହଞ୍ଚାଇ ଆଗକୁ ବଢ଼ିବା ସମ୍ଭବ ନୁହେଁ। କାରଣ ଭାରତ ନିଜ ବିଶ୍ୱାସ ବଳରେ ବିଜ୍ଞାନ ଓ ବିବେକର ସାହାରାରେ ଅଗ୍ରଗତି କରିଚାଲିଛି। ସହନଶିଳତାର ମହାମନ୍ତ୍ରରେ ମନ୍ତ୍ରିତ ଏହାର ମାଟି, ପାଣି ପବନ ବିଶ୍ୱାସର ବାର୍ତ୍ତା ଦିଏ। ତ୍ୟାଗ ଓ ଆତ୍ମସମ୍ମାନର ମୂଳଦୁଆ ଉପରେ ଭାରତ ନିଜର ସ୍ଥିତିକୁ ମଜଭୁତ କରିସାରିଛି। ତେଣୁ ବିଶ୍ୱସମୁଦାୟର ଆଖି ଏବେ ଭାରତ ଉପରେ। ପ୍ରଗତିର ସୋପାନ ପରେ ସୋପାନ ଅତିକ୍ରମ କରି ଭାରତ ଏବେ ପ୍ରତ୍ୟେକ କ୍ଷେତ୍ରରେ ବଳଶାଳୀ। ଶତ୍ରୁକୁ ପରାଜିତ କରିପାରିବାର ସବୁ ପ୍ରକାର ସାମର୍ଥ୍ୟ ସତ୍ତ୍ୱେ ଭାରତ କେବେ ଚାହେଁନାହିଁ ପଡୋଶୀ ପାକିସ୍ତାନ କ୍ଷତିଗ୍ରସ୍ତ ହେଉ। ବରଂ ଭାରତ ପାକିସ୍ତାନର ବିକାଶ ଚାହେଁ। ହେଲେ ପାକିସ୍ତାନର ପାପଆଖି ଭାରତକୁ ଏଯାବତ୍ ଭଲ ଦୃଷ୍ଟିରେ ଦେଖିପାରିନାହିଁ। ଯେଉଁଥିପାଇଁ କେବେ ଆତ୍ମଘାତି ବିସ୍ଫୋରଣ ତ ଆଉ କେବେ ବେଇମାନୀର ଷଡଯନ୍ତ୍ର ଦ୍ୱାରା ଏଠାରେ ପ୍ରଭୃତ କ୍ଷତି କରିଚାଲିଛି। ସମ୍ପ୍ରତି କାଶ୍ମୀର ଉପତ୍ୟକାର ଯୁବଗୋଷ୍ଠୀ ଓ ଛାତ୍ରଛାତ୍ରୀଙ୍କ ହାତରେ ଟେକାପଥର ଧରାଇ ଭାରତୀୟ ସେନା ବିରୋଧରେ ଆକ୍ରମଣ କରିଚାଲିଛି। ନିରୀହ ଜନସାଧାରଣଙ୍କୁ ଅସ୍ତ୍ର କରି ଭାରତ ବିରୋଧୀ ପରିବେଶ ସୃଷ୍ଟି କରି ସେଥିରୁ ଫାଇଦା ଉଠାଇବାର ଷଡଯନ୍ତ୍ର କରୁଛି। ଏହା ବେଇମାନୀ ନୁହେଁ ତ ଆଉ କ'ଣ? ସାମ୍ମୁଖ୍ୟ ଯୁଦ୍ଧ ବଦଳରେ ଲୁଚିଛପି ଆତଙ୍କବାଦକୁ ପ୍ରୋତ୍ସାହନ ଦେଉଥିବା ପାକିସ୍ତାନ ନିଜ ମାଟିର ଉନ୍ନତି ବଦଳରେ ଏ ଯେଉଁ ଅବିଶ୍ୱାସର ପରିସ୍ଥିତି ସୃଷ୍ଟି କରିଚାଲିଛି ତାହା ଆଦୌ ଶୁଭଙ୍କର ନୁହେଁ। କାଶ୍ମୀରକୁ ଆଳ କରି ଭାରତ ବିରୋଧରେ ପାକିସ୍ତାନ ଚଳାଇଥିବା ଆତଙ୍କରାଜ ଯେ ଦୀର୍ଘସ୍ଥାୟୀ ନୁହେଁ ବା ଏହାଦ୍ୱାରା ନିଜ ଦେଶର କୌଣସି ହିତସାଧନ ହୋଇପାରିବନାହିଁ, ତାହା ପାକିସ୍ତାନ ଜାଣିରଖିବା ଉଚିତ୍।

ନିକଟରେ କିଛିଦିନର ନିରବତା ପରେ ପୁଣିଥରେ ଆତଙ୍କବାଦୀମାନେ ଭାରତର ସେନା ଶିବିର ଉପରେ ଆକ୍ରମଣ କରିଛନ୍ତି। କାଶ୍ମୀରର କୁପୱାରା ଜିଲ୍ଲାସ୍ଥିତ ସେନା ଶିବିରକୁ ଏଥର ଟାର୍ଗେଟ କରାଯାଇଥିଲା। ଭୋର ସମୟରେ ଏଭଳି ଘଟଣା ଘଟିବା ଫଳରେ ଭାରତୀୟ ସେନାର ଜଣେ କ୍ୟାପଟେନ୍ ଓ ୨ଜଣ ଯବାନ ପ୍ରାଣ ହରାଇଥିଲେ। ସେନା ପକ୍ଷରୁ ତୁରନ୍ତ ପାଲଟା ଜବାବ ଦିଆଯିବା ଫଳରେ ୨ ଆତଙ୍କବାଦୀ ନିହତ ହେଲେ ଜଣେ ଆତଙ୍କବାଦୀ କୌଶଳରେ ଖସି ପଳାଇବାକୁ ସକ୍ଷମ ହେଲା। ଆତଙ୍କବାଦୀଙ୍କ ଆଖିବୁଜା ଗୁଳିଚାଳନା ଫଳରେ ଆଉକିଛି ଯବାନ ମଧ୍ୟ ଆହତ ହୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଏଭଳି ଘଟଣା ପୁଣିଥରେ ଦୁଇ ଦେଶର ସମ୍ପର୍କକୁ ବିଗାଡି ଦେଇଛି। ଏହି ଘଟଣାର ଦୁଇସପ୍ତାହ ପୂର୍ବରୁ କୁଳଭୂଷଣ ଯାଦବଙ୍କୁ ପାକିସ୍ତାନରେ ଫାଶୀ ଦଣ୍ଡାଦେଶ ପ୍ରସଙ୍ଗ ଭାରତବାସୀ ଭୁଲିନଥିବା ବେଳେ କାଶ୍ମୀରରେ ପୁଣିଥରେ ଆତଙ୍କୀ ଆକ୍ରମଣ ଦ୍ୱିପାକ୍ଷିକ ସମ୍ପର୍କକୁ ବ୍ୟାହତ କରିଛି। ତେଣୁ ପାକିସ୍ତାନ କ'ଣ କେବଳ ଆତଙ୍କବାଦ ଆକ୍ରମଣ କରି ନିଜ ଦେଶର ବିକାଶ ଘଟାଇ ପାରିବ ? ଏଭଳି ପ୍ରଶ୍ନ ବିଶ୍ୱ ସମୁଦାୟକୁ ଆନ୍ଦୋଳିତ କରେ। ଯଦି ଏ କ୍ଷେତ୍ରରେ ଚୀନର ପ୍ରୋତ୍ସାହନ ବା ପରୋକ୍ଷ ସମର୍ଥନ ଥିବା କଥା ଚର୍ଚ୍ଚାକୁ ଆସିଥାଏ, ତଥାପି ଏହାର ସତ୍ୟତା ଏଯାଏ ପରଖା ଯାଇପାରିନି। ଏଭଳି ସ୍ଥିତିରେ ପାକିସ୍ତାନ ବେଇମାନୀ ତ୍ୟାଗ ନକଲେ ଦୁଇଦେଶ ମଧ୍ୟରେ ସମ୍ପର୍କ ଆହୁରି ବିଗିଡିଯିବ ଓ ପରିଣାମ ଭୋଗିବ।

# କହିବାକୁ ଲାଜ, ନ କହିଲେ କୁଳ ଭାସିଯାଉଛି



ଉମାକାନ୍ତ ରାଉତ (ଅରୂପ)

ଦୁଃଖ କହିବି ନା ସୁଖ କହିବି; ଅଙ୍ଗେ ନିଭାଇବା କଥା କହିବି। ଅନେକ ଥର ଅନେକ କଥା ଶୁଣେ, ହେଲେ ସେଦିନ ରାୟପୁରକୁ ଟ୍ରେନ୍ ଯାତ୍ରା ସମୟରେ ଯେଉଁ ଦାରୁଣ, ତାଡ଼ନାର କଥା ଶୁଣିଲି, ତାହା ଏଯାଏଁ ବି ମୋ' ମରମକୁ ପ୍ରତିକ୍ଷଣ ଶରାଘାତ କରିଚାଲିଛି। ଦୁଇତିନିଜଣ ଛତିଶଗଡ଼ିଙ୍କ (ଛତିଶଗଡ଼ ରାଜ୍ୟର ଲୋକ) ସହ କଥାଭାଷା ହେଉ ହେଉ ପ୍ରସଙ୍ଗକ୍ରମେ ଛତିଶଗଡ଼, ଓଡ଼ିଶା ପ୍ରଦେଶ ଗଠନ ଆଦି ପ୍ରସଙ୍ଗ ଉଠିଲା। କଥା ପ୍ରସଙ୍ଗରେ ଖୁବ୍ ଶିକ୍ଷିତ ଜଣାପଡୁଥିବା ଆମ ଭିତରେ ଥିବା ସର୍ବାଧିକ ବୟସ୍କ (ପ୍ରାୟ ୭୫/୮୦ ବର୍ଷ ହେବ) ବ୍ୟକ୍ତିଜଣକ ଟିପ୍ପଣୀ ଦେଲେ- 'ବୁରା ମତ୍ ସୋଚିୟେ। ଯୋ ସହି ଓ ସହି ହୈ। ସଚ୍ଚ ମେ, ଓଡ଼ିଶାକା ଲୋଗୋ କୋଁ ମେଁ ସରଲ ମାନ୍‌ତା ଥା। ଅବ୍ ମଜବୁରୀ ସେ ବୋଲ୍‌ନା ପଡ଼ତା ହୈ କି ଆପ୍‌ଲୋକ କେବଲ ସରଲ ନହିଁ, ବୁଦ୍‌ବକ୍ ଭି ହୈ।' ମୋତେ ବହୁ ଖରାପ ଲାଗିଲା। ଭିତରେ ଭିତରେ କ୍ରୋଧ ଆସୁଥିଲେ ବି ଚାପିରଖି ପଚାରିଲି- 'କ୍ୟୁଁ ସାର୍'। ସେ ଅତ୍ୟନ୍ତ ସହୃଦୟତାର ସହ ମୁଲାୟମ୍ କଣ୍ଠରେ ମୋତେ କହିଲେ- 'ଆରେ ବେଟା, ଅଶୀ ଶାଲ୍ ହୋ ଗୟା, ଭାଷା କା ଆଧାର ପର ପହଲା ରାଜ୍ୟ ଓଡ଼ିଶା ଗଠନ ହୋତେହୁଏ। ଫିର୍ ଇଣ୍ଡିଆ ମେଁ ପହଲା ଭାଷା ଆଇନ ପ୍ରସ୍ତୁତ ହୁଆ। ଲେକିନ୍ ଓଡ଼ିଶା ମେଁ ଚଲତା ବିଦେଶୀଓଁକେ ଭାଷା ! ଆପ୍ ଓଡ଼ିଆ ଲୋଗ୍ ଯା ଦୋନୋଁ ମୁଖ୍ୟ କୋ ବିଠାଏ, ଉନ୍‌କୋ ଆପ୍‌କା ଭାଷା ହି ମାଲୁମ୍ ନହିଁ। ତାଜୁବ୍ କି ବାତ୍ ! କୈସେ ଚଲ୍‌ତା ହୈ ? ହାଃ... ହାଃ...'

ମୋ ପାଟିରୁ ଆଉ ଭାଷା ବାହାରିଲା ନାହିଁ। କ'ଣ କହିବି ? କାହାକୁ କହିବି ? କେମିତି କହିବି ? ଛାତି କରତି ହୋଇଗଲେ ବି ସତକୁ ସ୍ୱୀକାର କରିବା ବ୍ୟତିରେକ ବିକଳ୍ପ କ'ଣ ବା ଥିଲା ?

ଅନୁରୂପ ଭାବେ ଡମଣା ଛକରେ ପକୁଡ଼ି ଓ ଜିଲାବି ବିକୁଥିବା ଜଣେ ବିହାରୀ ଲୋକକୁ ଓଡ଼ିଆରେ କଥା ହେବାକୁ କହି, ଅତୀତରେ ମୋର ଯେଉଁ ତିକ୍ତ ଅଭିଜ୍ଞତା ହୋଇଥିଲା, ସେ କଥା ମୁଁ ସୋସିଆଲ ମିଡିଆରେ ଉପସ୍ଥାପନ କରିଥିଲି। ତେଣୁ ଆଉଥରେ ସେ କଥା ନ କହିବା ଭଲ। ହେଲେ କହିବା କଥା ହେଲା, ଏମିତି ସବୁ ଅପ୍ରୀତିକର ପରିସ୍ଥିତିରୁ ସୃଷ୍ଟି ହେଉଥିବା ମୋର ନିରନ୍ତର ପ୍ରତିକ୍ରିୟା....

ଅନ୍ୟପ୍ରଦେଶର କେବଳ ଶିକ୍ଷିତ, ସଚେତନ ତଥା ବୁଦ୍ଧିଜୀବୀ ମଣିଷଟିଏ ନୁହେଁ, ପକୁଡ଼ି ବିକି ଗୁଜୁରାଣ ମେଣ୍ଟାଉଥିବା ଖୁବ୍ ସାଧାରଣ ଲୋକଟିଏ ଯେତେବେଳେ ଏକଥା ବୁଝିପାରୁଛି, ଆମ ରାଜ୍ୟର ଶିକ୍ଷିତ, ବୁଦ୍ଧିଜୀବୀ, କବି, ଲେଖକ, କଳାକାର, ଡାକ୍ତର, ଇଞ୍ଜିନିୟର ତଥା ଅନ୍ୟ ସାଧାରଣ ଲୋକେ କ'ଣ ଏକଥା ବୁଝିପାରୁ ନାହାନ୍ତି ? ଜାଣିବାନର ଭଳି ସେମାନେ ସବୁ ବୁଝି ନ ବୁଝିବାର ବୃଥା ଅଭିନୟ କରିବାକୁ ସୁଖ ମଣୁଛନ୍ତି କାହିଁକି ? ହାତଗଣତି କେଇଜଣଙ୍କୁ ବାଦ୍‌ଦେଲେ ଏଥିରେ ଯେ ସମସ୍ତଙ୍କର ନ୍ୟସ୍ତସ୍ୱାର୍ଥ ନିହିତ ଥିବ, ଏକଥା କେବେ ବି ବିଶ୍ୱାସଯୋଗ୍ୟ ନୁହେଁ। ହୁଏତ ହୋଇପାରେ କୋଢ଼ିଆମୀ ଓ କାଳକ୍ଷେପଣ ମାନସିକତା। ସୁତରାଂ, ପୂର୍ବୋକ୍ତ ଭଦ୍ରବ୍ୟକ୍ତିଙ୍କର ଆମକୁ 'ବୁଦ୍‌ବକ' ବୋଲି ସମ୍ବୋଧନର ତାଚ୍ଛଲ୍ୟକୁ (ଆହ୍ୱାନ) ବର୍ତ୍ତମାନ ସ୍ଥିତିରେ ସ୍ୱୀକାର କରିବା ଛଡ଼ା ଯୁକ୍ତିବଳରେ ପ୍ରତିହତ କରିବାର ଆୟୁଧ କିଛି ଆମ ପାଖରେ ଅଛି କି ? ବାହାର ରାଜ୍ୟର ଲୋକଙ୍କ ମୁହଁରୁ ଏହିପରି ଅପଶବ୍ଦସବୁକୁ ବାହାର କରିବାକୁ ହେଲେ ଆମକୁ ଆମର ଇତିହାସ, ପୂର୍ବ ବିକ୍ରମ ଏବଂ ଜାତୀୟତାର କଥାକୁ ବୁଝିବାକୁ ପଡ଼ିବ। କାନକୁ ଯେତେ କଟୁ ଶୁଭୁପଛେ ଆମର ବର୍ତ୍ତମାନର ସ୍ଥିତିକୁ ପରଖି ବିଶ୍ଳେଷଣ କରିବାକୁ ପଡ଼ିବ। ରୋଗ ଚିହ୍ନଟ କରିଲେ ସିନା ନିଦାନର ବ୍ୟବସ୍ଥା ହୋଇପାରିବ !

ଏଠି ଦଳେ ଓଡ଼ିଆ ଭାଷା ରହୁ କି ନ ରହୁ, ଆଗ ଓଡ଼ିଆ ବିଶ୍ୱବିଦ୍ୟାଳୟଟେ ହେଇଯାଉ ବୋଲି ଝିଣ୍ଟିକା ମାରି ବଣି ପୋଷିବା ଓକିଲାତିରେ ବ୍ୟସ୍ତ। ପୁଣି ବିଶ୍ୱବିଦ୍ୟାଳୟଟା ହେଉ କି ନହେଉ, ଆଗ କୁଳପତି, ପ୍ରଫେସର, ରିଡ଼ର ଆଦି ପଦ ଅନ୍ତତଃ ମଞ୍ଜୁର ହୋଇରହୁ ବୋଲି ସେମାନଙ୍କର ମତଲବୀ ଇଚ୍ଛା ଜଳଜଳ ବାରି ହେଇପଡୁଛି। ମିନିଷ୍ଟର ୱିଦାଉଟ୍ ପୋର୍ଟଫୋଲିଓ ଯଦି ହୋଇପାରୁଛି, ଏଥିରେ ଅସୁବିଧା କ'ଣ ? କାମ ଆସିଲେ ପୋଷ୍ଟ ତା କରାମତି ଦେଖାଇବନି ? ଆଗ ଗାଦି ମାଡ଼ିବସୁ, ତା'ପରେ ସବୁ ଫଟେଇ ପକେଇବୁ। ଆଉ କେଇଜଣ ମୁନାଫାଖୋର ଭାଷାବେପାରୀ (ମାଫିଆ) ଶାସ୍ତ୍ରୀୟ ମାନ୍ୟତାକୁ ଆଳ କରି ବେପାରର ମସୁଧା ଚଳାଇଛନ୍ତି। ଆଉ ଦଳେ ଶେଷଦିନ ଗଣୁଥିବା ଦୀର୍ଘକର୍ଣ୍ଣ ବିଶ୍ୱବିଦ୍ୟାଳୟ ନହେଲା ନାହିଁ, ମୁକ୍ତ ବିଶ୍ୱବିଦ୍ୟାଳୟଟେ ଅନ୍ତତଃ ହୋଇଯାଉ ବୋଲି ହରିହାଟ କରିବାରେ ମସଗୁଲ। ଭାଷାର ପ୍ରୟୋଗ ଅପେକ୍ଷା ସେମାନଙ୍କ ପାଇଁ ଥଇଥାନ କେନ୍ଦ୍ରଟିଏ ବେଶୀ ଜରୁରୀ।

ଏମାନେ ହୃଦୟଙ୍ଗମ କରିବା ଉଚିତ ଯେ ସବୁ ତ ହେବ, ହେଲେ ପିଲା ଆସିବେ କେଉଁଠୁ ? ଭାଷାର ଉପଯୁକ୍ତ ପ୍ରୟୋଗ ନ ହେଲେ, ଭାଷା କାର୍ଯ୍ୟକାରୀ ନହେଲେ ଏସବୁରେ ଓଡ଼ିଶାର, ଓଡ଼ିଆ ଲୋକଙ୍କର ତଥା ଓଡ଼ିଆ ଭାଷାର କି ଲାଭ ହେବ ? ଓଡ଼ିଶାରେ ଏବେ ୮/୧୦ଟି ବିଶ୍ୱବିଦ୍ୟାଳୟ ଅଛି। ସେଠାରେ ଓଡ଼ିଆ ଶ୍ରେଣୀ ନାମକୁମାତ୍ର ଥିଲା ଭଳି ଲାଗୁଛି। ସେଇଠି ସେମାନେ କରିଛନ୍ତି କ'ଣ ? ଭାଷାର ପ୍ରୟୋଗ ନ ହେଲେ ଓଡ଼ିଆରେ ପଢ଼ି ପିଲେ କରିବେ କ'ଣ ? ତେଣୁ କିଏ, କାହିଁକି ଆଗ୍ରହ କରି ଓଡ଼ିଆ ବିଷୟ ନେବ ?

କେହିଜଣେ ମହାପୁରୁଷ କହିଥିଲେ ବହୁସଂଖ୍ୟକ ନୁହେଁ, କେହିଜଣ ମୁଷ୍ଟିମେୟ ଅଙ୍ଗୀକାରବଦ୍ଧ ଲୋକ ଯଦି ଚାହିଁବେ, ସେମାନେ ପୃଥିବୀର ମୋଡ଼ ବଦଳାଇଦେଇ ପାରିବେ। ଏହି ଆପ୍ତବାକ୍ୟକୁ ମନରେ ରଖି ୨୦୧୫ ମସିହା ଏପ୍ରିଲ ଓ ଜୁନ୍ ମାସରେ ଭାଷା ତପସ୍ୱୀ ଗଜାନନ ମିଶ୍ର ଓ ମୁଁ କେତେଜଣ ମୁଷ୍ଟିମେୟ ଭାବି ସେମାନେ ଇତିହାସର ମୋଡ଼ ବଦଳାଇ ଦେଇପାରିବେ ବୋଲି ଚିନ୍ତାକରି ଭାଷାର ବ୍ୟବହାର ଓ ପ୍ରୟୋଗାଦି ପରିପ୍ରେକ୍ଷୀରେ ବ୍ୟକ୍ତିଗତ ଭାବେ ଘରକୁ ଘର ବୁଲି ଲୋକଙ୍କୁ ଭେଟିଥିଲୁ। ସେମାନେ ପ୍ରାୟ ସମସ୍ତେ ଚିନ୍ତକଗୋଷ୍ଠୀର, ବୁଦ୍ଧିଜୀବୀ, ଉଚ୍ଚଶିକ୍ଷିତ, ଉଚ୍ଚ ସରକାରୀ ସେବାନିବୃତ୍ତ ତଥା ତାଙ୍କ ଭିତରେ ଅନେକ ବହୁ ନାମିଦାମୀ ପୁରସ୍କାର ସମେତ ଉପାଧିପ୍ରାପ୍ତ ମଧ୍ୟ। ହେଲେ ସେତେବେଳର ସ୍ୱ-ଅଭିଜ୍ଞତା ବିଷୟ ନ ବଖାଣିବା ଭଲ। ସେମାନେ ଇତିହାସର ମୋଡ଼ ବଦଳେଇ ନ ଦେଇ ଆମ କାର୍ଯ୍ୟକ୍ରମର ମୋଡ଼ ବଦଳେଇ ଦେବାକୁ ଖୁବ୍ ତତ୍ପର ଥିଲାଭଳି ଲାଗିଲେ। ଏପରିକି ଜଣେ ଖୁବ୍ ବଡ଼ ଉପାଧିପ୍ରାପ୍ତ ତଥାକଥିତ ଜ୍ଞାନୀ ଆମକୁ ବୁଲାକୁକୁର ପରି ଦୂରଦୂର-ମାର୍‌ମାର୍ ଅସ୍ପୃଶ୍ୟ ବ୍ୟବହାର କରିଥିବାର ମୋର ସ୍ପଷ୍ଟ ମନେଅଛି।

ମୋର କହିବାର କଥା, ସମସ୍ତ ବୁଦ୍ଧିଜୀବୀ, କବି, ଲେଖକ, ଶିଳ୍ପୀ, କଳାକାର ଏକଜୁଟ ହୋଇ ସ୍ୱର ମିଳାନ୍ତେ; ନିଜ ନିଜ କ୍ଷେତ୍ରରେ, ସୃଜନରେ ଏ ଜାତୀୟ ସର୍ବାଙ୍ଗୀନ ସ୍ୱାର୍ଥର ଆହ୍ୱାନକୁ ଅନୁରଣିତ କରାନ୍ତେ, ଆମକୁ ଆଉ 'ବୁଦ୍‌ବକ୍' ଅପଶବ୍ଦର ଶିକାର ହେବାକୁ ପଡ଼ନ୍ତା ନାହିଁ।

ମନେପକେଇଦେବା ଉଚିତ ହେବ ଯେ ୧୯୩୬ ମସିହା ଏପ୍ରିଲ ପହିଲାରେ କଟକ, ପୁରୀ, ବାଲେଶ୍ୱର, ସମ୍ବଲପୁର ଆଦି ୬ଟି ଜିଲ୍ଲାକୁ ନେଇ ଗଠିତ ହେଲା ସ୍ୱତନ୍ତ୍ର 'ଉତ୍କଳ ପ୍ରଦେଶ'। ପ୍ରାୟ ୮୧ ଲକ୍ଷ ଲୋକସଂଖ୍ୟା ଓ ୩୩ ହଜାର ବର୍ଗମାଇଲକୁ ନେଇ ଗଠିତ ହୋଇଥିବା ଏହି ପ୍ରଥମ ଭାଷାଭିତ୍ତିକ ରାଜ୍ୟର ବର୍ତ୍ତମାନ ଲୋକସଂଖ୍ୟା ପ୍ରାୟ ସାଢ଼େଚାରି କୋଟିରୁ ଉର୍ଦ୍ଧ୍ୱ। ରେଭେନ୍ସା କଲେଜ ପ୍ରେକ୍ଷାଳୟରେ ଅପାର ଉତ୍ସାହ ଓ ଉନ୍ମାଦନାର ସହ ଉଦ୍‌ଘାଟିତ ହୋଇଥିବା ଏହି ଭାଷାଭିତ୍ତିକ ରାଜ୍ୟରେ ଏବେ ଭାଷାର ସ୍ଥିତି କ'ଣ ? ଯଦିଓ ଆମର ସ୍ୱତନ୍ତ୍ର ପରିଚୟ ହିଁ ଆମର ଭାଷା।

ବ୍ରିଟିଶ ସରକାର ଓଡ଼ିଆ ଭାଷାକୁ ସ୍ୱୀକୃତି ଦେଲେ। ୧୯୩୬ ଏପ୍ରିଲ ୧ ତାରିଖଠାରୁ ଏହାର ନିର୍ବାଚନ ହେବା ପର୍ଯ୍ୟନ୍ତ ଶାସନଦାୟିତ୍ୱରେ ରହିଲେ ନିଯୁକ୍ତ ରାଜ୍ୟପାଳ ବା ଗଭର୍ଣ୍ଣର। ପ୍ରଥମ ରାଜ୍ୟପାଳ ଭାବରେ ସାର୍ ଜନ୍ ଅଷ୍ଟିନ୍ ହବାକ୍ ନିଯୁକ୍ତ ହୋଇଥିଲେ। କହିବାର ତାତ୍ପର୍ଯ୍ୟ ହେଲା, ସେବେଠାରୁ ଏପିରିକି ଏହାର ଯଥେଷ୍ଟ ପୂର୍ବରୁ ଇଂରେଜ ଶାସନକାଳରେ ବି ଓଡ଼ିଶାର ଶାସନ ଓଡ଼ିଆ ଭାଷାରେ ସମ୍ପାଦିତ ହେଉଥିଲା। ଭାରତବର୍ଷ ସ୍ୱାଧୀନ ହେଲା ଓଡ଼ିଶା, ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ, ଜମ୍ମୁ ଓ କାଶ୍ମୀର, ଆସାମ, ବିହାର, ହିମାଚଳ ପ୍ରଦେଶ, ତ୍ରିପୁରା ଓ ସିକିମ୍ ଆଦି ରାଜ୍ୟଗୁଡ଼ିକ ଥିଲେ। ସୀମା କମିଶନ ଗଠନ ଓ ବିଚାର ପରେ କେରଳ, କର୍ଣ୍ଣାଟକ, ମଧ୍ୟପ୍ରଦେଶ, ଆନ୍ଧ୍ରପ୍ରଦେଶ, ଆନ୍ଧ୍ରପ୍ରଦେଶ, ରାଜସ୍ଥାନ, ଗୁଜୁରାଟଓ ମହାରାଷ୍ଟ୍ର ଆଦି ନୂଆ ରାଜ୍ୟମାନ ଗଠନ କରାଗଲା। ଅତଏବ ସ୍ୱାଧୀନତା ପୂର୍ବରୁ ଓଡ଼ିଶାର ସ୍ଥିତି ଓ ସ୍ୱତନ୍ତ୍ରତାକୁ ଲକ୍ଷ୍ୟ କରାଯାଉ। ପୁଣି ସମ୍ବିଧାନର ଅଷ୍ଟମ ସୂଚୀରେ ଏହି ଭାଷା ୧୫ଟି ପ୍ରମୁଖ ଭାଷା ମଧ୍ୟରେ ଅଗ୍ରଗଣ୍ୟ ଥିଲା। ହେଲେ ୮୦ ବର୍ଷ ପରେ ଏହାର ସ୍ଥିତି କ'ଣ ? ନିଜ ରାଜ୍ୟରେ ଏହା ବ୍ୟବହାରଯୋଗ୍ୟ ହୋଇପାରିଲା ନାହିଁ; ଏହା ଦୁର୍ଭାଗ୍ୟଜନକ ନୁହେଁ ତ ଆଉ କ'ଣ ? ଏଥିପାଇଁ ଦାୟୀ କିଏ ? ଯାର କାରଣ କ'ଣ ? ଗୋଟିଏ ଜାତିର ଭାଷା, ଅନ୍ୟଭାବରେ କହିଲେ ତତ୍‌ସନ୍ନିହିତ ତା'ର ଐତିହ୍ୟ, ଜାତୀୟତାକୁ ମାରିଦେବା ପାଇଁ କରାଯାଉଥିବା ହୀନ ଅଭିସନ୍ଧିର ଇତିବୃତ୍ତ ପ୍ରତ୍ୟେକ ଓଡ଼ିଆ ଜାଣିବା ଜରୁରୀ ନୁହେଁ କି ?

ପୂର୍ବରୁ ସଂସ୍କୃତ, ତାମିଲ, ତେଲୁଗୁ, କନ୍ନଡ଼ ଓ ମାଲାୟାଲମ୍ ଭାଷାଗୁଡ଼ିକ ଶାସ୍ତ୍ରୀୟ ମାନ୍ୟତା ହାସଲ କରିସାରିଥିଲେ। ଆମର ଅବହେଳା ଯୋଗୁଁ ବିଳମ୍ବରେ ହେଉପଛେ ଷଷ୍ଠ ଓ ସ୍ୱତନ୍ତ୍ର ଭାଷା ଭାବେ ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତାପ୍ରାପ୍ତ ହେଲା। ସଂସ୍କୃତ କୌଣସି ରାଜ୍ୟର ଭାଷା ନୁହେଁ। ଅନ୍ୟ ୪ଟି ଭାଷାର ରାଜ୍ୟରେ ସେହି ରାଜ୍ୟର ପ୍ରଶାସନିକ କାର୍ଯ୍ୟ ଆଇନ୍ ଅଦାଲତି କାମ ତଥା ଅନ୍ୟାନ୍ୟ ବ୍ୟବସାୟିକ/ଅଣବ୍ୟବସାୟିକ କାର୍ଯ୍ୟ ସେମାନଙ୍କର ଭାଷାରେ ଚାଲେ। କେବଳ ବିଡ଼ମ୍ବନା ଏଇ ଓଡ଼ିଶାରେ। ଯେଉଁଠି ଯୁକ୍ତିଯୁକ୍ତ ଭାବେ ପ୍ରଥମେ ହେବା କଥା (ନ୍ୟାୟସଙ୍ଗତ)। ସବୁଠାରୁ ଆଶ୍ଚର୍ଯ୍ୟ ଓ ପରିତାପର ବିଷୟ ଯେ ଏଠାରେ ବିଧାନସଭାରେ ସଂଶୋଧନ ବିଲ୍ ଅଣାଯାଇ ପୂର୍ବରୁ ପ୍ରଶାସନିକ କ୍ଷେତ୍ରରେ ଚାଲୁଥିବା ଏ ଭାଷାର ପ୍ରଚଳନକୁ ପ୍ରତିରୋଧ କରାଯାଇଛି ! ଓଡ଼ିଆ ଭାଷାକୁ ଟେକି ପକେଇଛନ୍ତି ବୋଲି ମିଛ ପ୍ରଚାର କରି କେଇଜଣ ତଥାକଥିତ ମୁଣ୍ଡିଆଳ ସାଜିଥିବା ବଡ଼କୁହା, ବହୁ ଆର୍ଥିକ ଓ ଆଖିଦୃଶିଆ ପୁରସ୍କାର ହାତେଇ ନେଇଥିବା କବି/ଲେଖକଙ୍କର ଏ ଦିଗରେ ଅବଦାନ କ'ଣ ? ପାଇବା ଛଡ଼ା ସେମାନେ ରାଜ୍ୟକୁ ଦେଇଛନ୍ତି କ'ଣ ? ଓଡ଼ିଶା ସ୍ୱତନ୍ତ୍ର ହେବାଠାରୁ ପ୍ରଚଳିତ ହୋଇଆସୁଥିବା ସମ୍ବିଧାନସମ୍ମତ ଓଡ଼ିଆ ଭାଷା ବଦଳରେ କାହିଁକି ଅନ୍ୟ ଭାଷାକୁ ଥୋପି ଦିଆଗଲା, ସେ ବିଷୟରେ କେହି ପାଟି ଫିଟାଇଛନ୍ତି କି ? ଲେଖନୀଚାଳନା କରିଛନ୍ତି ? ସରକାରୀ ଭାଷା ଆଇନର ବାଟ ଓଗାଳି ତା'ର ସଂଶୋଧନ କରାଯାଇ ଓଡ଼ିଆ ଭାଷାର ସାମ୍ବିଧାନିକ ବ୍ୟବହାରର ଗତିରୋଧ ବିରୋଧରେ କେହି କେବେ କ୍ଷୀଣ ସ୍ୱରଟିଏ ବି ଉତ୍ତୋଳନ କରିଛନ୍ତି କି ?

ଭାଷା ଜନନୀର ଅପାର କୃପାରୁ ଅନକ ଯଶ, ଖ୍ୟାତି ଓ ସମ୍ମାନର ଅଧିକାରୀ ହୋଇଥିବା ତଥା ପରୋକ୍ଷରେ ନାନାଭାବେ ଉପକୃତ ହୋଇଥିବା, କେହି ନ ହେଲେ ନାହିଁ, ଅନ୍ତତଃ କବି, ଲେଖକ, କଳାକାର, ସର୍ଜନ ଶିଳ୍ପୀମାନେ ଯଦି ଥରୁଟିଏ ରାଜରାସ୍ତାକୁ ଆସି ସେମାନଙ୍କର ସ୍ୱାଭିମାନ ଜାହିର କରି ଭାଷାଜନନୀର ନ୍ୟାଯ୍ୟ ହତଗୌରବକୁ ଫେରାଇ ଆଣିବାର ସତ୍‌ପ୍ରୟାସ କରନ୍ତେ, ସେମାନେ ଅଧିକରୁ ଅଧିକତର ଯଶସ୍ୱୀ ହେବା ସହ ଇତିହାସର ମୋଡ଼ ବଦଳିଯାଆନ୍ତା। ଓଡ଼ିଆମାନଙ୍କୁ ଆଉ କଳାପତାକା ଧରି ଚାଲିବାକୁ ପଡ଼ନ୍ତା ନାହିଁ କି କାହାଠାରୁ 'ବୁଦ୍‌ବକ' ଶୁଣିବାକୁ ପଡ଼ନ୍ତା ନାହିଁ।

ବନ୍ଧୁଗଣ, ଯାହା ଯାଇଛି ଯାଇଛି। ଏବେ ବି ଉଚ୍ଛୁର ହୋଇନି ସମୟ। ଆସନ୍ତୁ ଆଜି କୋଟିଏ କଣ୍ଠକୁ ଗୋଟିଏ କରି ବଜ୍ରଆହ୍ୱାନ ତୋଳିବା-

**ଗଲା ଯା ଯାଇଛି, ତା' ଲାଗି**
**ଶୋଚନା**
**ଲାଭ କିବା ଆଜି, କରିଲେ ରଚନା**
**ଏଇ ମୁହୂର୍ତ୍ତରୁ ସବୁରି ଚିତ୍ତେ**
**ଭାଷା କମଳିନୀ ଫୁଟୁ**
**ଅତୀତର ଶତ ଦୈନ୍ୟଯାତନା**
**ଭୁଲ, ଯାଗୁ ପ୍ରାଣେ ନବ ଉନ୍ମାଦନା**
**ପ୍ରତିଟି ହୃଦୟେ**
**ଭାଷାର ସଙ୍ଗୀତ ଛୁଟୁ।**

(କ୍ରମଶଃ...)

*ଦୂରଭାଷ : ୯୪୩୭୨୬୭୧୨୫*

# ପୁରାଣର ଐତିହାସିକତା

## ଜେ.ଏସ.କୁମାର

ପୁରାଣ କହିଲେ ପ୍ରାଚୀନ କାଳ୍ପନିକ କାହାଣୀ, ଯାହା କିମ୍ବଦନ୍ତୀ କିମ୍ବା ଲୋକକଥା ପରି ଲୋକମନକୁ ମୁଗଧକରେ, ବାରମ୍ବାର ଶୁଣିବାକୁ ଲୋକଙ୍କର ଆଗ୍ରହ ହୋଇଥାଏ ବୋଲି ଆମକୁ ଆଜିଯାଏ ଶିକ୍ଷା ଦିଆଯାଇଛି ଅଥବା ପଢାଯାଇଛି । ଆମଦେଶରେ ଏପରି ଏକ ବିଚାର ସଂସ୍କୃତ ଓ ସଂସ୍କୃତିର ବିଚ୍ଛିନ୍ନତାରୁ ସୃଷ୍ଟିହୋଇଛି । ଯେଉଁମାନେ ସଂସ୍କୃତ ପଢି ନ ପାରିଲେ ସେମାନେ ଇଂରେଜମାନଙ୍କ ଲିଖିତ ପୁସ୍ତକ ପଢି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ । ତେଣୁ ଇଂରେଜମାନେ ଭାରତରେ ଥିବା ସମୟରେ ଓ ସେମାନେ ଯିବାର ସତୁରୀ ବର୍ଷଯାଏ ଏମିତି ଏକ ସନ୍ଦେହାଚ୍ଛନ୍ନ ମନୋଭାବ ଭାରତୀୟଙ୍କ ମନରେ ସୃଷ୍ଟି ହେଲା । ତାର୍କିକ ନ୍ୟାୟରେ କେବଳ ବିଦେଶୀ ଲୋକଙ୍କ ଲେଖାକୁ ଅଧିକ ଯୁକ୍ତଯୁକ୍ତ କହି ଗୋଟିଏ ପିଢିର ଲୋକେ ଭାରତର ପୁରାଣକୁ ସଂପୂର୍ଣ୍ଣ ଖାରଜ କରି ଆସୁଥିଲେ । ପୁରାଣ ବର୍ଣ୍ଣିତ ବିଷୟବସ୍ତୁ ଗୁଡିକର ସତ୍ୟତା ନଥିବା କଥା କହୁଥିଲେ ।

କିନ୍ତୁ ସମୟକ୍ରମେ ପୁରାଣରେ ବର୍ଣ୍ଣିତ ଘଟଣା, ସ୍ଥାନ, କାଳ, ପାତ୍ର ଓ ପରିବେଶ ସଂକ୍ରାନ୍ତରେ ଅନେକ ତଥ୍ୟ ଲୋକ ସମ୍ମୁଖକୁ ଆସିଛି ଓ ଆସୁଛି । ଏବେ ଅନେକ ବିଜ୍ଞାନୀ ଭାରତର ପୁରାଣକାଳୀନ ବିଷୟକୁ ନେଇ ଅଧ୍ୟୟନ କରୁଛନ୍ତି । ଯେମିତି ସେତୁବନ୍ଧ ବିଷୟ ରାମାୟଣରେ ବର୍ଣ୍ଣନା ହୋଇଛି । ଏବେ ନାସାର ଉପଗ୍ରହ ଚିତ୍ର ଅନୁସାରେ ରାମାୟଣର ସେତୁବନ୍ଧ ଅତି ସ୍ପଷ୍ଟ ଦେଖାଯାଉଛି । ସେହିପରି ସରସ୍ୱତୀ ନଦୀର ସଭ୍ୟତା । ପୁରାଣରେ ଗଙ୍ଗା, ଯମୁନା ଓ ସରସ୍ୱତୀ ନଦୀର ବର୍ଣ୍ଣନା ଆମେ ଶୁଣିଛୁ । ଗଙ୍ଗା ଓ ଯମୁନାର ପ୍ରବାହ ଏବେ ଥିଲାବେଳେ ସରସ୍ୱତୀ ନଦୀ ଲୁକ୍‌କାୟିତ ଅବସ୍ଥାରେ ରହିଛି । କିନ୍ତୁ ଉପଗ୍ରହ ଚିତ୍ରରୁ ସରସ୍ୱତୀ ନଦୀର ଗତିପଥକୁ ଆମେ ସ୍ପଷ୍ଟରୂପେ ଦେଖିପାରିବା । ସରସ୍ୱତୀ ନଦୀର ସଭ୍ୟତା ସାଧାରଣତଃ ଖ୍ରୀ.ପୂ ୫୦୦୦ରୁ ୮୦୦୦ ମଧ୍ୟରେ କଳନା କରାଯାଇଥାଏ । ଗତ ୧୦୦ବର୍ଷ ମଧ୍ୟରେ ଏହି ନଦୀ ସଭ୍ୟତାର ୫୦୦ଟି ସ୍ଥାନରେ ଅନ୍ୱେଷଣ କରାଯାଇଛି । ଅନେକ ଅବଶେଷ ମିଳିବାପରେ ଏହି ଅଞ୍ଚଳରେ ସମୃଦ୍ଧ ସଭ୍ୟତା ଏକଦା ରହିଥିବାର ପ୍ରମାଣ ମିଳିଛି । ଭାରତର ଇସ୍ରୋ ଓ ଆମେରିକାର ନାସା ଗବେଷଣା ସଂସ୍ଥା ସରସ୍ୱତୀ ନଦୀ କଥାକୁ ପୁରାଣ ନୁହେଁ ବୈଜ୍ଞାନିକ ସତ୍ୟର ଆଧାର ଦେଇଛନ୍ତି । ମାଟିତଳେ ଏହି ନଦୀର ପ୍ରବହମାନ ଧାରା ଏବେବି ରହିଥିବା ଜଣାଯାଇଛି । ରାଜସ୍ଥାନର ଜୈସାଲମେର ଓ ହରିଆଣାର ଅନେକ ସ୍ଥାନରେ ଏହି ନଦୀର ଜଳ ବାହାରେ ଦୃଶ୍ୟମାନ ହେଉଛି । ଖଡଗପୁର ଆଇ.ଆଇ.ଟି ଏବଂ ଭାରତୀୟ ପ୍ରତ୍ନତାତ୍ତ୍ୱିକ ବିଭାଗ (ଏଏସ୍‌ଆଇ) ପକ୍ଷରୁ ମିଳିତ ଘୋଷଣାରେ କୁହାଯାଇଛି ଯେ ସିନ୍ଧୁଘାଟୀ ଅଞ୍ଚଳରେ ସଭ୍ୟତା ପ୍ରାୟ ୮୦୦୦ବର୍ଷ ତଳେ ରହିଥିଲା । ସେହିପରି ହରପ୍ପା ସଭ୍ୟତା ସମୟ ପୂର୍ବରୁ ଖ୍ରୀ.ପୂ ୩୨୦୦ରୁ ୩୬୦୦ ବୋଲି କୁହାଯାଉଥିଲା । ହେଲେ ହରିଆଣାର ଭୀରାଗୋ ଉତ୍‌ଖନନ ପରେ ଖ୍ରୀ.ପୂ ୬୦୦୦ ବର୍ଷପୂର୍ବର ପ୍ରମାଣ ମିଳିଛି । ସେହିପରି ରାକ୍ଷୀଗଡୀର ଉତ୍‌ଖନନରୁ ଯୋଜନାବଦ୍ଧ ସହର ନିର୍ମାଣର ପ୍ରମାଣ ମିଳିପାରିଛି । ପୂର୍ବେ କୁହାଯାଉଥିଲା ଯେ ହର୍‌ପପା ସଭ୍ୟତାର ଆରମ୍ଭ ହିନ୍ଦୁକୁଶ ପର୍ବତମାଳାର ମେହେରଗଡ କିମ୍ବା ମଧ୍ୟ ଏସିଆରୁ ହୋଇଥିଲା । ସରସ୍ୱତୀ ନଦୀ ସଭ୍ୟତାର ଅନ୍ୱେଷଣ ୧୮୭୪ରେ ଦୁଇଜଣ ଏଏସଆଇ ଅଧିକାରୀ ସି.ଏଫ. ଓଲଡ୍‌ହୋମ ଓ ଆର.ଡି ଓଲଡ୍‌ହୋମ ଆରମ୍ଭ କରିଥିଲେ । ୧୮୯୩ରେ ସି.ଏଫ୍ ଓଲଡହୋମ୍ ମରୁଭୂମିରେ ବିଲୁପ୍ତ ନଦୀକୁ ପୁରାଣ ବର୍ଣ୍ଣିତ ନଦୀ ବୋଲି କହିଥିଲେ । କିଛି ବର୍ଷ ପାଇଁ ଏ ଦିଗରେ ଅଧିକ କାର୍ଯ୍ୟ ହେଲାନାହିଁ । ପରେ ୧୯୩୧ରେ ମାର୍ଶାଲ ହରପ୍ପାକାଳୀନ ସଭ୍ୟତା ଅନ୍ୱେଷଣ ଜାରି ରଖିଲେ । ୧୯୪୨ରେ ଷ୍ଟାଇନ ଧକ୍‌ଧର ଓ ହାକଡାପୁରା ପ୍ରବାହ ମାର୍ଗକୁ ସରସ୍ୱତୀ ନଦୀର ବିଲୁପ୍ତ ଧାରାଭାବେ ବର୍ଣ୍ଣନା କରିଥିଲେ । ୧୯୫୨ରେ ଡକ୍ଟର କୃଷ୍ଣନ ତାଙ୍କ ଗବେଷଣାରେ ସରସ୍ୱତୀ ନଦୀକୁ ଖ୍ରୀ.ପୂ ୫୦୦୦ର ବଡନଦୀ ଭାବେ ଉଲ୍ଲେଖ କରିଥିଲେ । ୧୯୮୩ରେ ବିଷ୍ଣୁ ବାକଣକର ଏ ଦିଗରେ ଅଧିକ କାର୍ଯ୍ୟକରିଥିଲେ । ୧୯ ନଭେମ୍ବର ୧୯୮୫ରେ ସେ ହରିଆଣାର ଆଦିବଦ୍ରିଠାରୁ ସରସ୍ୱତୀ ଅନୁସନ୍ଧାନ କାର୍ଯ୍ୟ କରିଥିଲେ । ଆଦିବଦ୍ରୀଠାରେ ସରସ୍ୱତୀର ଧାରାକୁ ମାଟି ଉପରେ ଦେଖିବାକୁ ମିଳିଥାଏ । ୨୦ ଡିସେମ୍ବର ୧୯୮୫ରେ ୪୦୦୦ କି.ମି ଯାତ୍ରା କରିବାପରେ ଗୁଜରାଟର ପ୍ରଭାସ ପଟଣଠାରେ ବାକଣକରଣ ଦଳ ପହଞ୍ଚିଥିଲେ । ସରସ୍ୱତୀ ନଦୀ ଏଠାରେ ସମୁଦ୍ର ସହ ମିଳିଥିବା କୁହାଯାଏ ।୧୯୮୮ରେ ବାକଣକରଙ୍କ ମୃତ୍ୟୁ ପରେ ମୋରୋପନ୍ତ ପିଙ୍ଗଳେ ସରସ୍ୱତୀ ଗବେଷଣାର ନେତୃତ୍ୱ ନେଇଥିଲେ । ସେ ୮ବର୍ଷ ଧରି ହରିଆଣା, ରାଜସ୍ଥାନ ଓ ଗୁଜରାଟର ଅନେକ ଅଞ୍ଚଳରେ ଗସ୍ତକରି ସରସ୍ୱତୀର ପ୍ରବାହମାର୍ଗ ଆଦିବଦ୍ରୀ, ପିହୋବା, ସୀର୍ସା, ହନୁମାନଗଡ, ସୂରତଗଡ, ଅନୁପଗଡ, ମରୋଟ, କିଶନଗଡ, ତନୋଟ, ଘୋଟାରୁ, ଶାହଗଡ, ପାକିସ୍ଥାନର ବହାବଲପୁର ଓ ଗୁଜରାଟର କଚ୍ଛ ବୋଲି ପ୍ରକାଶ କରିଥିଲେ । ଦିଲ୍ଲୀର ସରସ୍ୱତୀ ମହାବିଦ୍ୟାଳୟର ଡକ୍ଟର ରତ୍ନେଶ ତ୍ରିପାଠୀ ସରସ୍ୱତୀ ନଦୀ ସଂପର୍କରେ ଗବେଷଣାକରି ଡିଗ୍ରୀଲାଭ କରିଛନ୍ତି । ସେ ମଧ୍ୟ ସରସ୍ୱତୀ ନଦୀର ଗତିପଥ ସଂକ୍ରାନ୍ତରେ ଅନେକ ମହତ୍ୱପୂର୍ଣ୍ଣ ତଥ୍ୟ ପାଇଛନ୍ତି ।

ପ୍ରଫେସର ଶିବାଜୀ ସିଂହ ପୁରାଣ ବର୍ଣ୍ଣିତ ସରସ୍ୱତୀ ନଦୀ ସଂପର୍କରେ ଉଲ୍ଲେଖକରି କହିଛନ୍ତି "ସରସ୍ୱତୀ ନଦୀ ସଂପର୍କରେ ପ୍ରାଚୀନକାଳରୁ ଦୁଇପ୍ରକାରର ଧାରଣା ରହିଆସିଛି । ଗୋଟିଏ ହେଲା ସରସ୍ୱତୀ ନଦୀ ଗୁପ୍ତରୂପରେ ପ୍ରୟାଗଠାରେ ଗଙ୍ଗାସହ ମିଶିବା ଏବଂ ଅନ୍ୟଟି ହେଲା ସୋମନାଥ ନିକଟରେ ଆରବ ସାଗରରେ ମିଶିବା । ଏହି ଦୁଇପ୍ରକାର ଧାରଣା ଠିକ୍ ର କାରଣ ସରସ୍ୱତୀ ସ୍ଥିର ହୋଇ ରହୁନଥିବା ହେତୁ କେବେ କେବେ ଏହାର ଧାରା ଯମୁନାସହ ମିଶୁଥିଲା । କିନ୍ତୁ ଯେଉଁମାନେ ସରସ୍ୱତୀର ଅସ୍ତିତ୍ୱକୁ ଗ୍ରହଣ କରନ୍ତିନାହିଁ ସେମାନେ ଇତିହାସକୁ ଅସମ୍ମାନ କରୁଛନ୍ତି ।" ଇନ୍ଦିରାଗାନ୍ଧି ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟର (ଇତିହାସ ବିଭାଗମୁଖ୍ୟ ପ୍ରଫେସର କପିଳକୁମାର ମଧ୍ୟ ଶିବାଜୀ ସିଂହଙ୍କୁ ସମର୍ଥନ କରନ୍ତି । "ଯେଉଁ ବାମପନ୍ଥୀ ଐତିହାସିକମାନେ ବିନା ସାକ୍ଷ ? ପ୍ରମାଣରେ ପ୍ରାଚୀନ ଭାରତର ଇତିହାସକୁ ମିଥ୍ୟାବୋଲି କହିଥାନ୍ତି ସେମାନେ ଉପନିବେଶିକ ଶାସନକୁ କାଏମକରି ରଖିବାକୁ ପ୍ରାଚୀନ ଭାରତୀୟ ଇତିହାସକୁ ଅସମ୍ମାନିତ କରିଥାନ୍ତି ।" ସେହିପରି ଏକଦା ଦ୍ୱାରକାପୁରୀ ବିଷୟକୁ ପୁରାଣର କଥା କହି ଏଡାଇ ଦିଆଯାଉଥିଲା । କିନ୍ତୁ ପୁରାଣ ବର୍ଣ୍ଣିତ ଦ୍ୱାରକା ପୁରୀର ବର୍ଣ୍ଣନା ଅନୁଯାୟୀ ପରବର୍ତ୍ତୀ ସମୟରେ ସମୁଦ୍ରଗର୍ଭରୁ ଦ୍ୱାରକାନଗରୀର ସନ୍ଧାନ ମିଳିବାପରେ ଏହାକୁ କେହି କାହାଣୀ କହିପାରୁନାହାନ୍ତି । ଏସ.କଲ୍ୟାଣ ରମଣଙ୍କ ଅନୁଯାୟୀ ରାକ୍ଷୀଗଡୀରୁ ମିଳିଥିବା ନରକଙ୍କାଳର ଡିଏନଏ ପରୀକ୍ଷାରୁ ଭାରତରେ ଥିବା ଲୋକେ ଭାରତୀୟ ବୋଲି ପ୍ରମାଣିତ ହେବ । ଆର୍ଯ୍ୟମାନେ ବାହାରୁଆସି ଭାରତରେ ବସବାସ କରିଥିବା କାହାଣୀର ଅନ୍ତ ଘଟିବ । ସରସ୍ୱତୀ ନଦୀର କୂଳଦେଶର ମାତ୍ର ୫-୬ଟି ସ୍ଥାନରେ ଏପର୍ଯ୍ୟନ୍ତ ଉତ୍‌ଖନନ କରାଯାଇଛି । ଆଗାମୀ ଦିନରେ ଏହିପରି ୨୦୦୦ଟି ସ୍ଥାନରେ ଉତ୍‌ଖନନ ହେବାକୁ ବାକି ରହିଛି । ସରସ୍ୱତୀ, ଯମୁନା, ସରସ୍ୱତୀ, ରାଜସ୍ଥାନ, ରାଜସ୍ଥାନ-ସାବରମତୀ ଲିଙ୍କକୁ ନେଇ କାର୍ଯ୍ୟ ହେଲେ ୧୩୦୦ କି.ମି ଦୀର୍ଘ ସରସ୍ୱତୀ ନଦୀ ପୁନର୍ବାର ମାଟି ଉପରେ ବହିବାକୁ ଲାଗିବ । ରାକ୍ଷୀଗଡୀ ଗ୍ରାମ ଦିଲ୍ଲୀଠାରୁ ପ୍ରାୟ ୧୫୦ କି.ମି ଦୂରରେ ଅବସ୍ଥିତ । ଏଠାରୁ ମିଳିଥିବା ବସ୍ତୁର କାର୍ବନ ପରୀକ୍ଷା କରାଯାଇଥିଲା । ୨୦୧୪ରେ ମିଳିଥିବା ଏହି ବସ୍ତୁରୁ ଜଣାଯାଏ ଯେ ଏସବୁ ୮୦୦୦ବର୍ଷର ପୁରୁଣା ।

ପ୍ରଥମେ ୧୯୨୧ରେ ହରପ୍ପା, ୧୯୫୮ରେ ହରପ୍ପାର ପୂର୍ବଭାଗ, ୧୯୬୦-୬୧ରେ କାଳୀବଙ୍ଗାରେ ହୋଇଥିବା ଖନନରୁ ପ୍ରାପ୍ତ ବସ୍ତୁ ମଧ୍ୟରେ କେତେକ ସଂପର୍କ ଥିବା ଜଣାପଡିଥିଲା । ଗତ ଶତାବ୍ଦୀର ଶେଷ ଏବଂ ୨୧ ଶତାବ୍ଦୀର ଆରମ୍ଭରେ ହୋଇଥିବା ଖନନରୁ କୁନାଳ, ଗିରୱାଡ, ପରୱାନା, ରାକ୍ଷୀଗଡୀ, ଭିରାଣା ଓ ପାକିସ୍ଥାନର ମେହେରଗଡରୁ ରେଡିଓ ମାଟ୍ରିକ ତଥ୍ୟରୁ ଜଣାପଡେ ଯେ ଖ୍ରୀ.ପୂ ୮ମ ଶତାବ୍ଦୀରେ ଏସବୁ ଅଞ୍ଚଳରେ ଜନବସତି ରହିଥିଲା । ରାକ୍ଷୀଗଡୀରେ ସବୁ ସଡକ ୧.୯୨ ମିଟର ଚଉଡାର ଥିବା ଜଣାପଡିଛି । କମାରଶାଳର ପ୍ରମାଣ, ଟେରାକୋଟାର ମୂର୍ତ୍ତି, ତମ୍ବାର ବାସନ ଓ ପ୍ରତିମା ଏକ ଶ୍ମଶାନ, ୮ଟି ନରକଙ୍କାଳ ମିଳିଛି । କଙ୍କାଳଗୁଡିକର ମୁଣ୍ଡ ଉତ୍ତରଦିଗକୁ ଥିଲା । କଙ୍କାଳ ସହ କେତେକ ବାସନର ଅବଶେଷ ରହିଥିଲା । ଏପ୍ରିଲ ୨୦୧୫ରେ ହୋଇଥିବା ଖନନରୁ ୪ଟି କଙ୍କାଳ ମିଳିଛି । ସେଥିରୁ ତିନୋଟି ପୁରୁଷ, ଗୋଟିଏ ସ୍ତ୍ରୀର କଙ୍କାଳ, କଙ୍କାଳ ନିକଟରୁ ବାସନକୁସନ ସହ ଖାଦ୍ୟ ପଦାର୍ଥ ଥିବା ଜଣାପଡିଛି । ଆଧୁନିକ ଗବେଷଣା ଉତ୍‌ଖନନ ଓ ପରୀକ୍ଷାରୁ ଯାହା ଜଣାପଡେ ପୁରାଣର ସତ୍ୟତା ମଧ୍ୟ ରହିଛି, ଐତିହାସିକତା ରହିଛି, ଯାହା ଅଧିକ ଗବେଷଣାର ଅପେକ୍ଷା ରଖେ । ପୁରାଣର ସ୍ଥାନ ସଂପର୍କକୁ ନେଇ ଆଗାମୀ ଦିନରେ ଅଧିକ ଗବେଷଣା କରାଗଲେ, ଐତିହାସିକ ସତ୍ୟତା ସଂପର୍କରେ ପ୍ରମାଣ ମିଳିବା ସହ ପ୍ରାଚୀନ ସଭ୍ୟତା ଓ ସଂସ୍କୃତି ସଂପର୍କରେ ଅଧିକ ତଥ୍ୟ ଲୋକଲୋଚନକୁ ଆସିବା ସହଜହେବ ।

*ଭାରତୀୟ ସମ୍ବାଦ ସେବା (ଭାସ୍)*
*ଭୁବନେଶ୍ୱର -୭୫୧୦୦୩*

## ଚିଠି ପାଇଛୁ

**ପ୍ରିୟ ସମ୍ପାଦକ ମହୋଦୟ,**

ପ୍ରଣାମ। 'ଏକମାତ୍ର' ଖବରକାଜଟିକୁ ଆମୂଳଚୁଳ ପାଠକଲା ପରେ ଏହି ଚିଠି ଲେଖୁଛି। ଏହାର ପୃଷ୍ଠାସଜ୍ଜା ଓ ରୋଚକ ପରିବେଷଣ ଏହାର ଉଜ୍ଜ୍ୱଳ ଭବିଷ୍ୟତର ସ୍ୱାକ୍ଷର ବହନ କଲାଭଳି ଲାଗୁଛି। ସମ୍ପାଦକୀୟ ପୃଷ୍ଠାଟି ଖୁବ୍ ଉଚ୍ଚକୋଟୀର। ନେତାଜୀଙ୍କ ଜନ୍ମ ସମ୍ପର୍କିତ ଭ୍ରମାତ୍ମକ ପ୍ରଚାର ସମ୍ପର୍କିତ ଉମାକାନ୍ତ ରାଉତଙ୍କ ଲେଖାଟି ଆଖି ଖୋଲିଦେଲା ଭଳି ଲେଖାଟିଏ। ଏହା ସମସ୍ତଙ୍କୁ ସଜାଗ କରିବ। 'ସାହିତ୍ୟ ପୃଷ୍ଠା' ଖୁବ୍ ମନଲୋଭା ହୋଇଛି। ଲେଖାଗୁଡ଼ିକର ବସାଣ ପଢ଼ିବା ପାଇଁ ଇଚ୍ଛାକୁ ପ୍ରଚୋଦିତ କରୁଛି।

ପ୍ରତି ସଂଖ୍ୟାରେ କିଛି ବ୍ୟଙ୍ଗ/କଟାକ୍ଷ ଦିଅନ୍ତୁ। ପ୍ରଥମ ପୃଷ୍ଠାରେ ଓଡ଼ିଆ କବି/ମହାପୁରୁଷଙ୍କର ଜାତୀୟତାସୂଚକ / ଭାଷା ସମ୍ପର୍କିତ / ଓଡ଼ିଆ ଅସ୍ମିତା ସମ୍ପର୍କିତ ପଂକ୍ତି ରହିଲେ ଏହାର ମାନ ବୃଦ୍ଧି ହେବ। ଅନୁଚିନ୍ତା / ନୀତିକଥା / ମିଠାକଥା ଭଳି କିଛି ପ୍ରତି ସଂଖ୍ୟାରେ ନିର୍ଦ୍ଦିଷ୍ଟ ସ୍ଥାନରେ ରହୁ, ପିଲାଙ୍କ ପାଇଁ ସ୍ତମ୍ଭଟିଏ ବି।

*ସୁଶାନ୍ତ କୁମାର ପଣ୍ଡା*
ଟଙ୍କପାଣି ରୋଡ୍, ଭୁବନେଶ୍ୱର

**ସମ୍ମାନନୀୟ ସମ୍ପାଦକ ମହାଶୟ,**

ନୂତନ ଭାବେ ଆତ୍ମପ୍ରକାଶ କରିଥିବା 'ଏକମାତ୍ର'ର ଅଳଂକରଣ ଓ ପରିପାଟୀ ଖୁବ୍ ଭଲ ଲାଗୁଛି। ସାପ୍ତାହିକ ହେଲେ ବି ପ୍ରମୁଖ ଖବର ଏଥିରୁ ଜାଣିହେଉଛି, ବିନା ସମୟ ଅପଚୟରେ। ପ୍ରଥମ ପୃଷ୍ଠାଟି ଖୁବ୍ ସୁନ୍ଦର ହେବା ସହ ସମ୍ପାଦକୀୟ ପୃଷ୍ଠାର ଅତି ମୂଲ୍ୟବାନ ତଥ୍ୟ ସମ୍ବଳିତ ଖୁବ୍ ଉଚ୍ଚକୋଟୀର ଲେଖା ପ୍ରକାଶ ପାଉଛି। ଏହାର ମାନ ଯେ ଅନ୍ୟ ଅନ୍ୟ ବହୁଳ ପ୍ରଚାରିତ ପ୍ରମୁଖ ସମ୍ବାଦପତ୍ରମାନଙ୍କଠାରୁ କୌଣସି ଗୁଣରେ ନ୍ୟୁନ ନୁହେଁ ବୋଲି ପ୍ରତିପାଦିତ କରୁଛି। 'ଉଚ୍ଛ୍ୱାସ' ପୃଷ୍ଠାଟି ମନଲୋଭା। ଗପ, କବିତାଗୁଡ଼ିକ କ୍ରମଶଃ ନ କରି ସମ୍ପୂର୍ଣ୍ଣ ଛାପିଲେ ଭଲ ହେବ। 'ବିଚିତ୍ର' ପୃଷ୍ଠାର ଗାମ୍ଭୀର୍ଯ୍ୟ ନିଆରା। 'ଆମୋଦପ୍ରମୋଦ' ପୃଷ୍ଠାରେ କୃତିତ୍ୱ ହାସଲ କରିଥିବା ଓଡ଼ିଆ ପିଲାମାନଙ୍କ ପାଇଁ ସବୁବେଳେ ସ୍ତମ୍ଭଟିଏ ରହୁ। ସମ୍ବାଦପତ୍ରର ଏହି ଧାରା ବଜାୟ ରହିଲେ, କିଛିବର୍ଷ ଭିତରେ ଏହା ନିଶ୍ଚୟ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିପାରିବ ବୋଲି ବିଶ୍ୱାସ।

*ଜୟଶ୍ରୀ ମହାନ୍ତି*
ମାର୍ଫତ୍ : ସୋମନାଥ ମହାନ୍ତି
କାଳିମୋଘା, ବିଦ୍ୟାଧରପୁର
ତିହିଡ଼ି, ଭଦ୍ରକ

ଆମ ଠିକଣା
**ଏକମାତ୍ର**
**ସମ୍ପାଦନା କାର୍ଯ୍ୟାଳୟ**
**ଏଚଆଇଜି-୧୩୭, ଧର୍ମବିହାର, ଖଣ୍ଡଗିରି**
**ଭୁବନେଶ୍ୱର-୩୦**
**ଦୂରଭାଷ : ୦୮୭୬୩୩୬୮୦୨୯**
**୦୭୦୦୮୩୪୦୩୮୯**

# ବେଦନାର ବେଦ (୧୪)

ଧାରାବାହିକ ଉପନ୍ୟାସ





**କ୍ଷୀରୋଦ ଦାସ**
ମୋ : ୯୪୩୭୧୬୩୦୦୨
ମେଲ୍: khirod65@gmail.com

ମାଟିମନସ୍କ, କଥକତା, ସ୍ମୃତିସଜଳ କାହାଣୀ ଅବତାରଣା, ବଳିଷ୍ଠ କାହାଣୀଧର୍ମିତା, ଚମତ୍କାର ଉପମାଯୁକ୍ତ ଭାଷାବିନ୍ୟାସ ତଥା ଅପୂର୍ବ କ୍ଷୀରୋଦୀୟ ଶୈଳୀରେ ଲିଖିତ ଗାଳ୍ପିକ କ୍ଷୀରୋଦ ଦାସଙ୍କ ଗଳ୍ପ ଓ ଉପନ୍ୟାସ ଅଗଣିତ ପାଠକଙ୍କୁ ମୋହାବିଷ୍ଟ ତଥା ମନ୍ତ୍ରମୁଗ୍ଧ କରିବା ସହିତ ଏକ ଅନନ୍ୟ ଉପଲବ୍ଧିରେ ବିଗଳିତ କରି ପକାଇବାର ସାମର୍ଥ୍ୟ ରଖେ। ପ୍ରାୟ ୧୪ଖଣ୍ଡ ଗଳ୍ପ ସଂକଳନ ଏବଂ ୩ଟି ଅନନ୍ୟ ଉପନ୍ୟାସର ରଚୟିତା ସଦା ସୃଜନମଗ୍ନ ଏଇ ସ୍ରଷ୍ଟାଙ୍କ ପ୍ରତିଟି ସୃଷ୍ଟିରେ ଭରି ରହିଛି ଜୀବନ ପାଇଁ ଅସୀମ ଶ୍ରଦ୍ଧା, ଭୁଶୁଡ଼ି ପଡୁଥିବା ସମ୍ପର୍କ ଓ ମୂଲ୍ୟବୋଧ ପାଇଁ ଅସରନ୍ତି ଦରଦ ଏବଂ ଆଞ୍ଜୁଳା ଆଞ୍ଜୁଳା ଆହାପଣ।

‘ନା...ନା...,ତଳେ ନୁହେଁ, ଦୟାକରି ଚେୟାରରେ ବସନ୍ତୁ।” ଆହୁରି କୋମଳ, ଆହୁରି ଆତ୍ମୀୟତାଭରା ସ୍ୱରରେ ଆଦେଶ ଦେଲେ ଡାକ୍ତର।

ଆଦେଶ ବି ଏତେ ମଧୁର ଶୁଭିପାରେ! -ନିଜ କାନକୁ ବିଶ୍ୱାସ କରିପାରୁ ନଥିଲା ଚକ୍ରଧର। ଏପରି ସମୟରେ ସେ କ'ଣ କରିବ, କୋଉଠି ବସିବ, ସ୍ଥିର କରି ପାରୁନଥିବା ବେଳେ ଚାହିଁଲା ସଞ୍ଜୟ ଆଡକୁ। ସଞ୍ଜୟର ନିରବ ଇସାରା ହିଁ ତାକୁ ଧୀରେ ବସାଇଦେଲା ଚେୟାର ଉପରେ।

କ'ଣ ଗୁଡ଼ାଏ ଲେଖିଥିଲେ ଡାକ୍ତର। ମଝିରେ ମଝିରେ ତାଙ୍କ ଫୋନ୍ ବାଜୁଥିଲା। କଥାବାର୍ତ୍ତା କରୁଥିଲେ। ପୁଣି ଲେଖିଥିଲେ ଏବଂ ଲେଖିସାରି, କଲମକୁ ଯଥାସ୍ଥାନରେ ରଖି ସେ ଟେବୁଲ୍ ଉପରୁ ପାଣି ଗ୍ଲାସ୍‌ଟି ଉଠାଇନେଇ ଦି'ଢୋକ ପିଇଲେ ଏବଂ ଗ୍ଲାସଟିକୁ ଯଥା ସ୍ଥାନରେ ରଖିସାରି କହିଲେ- “କୁହ, ପୁଅର କ'ଣ ହୋଇଛି। କେତେ ବର୍ଷ ହେବ ତାକୁ? ଆଗରୁ କେଉଁଠି ଦେଖାଇଥିଲ? ପୁରୁଣା ପ୍ରେସ୍କ୍ରିପ୍‌ସନ୍ ଅଛି? ଆଣିଛ?’

ଲୋଚାକୋଚା ମଇଳା ପଞ୍ଜାବୀ ପକେଟ୍ ଭିତରୁ ଅଧାଚିରା ମଇଳା କାଗଜ କେଇଖଣ୍ଡ ବାହାର କରି ଥରଥର ହାତରେ ଡାକ୍ତରଙ୍କ ଆଡକୁ ବଢାଇ ଦେଉଥିବାବେଳେ ଚକ୍ରଧର କହିଲା- “ପୁଅକୁ ଆଜ୍ଞା ପାଂଚବର୍ଷ ପୂରି ଛ'ବର୍ଷ ଚାଲିଲା ଗଲା ଦୋଳପୂର୍ଣ୍ଣିମାକୁ। ତା' ପେଟରେ ଅସମ୍ଭବ ରକମର ଯନ୍ତ୍ରଣା ହେଉଛି। ପେଟ ପେଟ କହି ସବୁବେଳେ ଯନ୍ତ୍ରଣାରେ ଚିତ୍କାର କରୁଚି! ଭାରି ଡହଳ ବିକଳ ହେଉଚି ମୋ ଛୁଆଟା ସା'ରେ..............।”

କାନ୍ଦ କାନ୍ଦ ହୋଇଯାଉଥିଲା ଚକ୍ରଧର। ମୁହୂର୍ତ୍ତେ ଚୁପ୍‌ରହି ସେ ପୁଣି କହିଲା- “ପରଜଙ୍ଗ ହସ୍ପିଟାଲର ସାହୁବାବୁ ଡାକ୍ତରଙ୍କୁ ଦେଖାଇଥିଲି ଆଜ୍ଞା। ସେ ଲେଖିଥିବା ସବୁ ଔଷଧ ପୁଅ ଖାଇଛି। ଟୁଣୁକା ଟୁଣିକୀ ଦେଶୀ ଚିକିତ୍ସାଠାରୁ ଆରମ୍ଭ କରି ହୋମିଓପାଥି ଏଲୋପାଥି ସବୁ ଦେଇଚି ଆଜ୍ଞା! ହେଲେ ଯୋଉ କଥାକୁ ସେଇ କଥା। ପେଟ ଯନ୍ତ୍ରଣା କମୁନାହିଁ।”

କହୁ କହୁ କାନ୍ଦି ପକାଇଲା ଚକ୍ରଧର।

- “ବ୍ୟସ୍ତ ହୁଅନା!” ଆଶ୍ୱାସନା ଦେଲେ ଡାକ୍ତର।

- “ଆଚ୍ଛା କହିଲ, ପୁଅର ପେଟ ସବୁବେଳେ ବଥା ହଉଚି ନା ବେଳେବେଳେ? ଯଦି ବେଳେବେଳେ, ତେବେ କେଉଁ ସମୟରେ? ଖାଇବା ପରେ ନା ଖାଇବା ପୂର୍ବରୁ? ସକାଳେ, ଦ୍ୱିପ୍ରହରରେ ନା ରାତିରେ?”

- “ସବୁଦିନେ କି ସବୁବେଳେ ନୁହେଁ ଆଜ୍ଞା। ଆଗରୁ ଆଠ ଦଶଦିନରେ ଥରେ ହେଉଥିଲା। ଏବେ ଦିନେ ଛଡ଼ା ଦିନେ। ଖେଳୁଥିବ ଖେଳୁଥିବ, ହଠାତ୍ ପେଟକୁ ଚାପିଧରି ରଡି ଛାଡ଼ିବ। କାନ୍ଦି କାନ୍ଦି ଗଡିଯିବ ମାଟିରେ। ବାଡେଇ ଛାଟି ହେବ। ଗାଁ ଗାଁ ଚିତ୍କାର କରି ପାଟିରୁ ଫେଣ ବାହାର କରି ପକାଇବ। ଡୋଳା ଲେଉଟାଇ ପକାଇବ। ସେତେବେଳେ ସିଏ ଯେଉଁ ଯନ୍ତ୍ରଣା ନା ଆଜ୍ଞା, ଦେଖିଲା ଲୋକର ଆଖିରେ ଲୁହ ରହିବନି। ଆମେ ତ ସହଜେ ବାପା ମା'। ଏତିକି ବକଟେ ଛୁଆଟା ମୋର ରୋଗ ବିକଳରେ ହନ୍ତସନ୍ତ ହୋଇଗଲାଣି ସା.... ଆ....ରେ.......।” ଚକ୍ରଧର ପୁଣି କାନ୍ଦି ପକାଇଲା।

“ଅଧୈର୍ଯ୍ୟ ହୁଅନା” ଡାକ୍ତର ତ୍ରିପାଠୀ ପୁଣି ଆଶ୍ୱାସନା ଦେଲେ- “ଏଇଟା ମାମୁଲି ରୋଗଟାଏ । ନା ....ନା......ରୋଗ କାହିଁକି ହେବ। ପିଲାଟା ଯାଉସାଉ କ'ଣ ଖିଆ ପିଆ କରିଥିବ। ପେଟଟା କ'ଣ ଟିକିଏ ଗୋଳମାଳ ହୋଇଯାଇଥିବ। ଏପରି ସମସ୍ୟା ପ୍ରାୟ ଅଧିକାଂଶ ପିଲାଙ୍କର ହୁଏ।”

ଆଜ୍ଞା, ବର୍ଷେ ଦେଢବର୍ଷ ହେଲାଣି ଏମିତି ହେଉଛି। ଚକ୍ରଧର ମନେପକାଇଦେଲା ଡାକ୍ତରଙ୍କୁ।

ଡାକ୍ତର ତ୍ରିପାଠୀ କହିଲେ- “ସବୁ ଠିକ୍ ହୋଇଯିବ। ତୁମେ ପ୍ରଥମେ ପିଲାକୁ ଆଣି ଆସ। ମୁଁ ଆଗ ଦେଖିସାରେ। ଭାବୁଛି ସେମିତି କିଛି ଗୁରୁତର ନୁହେଁ।

ତା'ପରେ ସଞ୍ଜୟକୁ ଚାହିଁ କ'ଣ ସବୁ ଇଂରାଜୀରେ କହିଲେ, ସେକଥା କିଛି ବୁଝିପାରିଲା ନାହିଁ ଚକ୍ରଧର।

“ଆଜ୍ଞା , କେବେ ଆଣିବି?”- ଚକ୍ରଧର ପଚାରିଲା।

“ଯେବେ ତୁମର ସୁବିଧା ହେବ, ଆଣିକି ଆସ। ତେବେ ଯେତେ ଶୀଘ୍ର ଆସିବ, ସେତେ ଭଲ।”- ଡାକ୍ତର ତ୍ରିପାଠୀ କହିଲେ।

ଚକ୍ରଧର ଭାବୁଥିଲା, ଏତେବାଟ ଆସିଛି ଯେତେବେଳେ, ଏକାଥରକେ ସବୁ ବିଷୟରେ ସାଫ୍ ସାଫ୍ କଥା ହୋଇଯିବା ଭଲ। ପଛକୁ ଆଉ କିଛି କେଁ ନଥିବ। ସେ ହାତ ମଳିମଳି କହିଲା- “ସା'ରେ, କେତେଟଙ୍କା ଯାଏ ଖର୍ଚ୍ଚ ହେବ?”

- “ସେ ସବୁ କଥା ପରେ। ଆଗ ପୁଅ ଦେହ ଭଲ ହୋଇସାରୁ। ତା' ବାଦ୍ ତମେ ତ କେଉଁ ଅଚିହ୍ନା ଲୋକ ନୁହଁ। ସଞ୍ଜୟର ଗାଁ ଲୋକ। ଦାଦା ହେବ ପରା! ଟଙ୍କା ପଇସା କ'ଣ ବଡ଼ କଥା? ଯାଅ, ସଞ୍ଜୟ ତୁମକୁ ସବୁକଥା ବୁଝାଇଦେବ!”- ଡାକ୍ତର କହିଲେ।

ଚକ୍ରଧରର ମନେ ହେଉଥିଲା, ସେ ସତେଅବା ଅପରିଚିତ କଟକ ସହରର ବଡ଼ ଡାକ୍ତରଖାନାକୁ ଆସିନାହିଁ, ଆସିଛି କେଉଁ ଜଣେ ଘନିଷ୍ଠ କୁଣିଆ ଘରକୁ! ତା' ମନ ସମ୍ପୂର୍ଣ୍ଣ ଦ୍ରବୀଭୂତ ହୋଇଯାଇଥିଲା ଡାକ୍ତରଙ୍କର ଘନିଷ୍ଠତାପୂର୍ଣ୍ଣ କଥାବାର୍ତ୍ତାରେ। ମନ ଭିତରେ ଅଦୃଶ୍ୟ ଓଜନିଆ ବୋଝଟି ଅନେକ ମାତ୍ରାରେ ହାଲ୍‌କା ହୋଇଯାଇଥିଲା। ସେ ଚୁପ୍‌ଚାପ୍ ହୋଇ ବସିରହିଥିଲା ଏବଂ ଉପଭୋଗ କରୁଥିଲା ନାହିଁ ନଥିବା ସନ୍ତୋଷ ଓ ଆତ୍ମତୃପ୍ତି!

ଚକ୍ରଧରର ସେଇ ମୁହୂର୍ତ୍ତରେ ହୃଦ୍‌ବୋଧ ହୋଇ ଯାଉଥିଲା ଯେ ଏ ବିଶାଳ ସଂସାରରେ କିଛି ଭଲ ମଣିଷ ତପାଥି ଅଛନ୍ତି, ଯାହାଙ୍କ ପୁଣ୍ୟ ବଳରେ ଏ ପୃଥିବୀ ଅନନ୍ତକାଳରୁ ତିଷ୍ଠି ରହିଚି ବାସୁକୀ ମଥାରେ। ଯାହାଙ୍କ ସୁକୃତ ବଳରେ ଦିନରାତି ହଉଚି, ଖରା ବର୍ଷା ହଉଚି। ପବନ ବହୁଚି, ଗଛରେ ପତ୍ର କଅଁଳୁଚି, ଫୁଲ ହଉଚି, ଫଳ ଧରୁଚି। ଚକ୍ରଧରର ମନେପଡ଼ିଲା, କେଉଁଠି ଗୋଟେ ସେ ଶୁଣିଥିଲା-ଡାକ୍ତର, ପୋଲିସ ଓ ଓକିଲ, ଏମାନଙ୍କ ହାବୁଡ଼ରେ ମଲ! ହେଲେ ଏବେ, ଏଇ ମୁହୂର୍ତ୍ତରେ ଏ ଅପବାଦଟି ସମ୍ପୂର୍ଣ୍ଣ ମିଥ୍ୟା ହୋଇଯାଉଥିଲା ତା' ପାଇଁ। ସେ ଉଠିବାବେଳେ ପୁଣିଥରେ ନବେ ଡିଗ୍ରୀଆ ନମସ୍କାରଟେ ପକାଇଲା ଡାକ୍ତରଙ୍କ ଉଦ୍ଦେଶ୍ୟରେ। ଡାକ୍ତର ସେତେବେଳକୁ ବ୍ୟସ୍ତ ଥିଲେ ଅନ୍ୟ କାମରେ!

ଫେରିବା ବାଟରେ ସଞ୍ଜୟ କହିଲା- ‘ତୁମେ ଦାଦା ଆଦୌ ବ୍ୟସ୍ତ ହୁଅନା। ତମେ ଠିକ୍ ଡାକ୍ତରଙ୍କ ପାଖରେ ଆସି ପହଂଚୁଛ। ନିଶ୍ଚିନ୍ତ ମନରେ ଘରକୁ ଯାଅ। ଟଙ୍କା ପଇସା ଯୋଗାଡ଼ କରି ଯେଉଁଦିନ ସୁବିଧା ହୋଇପାରିବ, ଆସ। ଏଠି ମୁଁ ସବୁ ବ୍ୟବସ୍ଥା କରିଦେବି।”

‘ବାପ ସଞ୍ଜୁ!’-ଆବେଗରେ ଚକ୍ରଧର କହିଲା- “ତୋ ଉପରେ ମୋର ସମ୍ପୂର୍ଣ୍ଣ ଆସ୍ଥା। କେତେଯାଏ ଖର୍ଚ୍ଚ ହେବ କହିଲୁ ବାପ! ତୁ' ତ ଜାଣୁ ଗରିବ ଖଟିଖିଆ ମଣିଷ ମୁଁ। ଆଗରୁ ଜାଣିଲେ ସିନା, କିଛି ଗୋଟାଏ ବ୍ୟବସ୍ଥା କରିବି!!”

- “ ସେକଥା କ'ଣ ଦାଦା ଏବେଠୁ କହିହେବ?”- ସଞ୍ଜୟ କହିଲା - “ତଥାପି ତୁମେ ପୁଅକୁ ଧରି, ଟଙ୍କା ଆଠ ଦଶହଜାର ଆଣି ଆସିଥାଅ। ସେତିକିରେ ଯଦି ନହେଲା, ଦେଖିବା , ମୁଁ ଅଛି.......!!”

ଶକ୍ତିଶାଳୀ ଏକ କରେଂଟ ପ୍ରବାହିତ ହୋଇଗଲା ଚକ୍ରଧର ଦେହରେ। ତା' ମୁଣ୍ଡ ଝାଇଁ ଝାଇଁ କରିଦେଲା। ଦଶହଜାର ଟଙ୍କା!! ତା' ଦେହ ଝିମ୍ ଝିମ୍ ହୋଇଗଲା ସଞ୍ଜୟର କଥା ଶୁଣି। ତଥାପି ମନର ଭାବନାକୁ ସଞ୍ଜୟ ଆଗରେ ପ୍ରକାଶ କଲାନି ସେ। କାଳେ ପିଲାଟା ଫିଡ଼ିକି ଯିବ। କହିଲା - “ଆଜି ହେଲା ସୋମବାର। ଆସନ୍ତା ରବିବାର ଦିନ ପୁଅକୁ ଆଣି ତୋ ଖୁଡ଼ୀ ଓ ମୁଁ ଆସି ପହଂଚୁବୁ। ହେଲେ ବାପ, ସେଦିନ ମୁଁ ତତେ କୋଉଠି ପାଇବି? ତୋ ବସାଘର ତ ମୁଁ ଦେଖିନି!”

- “ମୁଁ ଏଇଠି, ଏଇ ପତିତପାବନ ନସିଂହୋମ୍ ସାମ୍ନାରେ ସେଦିନ ଦିନ ବାରଟା ବେଳକୁ ତୁମକୁ ଅପେକ୍ଷା କରିଥିବି।” - ସଞ୍ଜୟ କହିଲା ଏବଂ ପାରାଦ୍ୱୀପ ଆଡକୁ ଯାଉଥିବା ଗୋଟେ ବସ୍‌କୁ ହାତ ଦେଖାଇ ଅଟକାଇ ଚକ୍ରଧରକୁ ସେଥିରେ ଉଠାଇଦେବା ପୂର୍ବରୁ କହିଲା - “ପରଜଙ୍ଗ ବଜାରରେ ଓହ୍ଲାଇ ପଡ଼ିବ।” *କ୍ରମଶଃ...*

# ଏହିପରି ବୋଧେ ଜିଇବାକୁ ପଡ଼େ

## ଅକ୍ଷୟ କୁମାର ରାଉତ

ଆଶା ଆଉ ନିରାଶାର ଜୀବନର ନଈ
କେବେଫୁଲ କେବେଶବ ସୁଖଦୁଃଖ ନେଇ
ନିତି ନିତି ଯାଏ ବହି
କେତେ ରାଗ ରାଗିଣୀ କେତେ କାହାଣୀର
ସମୟର ମହାସ୍ରୋତ ଛୁଟେ ନିରନ୍ତର
ଦୁଇକୂଳ ଛୁଇଁ ଛୁଇଁ।
ଏ ପାଖରେ ଥାଏ କୁହୁ ସେ ପାଖରେ କୋହ
ଏ ପାଖରେ କେବେ ପୁଣି ନିଘୋଡ଼ ଅନ୍ଧାର
ସେ ପାଖ ଆଲୋକମୟ
କିଏ ଆସେ କିଏ ଯାଏ, ଆତଯାତ ଏଇ
ଦୁଇକୂଳ ଦୁନିଆରେ ହଜିଯାଏ କେତେ
ଛୋଟ ବଡ଼ ପରିଚୟ।
ମୁଁ ଯେ ତା'ର ଛୋଟ ଏକ ଅଧିର ତରଙ୍ଗ
ସୀମାହୀନ ବେଳା ପରେ ଖେଳି ମୁଁ କ୍ଷଣିକ
ନଥିବି ମୁଁ କାଲି ପାଇଁ
ବେପଥୁର ବିଜନରେ ଜାଣି ଅଜଣାରେ
ତେବେ କିଆଁ ଏତେ ବେଶୀ ଅନାଗତ ପାଇଁ
ଜଳୁଅଛି ନିଆଁ ହୋଇ।
ଆଜି ଯେଉଁ ପଦଚିହ୍ନ ପଡ଼ିଅଛି ମୋର
ଧୂଳି ଧରଣୀରେ କାଲି ଲିଭି ଯାଇଥିବ
ନଥିବ ଗୋ ଅବଶେଷ
ଆଜି ଯେତେ ରାଜକୀୟ ଶୋଷ ଅବସୋସ
ମୋ ବିଦାୟ ପରେ ପରେ ହଜିଯାଇଥିବ
ସେ ସବୁର ଇତିହାସ।
ଛାତି ମୋର ମରୁଭୂଇଁ ଆଖି ଜଳମୟ
ତଥାପି ମୁଁ ଶିଡ଼ି ଗଢ଼େ ସରଗର ପାଇଁ
ସପନର ସୁନାଘରେ
ଏହିପରି ବୋଧେ ଏଠି ମରଣ ଆଢ଼େଇ
ହେଉପଛେ ନିମିଷକ ଜୀଇବାକୁ ପଡ଼େ
ମିଛ ସତ ଅଗଣାରେ।

*ସା/ପୋ - ପାରାଦ୍ୱୀପଗଡ଼*
*ଭାୟା-କୁଜଙ୍ଗ, ଜିଲ୍ଲା-ଜଗତ୍‌ସିଂହପୁର*
*ମୋ-୯୯୩୭୬୯୧୪୭୫*

# ବନ୍ଦ

## ବିନୟ କୁମାର ରଥ

ବନ୍ଦ! ୨୪ ଘଣ୍ଟିଆ ବନ୍ଦ।
କଲିକତା ବନ୍ଦ
ବନ୍ଦ ଟ୍ରାମ, ଗାଡ଼ି, ଦୋକାନ
ବନ୍ଦ ଭିକାରୀର ଥାଳି
ପଇସା ନାହିଁ କି ଚାଉଳ ନାହିଁ,
ବନ୍ଦ କିନ୍ତୁ ନାହିଁ ତାର ପେଟ ଚାଖଣ୍ଡକ।
ଘଟଣା ପରେ ଘଟଣା,
ଭୋକ, ଭୋକପରେ ‘ଭୋକାଗ୍ନି’
ଅସହ୍ୟ ସେ ପେଟର ଯନ୍ତ୍ରଣା।
ଶକ୍ତିଶୂନ୍ୟ ଦେହ, ଜନଶୂନ୍ୟ ରାସ୍ତା
ଦିଗଶୂନ୍ୟ ବନ୍ଦଡାକରା
ଉପାୟଶୂନ୍ୟ ମନ।
ପ୍ରତିରୋଧ କରିବାକୁ ଇଚ୍ଛା ହେଲା,
କିନ୍ତୁ ପାରିଲା ନି ଅଟକାଇ।
ଚାଲିଲା ଭିକାରୀ ଥାଳି ଧରି
ସାହି ପରେ ସାହି ଗଳି ପରେ ଗଳି
ପହଞ୍ଚିଲା ଶେଷେ,
ସହରର କବରଖାନାରେ
ଯେଉଁଠାରେ ବନ୍ଦ ନାହିଁ
ଶବ ପରେ ଶବ ବୁହା ହୋଇ ଆସୁଛି
ରନ୍ଧା ହେଉଛି ଭାତ ପ୍ରେତାତ୍ମାର ପାଇଁ
ଭଙ୍ଗା ଖପରାରେ ପରସା ହେଉଛି
ଖାଉଛି କୁକୁର। ଖାଉଛି ଭିକାରୀ
ହାୟରେ ଏ ଦେଶ, ହାୟରେ ଭଗବାନ!
ଉଭୟଙ୍କୁ ମୋର ସଲାମ୍।

*ଗୁସୁଡା, ରାୟଗଡ଼ା-୭୬୫୦୨୪*
*ମୋ :୯୪୩୮୪୮୭୪୭୯*

# ଯେବେ, କେବେ...

## ସୁବୋଧ କାନୁନ୍‌ଗୋ

କ'ଣ ସତରେ ଭାରତ-ପାକିସ୍ତାନ
ବିଭେଦ ଓ ଦଙ୍ଗାକୁ
ରୋକି ହୋଇ ନଥାନ୍ତା!
ଜ୍ଞାନଦେବୀ, ଆଡ଼ଭାଣୀ,
ଲତାଦିଦିଙ୍କ ଘର ବି ଥିଲା ଲାହୋରରେ।
ମୁଶାରଫ୍ ଓ ସେନାଧ୍ୟକ୍ଷ ରୟାଲ-ସରିଫଙ୍କ
ଘର ଅଛି ଭାରତରେ।
ତେବେ କ'ଣ ପାଇଁ ବିଦ୍ୱେଷ'ର ମଞ୍ଜି
ଏକତା, ସଂହତିର ଖେଦ!
କେବେ ଯେବେ ନିଜକୁ ପଚାରେ
ଏ କଳହର କାରଣ ଶୁଣିଥିଲି,
ଆମେ ହିନ୍ଦୁ
ସେମାନେ ମୁସଲମାନ।
ଏତେ ବିଭେଦ ସତ୍ତ୍ୱେ
ମୋଗଲ ଦରବାରୀ ରାଗ, ଘରାନା
କ'ଣ ହୋଇପାରିଛି ବନ୍ଦ!
ଖୋଜିବାକୁ ହେବ
ବେଲୁଚିସ୍ତାନ ପ୍ରଦେଶ ଗଠନ କରିବା ଆଗୁ
କଲାତ୍ ଏକ ଅଞ୍ଚଳ ଘୋଷଣା ହେଲା କାହିଁପାଇଁ!
ସବୁ ଭାବିଲା ପରେ ଜାଣୁଛି ଆଜି
ମୋ ଘରେ ମୁଁ ବନ୍ଦୀ।

*ଗୌରୀ ନଗର, ଭୁବନେଶ୍ୱର*

# ବୁଲେଟ୍ ଗନ୍



ସୁକାନ୍ତି ରାଉତ

ଏଇ ୨୫ ବର୍ଷ ଭିତରେ ତମେ ଅନେକ ବଦଳିଯାଇଛ ଅରୁନ୍ଧତୀ। କଥା କଥାରେ ଅଭିମାନ, ଯେତେ ରାଗିଥିଲେ ବି ସାମାନ୍ୟ ଟିକେ ପ୍ରେମରେ ଆଇସ୍‌କ୍ରିମ ପରି ତରଳି ଯାଉଥିବା ଅରୁନ୍ଧତୀ ଆଜି ଖୁବ୍ ଗମ୍ଭୀର ମନେ ହେଉଛନ୍ତି। ଏମିତି ତମେ ଏତେ ଜଲଦି ବଦଳିଯିବ ବୋଲି ମୁଁ ସ୍ୱପ୍ନରେ ବି ଭାବି ନ ଥିଲି । ମୋର ବିଶ୍ୱାସ ଥିଲା ମୋ ଦେହ ଖରାପ ଜାଣିବା ପରେ ତମେ କିଛି କାହାର ବାରଣ ନ ମାନି ପଳାଇ ଆସିବ। ଶୀତର ସେ ଦାଢ଼କୁ ଖାତିର ନ କରି ତମେ ମୋ ପାଖରେ ପହଞ୍ଚିଯିବ। କିନ୍ତୁ ସେମିତି ଏବେ ତମଠାରୁ ଆଶା କରିବା ମୋ ପାଇଁ ପାଗଳାମୀ ବୋଲି ଭାବିପାର। ଜାଣିଛ ଅରୁନ୍ଧତୀ ଏବେ ତମର ପ୍ରତିଟି କଥାକୁ ମୁଁ ମୋର ପ୍ରତିଟି ନିଃଶ୍ୱାସରେ ମନେପକାଉଛି। ଆଉ ସବୁ ସମୟରେ ମୋର ମନେ ପଡ଼େ ବର୍ଷାରେ ବାହାରକୁ ଯିବନି, ଗାଡ଼ି ଚଳାଇବାବେଳେ ଫୋନ୍‌ରେ କଥା ହେବନି, ଠିକ୍ ସମୟରେ ଖାଇବ, ଦୁନିଆ ଭାରି ଅଜବ, ଦେଖିଚାହିଁ ଚଳିବ, ଢ଼େର ରାତି ପର୍ଯ୍ୟନ୍ତ ଫୋନ୍‌ରେ ଗପିବନି ଏମିତି କେତେ କ'ଣ ? ତମର ଏମିତି କଥାରେ କାହିଁରେ କେତେ ଭଲପାଇବା, ବିଶ୍ୱାସ ଆଉ ଅଧିକାର ଆଉ ଅଭିମାନ ରହିଥିଲା ମୁଁ ସେ ସମୟରେ ଜମା ବୁଝିପାରିଲିନି। ସେସବୁ ମୋ ପାଇଁ ଆଜି ସ୍ୱପ୍ନ ହୋଇଗଲା କେମିତି ? ଯେତେ କହିଲେ ବି ତମେ କିନ୍ତୁ ମୋର ସାମାନ୍ୟ କଷ୍ଟ ଯୋଜନ ଯୋଜନ ଦୂରତ୍ୱରେ ରହି ବି ଜମା ସହିପାରୁ ନ ଥିଲ। ଆଉ ସେଥିପାଇଁ ତମ ସହରରେ ଯଦି ଟିକେ ବର୍ଷା ଆକାଶରେ ଘୋଟିଆସିଲା ତମେ କିନ୍ତୁ ମୋତେ ସତର୍କ କରାଇଦେଉଥିଲ, ବର୍ଷାରେ ଓଦା ନ ହେବା ପାଇଁ। ତମେ ହିଁ ଏକା ଏତେ ବଡ଼ ଦୁନିଆରେ ଜାଣିଥିଲ ସାମାନ୍ୟ ବର୍ଷାରେ ବି ମୋତେ ଥଣ୍ଡା ହୋଇଯାଏ ଆଉ ମୁଁ ପଡ଼ିଯାଏ ଜ୍ୱରରେ। କିନ୍ତୁ ଏକଥା ସୂର୍ଯ୍ୟ, ଚନ୍ଦ୍ର ଆଉ ତାରା ପରି ସତ୍ୟ। ତମର ପ୍ରତିଟି କଥା ମୁଁ ଅକ୍ଷରେ ଅକ୍ଷରେ ମାନିଛି କିନ୍ତୁ ଯେଉଁ କଥାଟା ମାନିବା ନିହାତି ଜରୁରୀ ଥିଲା, ସେଇଟା ମାନିପାରିଲିନି ଆଉ ସେଥିପାଇଁ ତମର ଅନିଚ୍ଛା ସତ୍ତ୍ୱେ ବି ବିଲ୍‌କୁଲ୍ ଇଚ୍ଛା ନ ଥାଇ ବି ମୋ ଠାରୁ ଦୂରେଇ ଯିବାକୁ ନିଷ୍ପତ୍ତି ନେଲ। ମୋତେ ଆଶ୍ଚର୍ଯ୍ୟ ଲାଗେ ପୃଥିବୀ ସାରା ମୋର ଶତ୍ରୁପକ୍ଷ ଘେରି ରହିଛନ୍ତି ଅଥଚ ମୁଁ ସବୁଥର ଜିତି ସୁଖ ଜୀବନ ବିତାଉଛି। ମାନୁଛି ଅରୁନ୍ଧତୀ ଏସବୁ କେବଳ ତମର ନିଃସ୍ୱାର୍ଥ ଆଉ ସର୍ତ୍ତବିହୀନ ଭଲପାଇବା ପାଇଁ ହିଁ ସମ୍ଭବ। ବେସରକାରୀ ଚାକିରି ଗୋଟେ କରିଛି, କେଉଁ ସମୟରେ ବି ହରାଇବାର ଭୟ ରହିଛି କିନ୍ତୁ ଏବେ ବି ବିଶ୍ୱାସ କରେ ତମର ସେଇ ନିଃସ୍ୱାର୍ଥପର ପ୍ରେମ ଆଜି ବି ମୋ ପାଇଁ ରହିଛି ଆଉ ତମ ଅଜଣାରେ ମୁଁ ବଡ଼ ବଡ଼ ବିପଦରୁ ମଧ୍ୟ ମୁକ୍ତି ପାଇଯାଉଛି। ମୁଁ ଆଜି ବି ଗର୍ବ କରେ, ମୋତେ ତମେ ଖୋଜୁଛ ପାଗଳ ପରି ଆଉ ରାତିର ନିଃସଙ୍ଗତାରେ ବି ତମେ ପାପ କ କଥା ଚିନ୍ତା କରିପାରୁନ, ଯଦିବା କେବେ କରୁଛ ଆଖି ସାମନାରେ ମୋ କଥା ମନେ ପକାଇ ପୁଣି ମୋ ପାଇଁ ଶୁଭ ମନାସୁଛ। ପୃଥିବୀର କୋଣେ ଅନୁକୋଣରେ ତମେ କେବଳ ମୋତେ ହିଁ ଖୋଜିଛ । ନିଜକୁ ଜାଳି ଜାଳି ନଷ୍ଟ କରିଦେଇଛ। ନିଜ ପାଠପଢ଼ା ପ୍ରତି ଧ୍ୟାନ ଦେଇନ। ଭାବିପାରିନ ନିଜର ସ୍ଥିତି ସୁଦୃଢ଼ କରିବା ପାଇଁ ତମର ଏ ଦୁର୍ଦ୍ଦିନ ସମୟରେ ସରକାରୀ ଚାକିରି ନିହାତି ଦରକାର। ତମେ ପୁଣି ସ୍ୱାଭିମାନୀ ଆଉ ସାଧାସିଧା ଲୋକ। କାହା ସହ ଚାକିରି ପାଇଁ ସାଲିସ୍ କରିବା ଝିଅ ତମେ ଝିଅ। ଆଜିକାଲି ପୁଣି ସରକାରୀ ପରୀକ୍ଷାରେ ବି କାହିଁରେ କେତେ ଲବି, ବେସରକାରୀ କଥା ନ କହିଲେ ଭଲ। କିନ୍ତୁ ସେ ପାଇଁ ତମେ ଚିନ୍ତା କେବେ ନ କରି କେମିତି ତମେ ତମ ବୈବାହିକ ଜୀବନକୁ ବଞ୍ଚାଇ ରଖିବ, ସେଥିପାଇଁ ଦୀର୍ଘ ବର୍ଷ ଚେଷ୍ଟା କରି ଶେଷରେ ଏକୁଟିଆ ରହିବାକୁ ନିଷ୍ପତ୍ତି ନେଲ। ଦେହ ପ୍ରତି ଯତ୍ନ ନେଇନ ଆଉ ପୃଥିବୀର ସବୁଲୋକଙ୍କ ସହିତ ସମ୍ପର୍କକୁ କାଟିଦେଇଛ କେବଳ ମୋ ପାଇଁ। କେବେ କେବେ ନିରୋଳାରେ ବସିଯାଏ, ଏସବୁ କଥା ମୋର ମନେପଡ଼େ, ଖାଲି ମନେପଡ଼େନି, ମନେ ପଡ଼ି ନିଜକୁ ଗୋଟେ ଅପରାଧୀ ଠାରୁ ଆହୁରି ନ୍ୟୁନ୍ ଭାବେ। ତମ ପରିବାର ଭଳି ଏକ ରକ୍ଷଣଶୀଳ ପରିବାରରେ ଦ୍ୱିତୀୟ ବିବାହ କରିବାର ବିଧି ନାହିଁ। ତଥାପି ତମ ଘରର ଲୋକମାନେ ତମ ସୁଖ ପାଇଁ ସେସବୁକୁ ଭ୍ରୁକ୍ଷେପ ନ କରି , ଲୋକଲଜ୍ୟାକୁ ନ ଡରି ତମକୁ ଆଉ ଥରେ ବାହାଘର ପାଇଁ ମନାଇବା ଚେଷ୍ଟା କରିଛନ୍ତି। ତମେ କିନ୍ତୁ ରୋକ୍ ଠୋକ୍ ମନା କରିଛ। ଏକୁଟିଆ ବଞ୍ଚିପାରିବ ବୋଲି କହିଛ। ସେମାନେ ତମ କଥାରେ ଯୁକ୍ତି କରନ୍ତି ଆଉ ମୋତେ କାହିଁରେ କେତେ ଗାଳି ଦିଅନ୍ତି ତମେ କିନ୍ତୁ ଉତ୍ତପ୍ତ ହୋଇଯାଅ-କାହିଁକି ମୋତେ ଗାଳି ଦେଉଛନ୍ତି ବୋଲି। ଆଉ ଶେଷରେ ସେମାନଙ୍କ ସହିତ ବି ସବୁ ସମ୍ପର୍କ କାଟିଦେଲ। କିନ୍ତୁ ମୁଁ ଗର୍ବ କରେ ତମ ପରିବାର ପରି ଗୋଟେ ସରଳ ପରିବାରକୁ ଖୁବ୍ ଖୁବ୍ ସହଜରେ ବୁଝାଇ ଦେଲି -କିନ୍ତୁ ଏତେ ସବୁ କରିବା ପରେ ତମେ ପାଇଲ କ'ଣ? ନା ସୁଖ ନା ଶାନ୍ତି ନା ସଂସାର। ହୁଏତ ତମ ଘରର କଥାକୁ ଗ୍ରହଣ କରିନେଇଥିଲେ ତମେ ଗୋଟେ ସଂସାର କରିପାରିଥାନ୍ତ, ଯାହା ତମର ଦୁର୍ବଳତା ଥିଲା। ମୁଁ ଏକଥା ବି ଜାଣିଥିଲି ଭଲଭାବେ ମୁଁ ଯଦି ବାପା ହେବା ପାଇଁ ଅକ୍ଷମ ହୋଇଥାନ୍ତି, ତେବେ ବି ତମେ ମୋତେ ଅସହାୟ କରି ଛାଡ଼ି ଦେଇ ନ ଥାନ୍ତ କି ତମର ସେ ନିବିଡ଼ ପ୍ରେମରୁ ଅବହେଳା କରି ନ ଥାନ୍ତ। ତମେ ଭଲଭାବେ ଜାଣିସାରିଛ ଏଇ ବୟସରେ ମୋ ଠାରୁ ଗୋଟେ ପରିପୂର୍ଣ୍ଣ ସଂସାର ଆଶା କରିବା ପାଗଳାମୀ ଛଡ଼ା ଆଉ କିଛି ନୁହେଁ। ଏକଥା ବି ଜାଣେ ସେକଥା ତମେ ଏବେ ଭାବୁନାହିଁ। କହିପାରିବ ଅରୁନ୍ଧତୀ କାହିଁକି ମୁଁ ତମ ପ୍ରତି ଏମିତି ବିନା କାରଣରେ ନିର୍ଦ୍ଦୟ ହୋଇଗଲି। ମୁଁ ନିଜେ ଆଖିରେ ଦେଖିଛି-ସ୍ୱାମୀମାନେ ଛୁଆ ପିଲା ଛାଡ଼ି ଅନ୍ୟ ପିଲାଙ୍କ ସହିତ ପଳାନ୍ତି ସାମାନ୍ୟ ସାମାନ୍ୟ କଥାରେ। ସ୍ୱାମୀକୁ ମାରି ବି ଦିଅନ୍ତି। କିନ୍ତୁ ତମେ ମୋର ଦୁଃଖ, ଦାରିଦ୍ର୍ୟ ଆଉ ଅଭାବ ସହିତ ଏତେ ମାତ୍ରାରେ ଜଡ଼ିତ ଥିଲ ଯେ ସବୁ ସମୟରେ ମୋ ସହ ସାଲିସ୍ କରିଛ, କିନ୍ତୁ କେବେ ସେମିତି କଥା ମନରେ ଆଣିପାରିନ। ୨୫ ବର୍ଷ କ'ଣ ୫୦୦ ବର୍ଷ ବି ତମଠାରୁ ଦୂରେଇ ରହିଲେ ତମେ ମୋର ଅନୁପସ୍ଥିତର ଅପବ୍ୟବହାର କରିପାରିବନି, ଏ ବିଶ୍ୱାସ ମୋର ଆଜି ବି ତମ ଉପରେ ଅଛି ଅରୁନ୍ଧତୀ। ଅରୁନ୍ଧତୀ, ମୁଁ ଜାଣେ ତମେ ମୋ କଥା ଆଉ ବିଶ୍ୱାସ କରିବ ନାହିଁ। କିନ୍ତୁ ଆଜି ତମକୁ ଏକଥା ବିଶ୍ୱାସ କରିବାକୁ ପଡ଼ିବ ଆଉ ମୋ କଥାକୁ ଗ୍ରହଣ କରିବାକୁ ପଡ଼ିବ। ଯେଉଁ ଝିଅ ପାଇଁ ଆମର ଗଢ଼ି ହେବାକୁ ଯାଉଥିବା ଏକ ସୁନ୍ଦର ଘର ନଷ୍ଟ ହୋଇଗଲା, ଯାହାକୁ ତମେ ବୁଲେଟ୍ ଗନ୍ ବୋଲି କହି ମୋ ସହିତ କଳି ଝଗଡ଼ା କର ଆଉ ଅନୁରୋଧ କର- ବୁଲେଟ୍ ଗନ୍ ଠାରୁ ଦୂରେଇ ଆସ, ତମର ସବୁ କଥା ମୁଁ ମାନିବି। କିନ୍ତୁ ତମର ଏଇ ସାମାନ୍ୟ ଅନୁରୋଧ ବି ରଖିନି। ତା ପ୍ରତିବଦଳରେ ଖାଲି ତମକୁ ଦେଇଛି ଦୁଃଖ, ଯାତନା ଆଉ ପ୍ରତାରଣା। କିନ୍ତୁ ବିଶ୍ୱାସ କର, ଏଇ ୨୫ ବର୍ଷ ତମକୁ ଖୋଜିଛି ବୁଲେଟ୍ ଗନ୍‌ର ପ୍ରତିଟି ବାରଣରେ। ପ୍ରତିଟି ପ୍ରେମର ସର୍ତ୍ତରେ। ଠିକ୍ ଆମ ବାହାଘରର ୧୦ ଦିନ ପରେ ବୁଲେଟ୍ ଗନ୍ ଜାଣିବାକୁ ପାଇଲା ମୁଁ ତମକୁ ବାହାହୋଇସାରିଛି। ଆଉ ତା'ର ସର୍ତ୍ତ ଥିଲା-ତମେ ତମ ନବବିବାହିତ ପତ୍ନୀ ପାଖକୁ କେବେ ବି ଯିବ ନାହିଁ। ଯଦି ଯିବ କୌଣସି ସମୟରେ ତମ ନାଁରେ ଗରିଫ ବିହୀନ ପରୱାନା ଜାରି କରିଦେବି। ତା' ପାଖରେ ମୋ ସମ୍ପର୍କର ସବୁ ପ୍ରମାଣ ଥିଲା। ଆଇନ୍ ଅଦାଲତରେ ସେ ଜିତିଯାଇଥାନ୍ତା, ଯେହେତୁ ତାହା ସହିତ ମୋର ସବୁ ପ୍ରକାର ଶାରୀରିକ ସମ୍ପର୍କ ଥିଲା, ଯାହା ଭାରତୀୟ ସଂସ୍କୃତିର ବାହାରେ। ସେ ସର୍ତ୍ତ ବୁଲେଟ୍ ଗନ୍‌ର ଗୁପ୍ତ ଗୁଳି ଠାରୁ ଆହୁରି ଶକ୍ତିଶାଳୀ ଆଉ ଭୟଙ୍କର ଥିଲା। ମୁଁ ସେ ଅଦ୍ଭୁତ ସର୍ତ୍ତକୁ ମାନିବାକୁ ବାଧ୍ୟ ଥିଲି। ମୁଁ ଏତେ ଦୂରରେ ରହି ତମର ସେ ଲୁହଭିଜା ରାତିର ଚିତ୍ରକୁ ସ୍ପଷ୍ଟ ଦେଖିପାରୁଥିଲି। ରାତି ରାତି କାନ୍ଦି କେମିତି ମୋତେ ଖୋଜି ଖୋଜି ତମ ଆଖି ଆପେ ଆପେ ଥକି ଯାଏ ସେକଥା ମଧ୍ୟ ଅନୁଭବ କରିପାରୁଥିଲି। ତମେ ମୋ ପାଖରେ ରହିବାକୁ ଜିଦ୍ କରିଛ ଆଉ ମୁଁ ଘରଭଡ଼ା ମିଳୁନି, ଛୁଟି ନାହିଁ କହି ତମକୁ ସ୍ୱାମୀ ସୁଖରୁ ବର୍ଷ ବର୍ଷ ବଞ୍ଚିତ କରିଛି । ତଥାପି ତମେ କେବେ ବି ମୋ ଠାରୁ ଦୂରେଇ ଯିବାକୁ ଚିନ୍ତା ବି କରିନାହିଁ। ଆଇନ୍ ଅଦାଲତରେ ତମେ ମୋ ବିରୁଦ୍ଧରେ ଯିବା ପାଇଁ ଅନେକ ସତ୍ୟକଥା ଉପସ୍ଥାପନ କରି ଜିତିପାରିଥାନ୍ତ। କିନ୍ତୁ ତାହା ତମେ କରିନାହିଁ। ଯାହା କରିଛ, ମୋତେ ପାଇବା ପାଇଁ, ଗୋଟେ ସଂସାର ପାଇଁ। କିନ୍ତୁ ତମେ ଭୁଲିଯାଇଥିଲ ତମେ ଆଗରୁ ବୁଲେଟ୍ ଗନ୍ ଆଉ ମୁଁ ମିଶି ଆଇନ୍ କାନୁନ୍‌କୁ ନିଜ ହାତକୁ ନେଇସାରିଥିଲୁ।

ଆର୍ଯ୍ୟ, କୋଉ ବୁଲେଟ୍ ଗନ୍‌କୁ ଡରୁଥିଲ ତୁମେ। ସମାଜ ବୁଲେଟ୍ ଗନ୍‌କୁ କେବେ ବି ସ୍ୱୀକୃତି ନେଇ ନ ଥାନ୍ତା, ପୃଥିବୀର କୌଣସି ଆଇନ୍ ନୁହେଁ। କାରଣ ଦଶଦିଗ ପାଳ ଆଉ ବାହାବେଦୀକୁ ସାକ୍ଷୀ ରଖି ଆମେ ସାତ ଜନ୍ମକୁ ସୁଖ ଦୁଃଖରେ ସାଥି ହୋଇ ରହିବା ବୋଲି ପ୍ରତିଜ୍ଞାବଦ୍ଧ ଥିଲେ। ବେଦୀର ପୂଣ୍ୟ ହୋମ ନିଆଁରେ ତମର ସବୁ ପାପ ଜଳି ଯାଇଥିଲା ଆର୍ଯ୍ୟ। ତମ ପାଖରେ ଜଣେ ବିଶ୍ୱସ୍ତ ଆଉ ପତିବ୍ରତା ପତ୍ନୀ ଥିଲା। ତମ ପାଇଁ ଜୀବନ ବି ଦେଇଦେଇଥାନ୍ତା। ବୁଲେଟ୍ ଗନ୍ ବଦଳରେ ବିକଳ୍ପ ବ୍ୟବସ୍ଥା ବି ଗ୍ରହଣ କରିପାରିଥାନ୍ତ! ପୁଣି କାହିଁକି ଡରୁଥିଲ ବୁଲେଟ୍ ଗନ୍‌କୁ ଆଉ ତା'ର ସର୍ତ୍ତକୁ ରଖିବା ପାଇଁ ମୋତେ ଏମିତି ଏକ ଦୁର୍ଦ୍ଦିନ ମଧ୍ୟକୁ ଠେଲିଦେଲ। ଯେଉଁଠୁ ଆସିବାକୁ ମୋତେ ଲହୁ ଲୁହାଣ ହୋଇ ବର୍ଷ ବର୍ଷ ଦୁଃଖ କଷ୍ଟକୁ ଅଯାଚିତ ଭାବେ ସହିଗଲି। ଜାଣିଛ କାହିଁକି, ଗୋଟେ ରକ୍ଷଣଶୀଳ ସମାଜ ପ୍ରତି ମୋର ଭୟ ଥିଲା। ମୋ ବାପାଙ୍କର ସାମାଜିକ ପ୍ରତିଷ୍ଠା ଥିଲା। ସେମାନଙ୍କ ମାନ ସମ୍ମାନ ଉପରେ କଳଙ୍କ ଲାଗିବ ଯଦି ତମକୁ ମୁଁ ଛାଡ଼ି ଆଉ ଥରେ ବିବାହ କରେ। ବାପାଙ୍କ ପାଖରେ ଅଳିଅଳରେ ବଢ଼ିଥିବା ଅରୁନ୍ଧତୀ ତମ ମାଟି କୁଡ଼ିଆ ଭିତରେ ସୁଖର ସଂସାରଟିଏ ଗଢ଼ିବାକୁ ସ୍ୱପ୍ନ ଦେଖୁଥିଲା। ଭାବୁଥିଲା, ସମସ୍ତଙ୍କ ପରି ତାର ବି ଗୋଟେ ଘର ହେବ ଆଉ ନାରୀ ଜନ୍ମର ସାର୍ଥକତା ପାଇବ। ନାଇଁ ଆର୍ଯ୍ୟ, ମୁଁ ତମ କହିବାନୁସାରେ, କିଛି ବି ବଦଳି ନାହିଁ କିନ୍ତୁ ତମ କଥା ଆଉ ଭଲପାଇବାକୁ ସମ୍ମାନ ଦେଇ ମୁଁ ଦୂରେଇ ଆସିଛି। କିନ୍ତୁ ମାନସିକ ଭାବେ କୋଉ ଗୋଟିଏ ଦିନ ତମଠାରୁ ମୁଁ ଦୂରେଇ ଆସିପାରିନି। ଏବେ ବି କେବେ କେବେ ରାତି ଅଧରେ ନିଦ ଭାଙ୍ଗିଯାଏ-ମୋର ଅନୁଭବ ହୁଏ କି ତମେ ମୋତେ ଖୋଜୁଥିବ। ଥକା ତମ ଦେହ ମନ ମୋର ଆଶ୍ରା ଲୋଡୁଥିବ। ଯଦିଓ ମୁଁ ତମ ପାଖକୁ ଫେରିବାର ଆଉ କୌଣସି ରାସ୍ତା ନାହିଁ କି ମୁଁ ଫେରିବାକୁ ଚାହୁଁନି। କିନ୍ତୁ ଗୋଟେ କଥା ଭୁଲିବନି ଆର୍ଯ୍ୟ, ସ୍ୱାମୀ-ସ୍ତ୍ରୀର ଦେହାତୀତ ସମ୍ପର୍କ ଠାରୁ ବହୁ ଉର୍ଦ୍ଧ୍ୱରେ ଥିଲା ତମ ପ୍ରତି ମୋର ଭଲପାଇବା, ସମ୍ମାନ ଆଉ ଅଭିମାନ। ବର୍ଷ ବର୍ଷ ଦୂରେଇ ରହି ବି କେବେ ପାପ ଆଡ଼କୁ ଗୋଟେ ଇଞ୍ଚ ବି ପାଦ ଖସାଇ ନାହିଁ କି ଖସାଇବାର ସମ୍ଭାବନା ନାହିଁ। ଯଦିଓ ସ୍ୱାମୀ-ସ୍ତ୍ରୀ ସମ୍ପର୍କରୁ ସବଠୁ ଗୁରୁତ୍ୱପୂର୍ଣ୍ଣ କଥା ଶାରୀରିକ ସମ୍ପର୍କ। ମୁଁ ବିଶ୍ୱାସ କରୁଥିଲି-ଦିନଟିଏ ପାଇଁ ତମକୁ ବାହାହୋଇନି, ସାତଜନ୍ମ ପାଇଁ ବାହାହୋଇଥିଲି। କେବେ ହୁଏତ ତମ ମନ ବଦଳିଯିବ ଆଉ ମୋତେ ଖୋଜି ଖୋଜି ଆସିବ। ତଥାପି ମୋର ଈଶ୍ୱର ଆଉ ମୋ ଭଲପାଇବା ଉପରେ ବିଶ୍ୱାସ ଥିଲା, କେବେ ହୁଏତ ତମ କ୍ଲାନ୍ତ ମନ ମୋତେ ଖୋଜି ଖୋଜି ମୋ ପାଖକୁ ଆସିବ। ମୁଁ ଆଜି ବି ସେମିତି ଅଛି ଆର୍ଯ୍ୟ। ଗୋଟେ ଛୋଟ ଛୁଆପରି। ଏବେ ବି କେବେ କେବେ ଟିକେ ନିରୋଳରେ ବସି ଅତୀତ କଥା ଭାବିଲେ ଆପେ ଆପେ ମନେ ପଡ଼ିଯାଏ ତମର ସେ ଛୋଟ ଛୋଟ ଦୁଷ୍ଟାମି ଆଉ ମୁଁ ଜାଣି ଜାଣି ହାରି ଯାଏ ତମ ପାଖରେ ସବୁଥର। ତମ ଉପରେ ହାତ ପକାଇ ରାତିସାରା ସେମିତି ଶୋଇପଡ଼େ। ସାମାନ୍ୟ ଟିକେ ଥଣ୍ଡା ତମକୁ ହେଲେ କାହିଁକି କେଜାଣି ମୋ ଛାତି ଭିତରେ ପବନ ଅଟକି ଯାଏ। ଚେଷ୍ଟା କରି ବି ତମକୁ ଅଭିଶାପ ଦେଇପାରିନି କି ଖରାପ ରାସ୍ତାରେ ପାଦ ଥାପିପାରିନି। ମୋଟାମୋଟି ଭାବେ ମୁଁ କିଛି ବି ବଦଳିନାହିଁ ଆର୍ଯ୍ୟ। ଏବେ ବି ମୋ ସହରରେ ବର୍ଷା ହେଲେ ଫୋନ୍ ପାଖକୁ ହାତ ଆପେ ଆପେ ପଳାଏ ତମକୁ ପ୍ରାକ୍ ସତର୍କତା ନେଇ ନେବା ପାଇଁ। କିନ୍ତୁ ଡର ଲାଗେ ତମେ ଆଉ କାହାକୁ ଦ୍ୱିତୀୟ ଥର ପାଇଁ ବିବାହ କରିବା ପରେ ମୋ ହାତ ଅଟକି ଯାଏ ଆଉ ଲାଗେ ବି ହୁଏତ ତମର ସୁନାର ସଂସାର ମୋର ସମାନ୍ୟା ସତର୍କତାରେ ଉଜୁଡ଼ି ପଡ଼ିବ ଆଉ ତମେ ଜଣେ ନାରୀ ମୋ ପରି କଷ୍ଟ ପାଇବ। ସେଥିପାଇଁ କେବେ ସେ ଦୁଃସାହସ କରିନି, ଯଦିଓ ଆମ ବିବାହକୁ ମୁଁ ସମ୍ମାନ ଆଜି ବି ଦିଏ ଆଉ ମୁଁ ଆଜି ବି ଶଂଖା ସିନ୍ଦୁର ପିନ୍ଧେ। ତମେ ଯେତେ ଭୁଲ୍ କଲେ ବି କାହିଁକି ଆଉ କେଉଁ ଆକର୍ଷଣ ପାଇଁ ତମର କୌଣସି ଭୁଲ୍ ମୋ ଆଖିକୁ ଜମା ବି ଦିଶେନି।

ତମକୁ ଭୁଲିବା ପାଇଁ ସାରାଦିନ ବ୍ୟସ୍ତ ରହେ। ପାଠପଢ଼ାରୁ ଦୂରେଇ ଆସି ବିଭିନ୍ନ ଲେଖକଙ୍କ ବହି ପଢ଼ି କେତେବେଳେ ଆଖିରେ ନିଦ ଆସିଯାଏ, ସେକଥା ନିଜକୁ ମଧ୍ୟ ମାଲୁମ୍ ନ ଥାଏ। ଅନ୍ୟ ସାଧାରଣ ମଣିଷ ଠାରୁ ମୋର ନିତିଦିନିଆ ଜୀବନ ଥିଲା ସମ୍ପୂର୍ଣ୍ଣ ଭାବେ ଅଲଗା। ସହରର ଚାକଚକ୍ୟ ଚାଲିଚଳନ ଠାରୁ ମୁଁ ଥିଲି ବହୁତ ଦୂରରେ। କାହାର କୋଟି କୋଟି ଟଙ୍କା ଅଛି, ସେଥିରେ ମୁଁ ଜମା ବିଚଳିତ ହୋଇନାହିଁ। ତମର ଟଙ୍କାଟିଏ ମୋ ପାଇଁ କୋଟିଏ ଟଙ୍କା ସହିତ ସମାନ ଥିଲା। କେବେ ଅଭିଯୋଗ ବି କରିନି, ଏଇଟା ଦିଅ, ସେଇଟା ଦିଅ। ଜୀବନ ସାରା କେବେ ବି କହି ନ ଥାନ୍ତି। ଯାହା ଦେଇଥାନ୍ତ ସେତକରେ ସନ୍ତୁଷ୍ଟ ଓ ଖୁସି ରହିଥାନ୍ତି। କାରଣ ତମ ଖୁସି ଥିଲା ମୋ ଜୀବନ। ଭୋକ ଉପାସରେ ତମ ସହିତ ଗଛ ତଳେ ଜୀବନ କାଟିବା ପାଇଁ ଗୋଟେ ଭଲପାଉଥିବା ପରିବାରକୁ ପଛ କରିଦେଇଛି ୨୫ ବର୍ଷ ତଳେ। ତଥାପି ତମେ ମୋ ଭଲପାଇବାକୁ ନେଇ ନା କେବେ ଗର୍ବ କରିଛ ନା ମୋତେ କେବେ ଟିକେ ସମ୍ମାନ ଦେଇଛ। ତଥାପି ତମକୁ ଭୁଲିପାରିନାହିଁ ସମ୍ପୂର୍ଣ୍ଣ ଭାବେ।

ମାନୁଛି, ଅରୁନ୍ଧତୀ, ତମ ପ୍ରତି ମୁଁ ଅନ୍ୟାୟ କରିଛି। ଆଉ ବୋଧେ ସେଥିପାଇଁ ବୁଲେଟ୍ ଗନ୍ ପ୍ରତିଟି ଗୁଳିରେ ମୁଁ ପ୍ରତି ମୁହୂର୍ତ୍ତରେ କ୍ଷତାକ୍ତ ହୋଇଛି ସିନା କିନ୍ତୁ ତମ ପାଖକୁ ଫେରିପାରିନି। କିନ୍ତୁ ତମକୁ ଶେଷରେ ଏତିକି କହିବି ଜୀବନ ଶେଷ ସଞ୍ଜରେ ତମକୁ ଲୋଡ଼ିବି ଆଉ ମୋର ବିଶ୍ୱାସ ତମେ ମୋ ପାଖେ ରହିବ। ନାଇଁ, ଆର୍ଯ୍ୟ, ସେମିତି କଥା କହି ମୋ ଭାବପ୍ରବଣତାକୁ ନ୍ୟୁନ୍ କରିଦିଅନି। ତମ ପ୍ରତି ମୋର ଯଥେଷ୍ଟ ସମ୍ମାନ ରହିଛି। କିନ୍ତୁ ମୁଁ ଗୋଟେ ମାଟି କଣ୍ଢେଇ ନୁହେଁ, ତମ ଇଚ୍ଛା ହେଲେ ବିଛଣାକୁ ଡାକିବ ଆଉ ଇଚ୍ଛା ହେଲେ ଶୋଷ ମେଣ୍ଟିଲା ପରେ ପୁଣି ଛାଡ଼ିଦେବ। ମୋ ଜୀବନ ନେଇ ମୁଁ ବହୁତ ଖୁସିରେ ଅଛି। ଅନେକ ସମୟ ନଷ୍ଟ କରିସାରିବା ପରେ ମୁଁ ଅନୁଭବ କରିଛି, ତମ ସହିତ ରହିଥିଲେ ଯେତେ ଖୁସିରେ ଥାଆନ୍ତି, ତାହାଠାରୁ ବହୁତ ଖୁସିରେ ଏବେ ରହିଛି। ତମେ ଏବେ ଯାଅ-ବୁଲେଟ୍ ଗନ୍ ସହିତ ଶାନ୍ତିରେ ସୁଖରେ ଜୀବନ ଅତିବାହିତ କର। ଆଉ ତମର ବୁଲେଟ୍ ଗନ୍ ଅଜଣାରେ ମୋ ପାଖକୁ ଆସି ଏମିତି ବାର୍ତ୍ତାଳାପ କରିବା ମଧ୍ୟ ଆଉ ଜଣେ ନାରୀ ପ୍ରତି ବିଶ୍ୱାସଘାତକତାର କଥା। ଆଶା କରୁଛି, ଏବେ ସବୁ କଥା ଜାଣିପାରୁଥିବ। ତା ପରେ ପଛମୁହାଁ ହୋଇ ଚାଲିଆସିଥିଲା ଅରୁନ୍ଧତୀ। ସେମିତି ଅପଲକ ଅନୟନରେ ଚାହିଁ ରହିଥିଲେ ଆର୍ଯ୍ୟ। ଚେଷ୍ଟା କରି ବି ପଛରୁ ଡାକି ପାରୁ ନ ଥିଲେ।

*ରାଘବପୁର, ଗେଡ଼ମା, ମଞ୍ଜୁରିରୋଡ଼, କେନ୍ଦୁଝର-୨୧*
*ଫୋନ୍-୮୮୯୫୩୦୪୫୫୬*






ପେଟ ପାଇଁ ନାଟ : ଗ୍ରୀଷ୍ମର ନିଦାଘ ଖରାରେ ମାଛମରାରେ ବ୍ୟସ୍ତ ଜଣେ ଧୀବର

# ‘ବନାୟନ’ ଉଦ୍‌ଘାଟିତ

**ଭୁବନେଶ୍ୱର :** ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟ ‘ବନାୟନ’ ଉଦ୍‌ଘାଟିତ ହୋଇଯାଇଛି। ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ଅନୁଷ୍ଠିତ ସ୍ୱତନ୍ତ୍ର ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ପ୍ରକଳ୍ପକୁ ଉଦ୍ଘାଟନ କରିଥିଲେ। ୧୦ ବର୍ଷଲାଗି କାର୍ଯ୍ୟକାରୀ ହେବାକୁ ଥିବା ଏହି ପ୍ରକଳ୍ପ ଲାଗି ଏକ ହଜାର ୩୦ କୋଟି ଟଙ୍କା ଖର୍ଚ୍ଚ ହେବ। ୧୦ଟି ଜିଲ୍ଲାର ୧୪ଟି ବନଖଣ୍ଡରେ ଥିବା ୧୨୦୦ଟି ବନ ସଂରକ୍ଷଣ ସମିତିରେ ଯୁଗ୍ମ ବନ ପରିଚାଳନା କମିଟି ମାଧ୍ୟମରେ କାର୍ଯ୍ୟକାରୀ ହେବ। ୩୬୦୦ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ବିଭିନ୍ନ ରୋଜଗାରୀ ସୃଷ୍ଟିରେ ସହାୟକ କରି ସେମାନଙ୍କ ଆୟ ବୃଦ୍ଧି କରିବା ଦିଗରେ ପଦକ୍ଷେପ ଗ୍ରହଣ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ‘ବନାୟନ’କୁ ଉଦ୍ଘାଟନ କରି ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଥିଲେ ଯେ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ୨୦୦୬ରେ ଆରମ୍ଭ ହୋଇଥିଲା। ଜାଇକା ସହାୟତାରେ ୨୪୨୬ ଗ୍ରାମରେ ଏହାର କାର୍ଯ୍ୟକାରୀ




ହେଉଛି। ଏହି ପ୍ରକଳ୍ପ ମାଧ୍ୟମରେ ଜଙ୍ଗଲ ଉପରେ ନିର୍ଭର କରୁଥିବା ଲୋକଙ୍କ ଆର୍ଥିକ ସ୍ଥିତି ସୁଦୃଢ଼ ହୋଇଛି। ଓଏଫ୍‌ଏସ୍‌ଡିପି ଯୋଜନାର ସଫଳ ରୂପାୟନ ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆମ ଜଙ୍ଗଲ ଯୋଜନା କାର୍ଯ୍ୟକାରୀ ହୋଇଛି। ୨୪ଟି ଫରେଷ୍ଟ ଡିଭିଜନର ୭ ହଜାର ବନ ସୁରକ୍ଷା ସମିତି (ଭିଏସ୍‌ଏସ୍) ପାଖରେ ପହଞ୍ଚିବାକୁ ଲକ୍ଷ୍ୟ ରଖାଯାଇଛି। ଓଡ଼ିଶାର ଜୈବ ବିବିଧତାକୁ ଦୃଷ୍ଟିରେ ରଖି ଭିତରକନିକାରେ ଇକୋ ସିଷ୍ଟମ ପରିଚାଳନା ଉପରେ ଗୁରୁତ୍ୱ ଦିଆଯାଇଛି। ବାମରା ବନ୍ୟପ୍ରାଣୀ ଡିଭିଜନର ବଡମ୍ବା ବନ୍ୟପ୍ରାଣୀ ଅଭୟାରଣ୍ୟରେ ପାଇଲଟ୍ ପ୍ରକଳ୍ପ ଭାବେ ‘ସାତୋୟାମା’ କାର୍ଯ୍ୟକାରୀ ହେଉଛି ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ। ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଲେ, ‘ବନାୟନ’ ମାଧ୍ୟମରେ ୫୭ ହଜାର ହେକ୍ଟର ଜଙ୍ଗଲ ଜମିରେ ଗୋଷ୍ଠୀ ସହଭାଗିତାରେ ୧୨୦୦ ଗ୍ରାମରେ ବୃକ୍ଷରୋପଣ ହେବ। ୧୦ ହଜାର ହେକ୍ଟର ବେସରକାରୀ ଏବଂ ସାର୍ବଜନୀନ ଅଣ ଜଙ୍ଗଲ ଜମିରେ କୃଷି ଭିତ୍ତିକ ବନୀକରଣ, ୬ଟି ଚାରା ରୋପଣ କେନ୍ଦ୍ର, ୧୯୯୮ ବର୍ଗ କି.ମି. ପରିଧିରେ ଜଙ୍ଗଲ କ୍ଷେତ୍ରର ସୀମା ନିର୍ଦ୍ଧାରଣ ଓ ଏକତ୍ରିକରଣ, ୩୬୦୦ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଜୀବିକାର ଉନ୍ନତି, ଜୀବିକାର ଉନ୍ନତି ଲାଗି ସାଧନ କେନ୍ଦ୍ର ପ୍ରତିଷ୍ଠା ଦିଗରେ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ। ‘ଜାଇକା’ର ମୁଖ୍ୟ କାର୍ଯ୍ୟନିର୍ବାହୀ ତାକେମା ସାକାମୋଟା ଅନ୍ୟତମ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ ଦେଶର ୧୪ଟି ରାଜ୍ୟରେ ଜାଇକା ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛି। ଓଡ଼ିଶା ଏ ଦିଗରେ ଭଲ ପ୍ରଦର୍ଶନ କରୁଛି। ଏଠାରେ ଯୋଜନାଗୁଡ଼ିକର ସଫଳ ରୂପାୟନ ହୋଇପାରୁଛି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ, ଜଙ୍ଗଲ ଓ ପରିବେଶ ବିଭାଗ ଶାସନ ସଚିବ ସୁରେଶ ମହାପାତ୍ର ପ୍ରମୁଖ ଯୋଗଦେଇ ଜଙ୍ଗଲ ବିକାଶ ଉପରେ ମତବ୍ୟକ୍ତ କରିଥିଲେ। ପ୍ରକଳ୍ପ ନିର୍ଦ୍ଦେଶକ ଅଜିତ କୁମାର ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ଓଏଫ୍‌ଏସ୍‌ଡିପିର ଯୁଗ୍ମ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଦୀପ ରାଜ କରାଟ ଧନ୍ୟବାଦ ଅର୍ପଣ କରିଥିଲେ।

### ବେସରକାରୀ କଲେଜ ପୃଥକୀକରଣ ଢାଞ୍ଚା ପ୍ରସ୍ତୁତ

# +୨ରେ ଅଧ୍ୟକ୍ଷ ହେବେ ବରିଷ୍ଠ ଶିକ୍ଷକ

**ଭୁବନେଶ୍ୱର :** ରାଜ୍ୟରେ ଏବେ ୨୬୭ଟି କମ୍ପୋଜିଟ୍ ତଥା ସରକାରୀ ସାହାଯ୍ୟପ୍ରାପ୍ତ ବେସରକାରୀ କଲେଜ ରହିଛି। ଏଥିରେ ଉଭୟ ଯୁକ୍ତ ଦୁଇ ଓ ଯୁକ୍ତି ତିନି ଶ୍ରେଣୀ ଥିବା ବେଳେ ସେଠାରେ ଗ୍ରାଣ୍ଟ ଇନ୍ ଏଡ ଏବଂ ବ୍ଲକ ଗ୍ରାଣ୍ଟ ପାଉଥିବା ଅଧ୍ୟାପକ ଓ କର୍ମଚାରୀଙ୍କ ପୃଥକୀକରଣ ପାଇଁ ନୀତି ନିର୍ଦ୍ଧାରଣ କରାଯାଇଛି। ସେହିପରି ଯୁକ୍ତ ତିନିରୁ ଯୁକ୍ତ ଦୁଇ ପୃଥକୀକରଣ କରାଯିବା ପରେ କେଉଁ କଲେଜରେ କେଉଁ ଶିକ୍ଷକ ନିଯୁକ୍ତି ହେବେ ସେଥିନେଇ ଦେଖାଦେଇଥିବା ଅଚଳାବସ୍ଥା ଦୂର କରିବା ପାଇଁ ଉଚ୍ଚଶିକ୍ଷା ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ମିଳିତ ସହଯୋଗରେ ଏକ ନୀତିଗତ ଢାଞ୍ଚା ପ୍ରସ୍ତୁତ କରାଯାଇଛି। ସରକାରଙ୍କ ପଦ ଅନୁମୋଦନ ନିର୍ଦ୍ଦେଶ ଅନୁସାରେ ବ୍ଲକ ଗ୍ରାଣ୍ଟ ଶିକ୍ଷକମାନେ ଯୁକ୍ତ ଦୁଇ ବା ଯୁକ୍ତ ତିନିରେ ରହିପାରିବେ। ଯଦି ଯୁକ୍ତ ତିନି ବା ଯୁକ୍ତ ଦୁଇ ପାଇଁ ନିର୍ଦ୍ଦିଷ୍ଟ ଭାବେ ସରକାରୀ ଆଦେଶରେ କୌଣସି ସୂଚନା ନଥାଏ ତେବେ ଶିକ୍ଷକଙ୍କୁ ଯୁକ୍ତ ଦୁଇ ନିଯୁକତି କରାଯାଇଥିବା ବୁଝିବାକୁ ହେବ। ୟୁଜିସି ସ୍କେଲ ପାଉଥିବା ଅଧ୍ୟାପକ ଡିଗ୍ରୀ କଲେଜରେ ଏବଂ ରାଜ୍ୟ ବେତନ ପାଉଥିବା ଶିକ୍ଷକଙ୍କ କ୍ଷେତ୍ରରେ ପୃଥକୀକରଣ ବରିଷ୍ଠତା ଭିତ୍ତିରେ କରାଯିବ। ବରିଷ୍ଠ ଶିକ୍ଷକମାନେ ଡିଗ୍ରୀ ଶ୍ରେଣୀରେ ଏବଂ କନିଷ୍ଠମାନେ ଯୁକ୍ତ ଦୁଇରେ ଅବସ୍ଥାପିତ ହେବେ। ଯେଉଁଠି ନିର୍ଦ୍ଦିଷ୍ଟ ବିଷୟ ବା ବିଭାଗରେ ଜଣେ ଶିକ୍ଷକ ଥିବେ ସମ୍ପୃକ୍ତ ଶିକ୍ଷକଙ୍କୁ ଡିଗ୍ରୀ ଶାଖାରେ ଅବସ୍ଥାପିତ କରାଯିବ। ପିଇଟି (ଖେଳ ଶିକ୍ଷକ)ମାନଙ୍କୁ ଡିଗ୍ରୀ ଉଇଙ୍ଗରେ ରଖାଯିବ, କିନ୍ତୁ ସେମାନେ କୋଚିଂ, ଖେଳପଡିଆ ବ୍ୟବହାର ଓ ଅନ୍ୟ କ୍ରୀଡ଼ା ଭିତ୍ତିଭୂମି ପାଇଁ ଉଭୟ ଡିଗ୍ରୀ ଓ ଯୁକ୍ତଦୁଇ ଛାତ୍ରଛାତ୍ରୀଙ୍କ ଦାୟିତ୍ୱରେ ରହିବେ। ଅନୁରୂପ ଭାବେ ପରୀକ୍ଷାଗାରରେ କଲେଜରେ ଜଣେ କର୍ମଚାରୀ ଥିଲେ ତାଙ୍କୁ ଡିଗ୍ରୀରେ ରଖାଯିବ ଏବଂ ସେ ଉଭୟ ଶ୍ରେଣୀ ଦାୟିତ୍ୱରେ ରହିବେ। ପାଠାଗାର ପାଇଁ ମଧ୍ୟ ଗ୍ରାଣ୍ଟ ଇନ ଏଡ ପାଉଥିବା କଲେଜରେ ଉପରୋକ୍ତ ବ୍ୟବସ୍ଥା ଲାଗୁ ହେବ। ପୃଥକୀକରଣ କରାଯିବା ପରେ ଯୁକ୍ତ ଦୁଇରେ ଥିବା ବରିଷ୍ଠତମ ଶିକ୍ଷକଙ୍କୁ ଜୁନିୟର କଲେଜରେ ଅଧ୍ୟକ୍ଷ ଭାବେ ନିଯୁକ୍ତି କରାଯିବ। ବିକଳ୍ପ ବ୍ରବସ୍ଥା ହେବା ପର୍ଯ୍ୟନ୍ତ ବର୍ତ୍ତମାନ କମ୍ପୋଜିଟ କଲେଜର ଡିଡିଓ ପୂର୍ବପରି ଏହି ଦାୟିତ୍ୱରେ ରହିବେ। କାର୍ଯ୍ୟରତ କର୍ମଚାରୀଙ୍କ ଭିତରୁ ଜଣେ କନିଷ୍ଠ କିରାଣି ଓ ଜଣେ ପିଅନଙ୍କୁ ଜୁନିୟର କଲେଜରେ ନିୟୋଜିତ କରାଯିବ। କଲେଜର ପରିଚାଳନା ପରିଷଦ ଉପରୋକ୍ତ ଢାଞ୍ଚାରେ କଲେଜ ଅଧ୍ୟାପକ ଓ କର୍ମଚାରୀଙ୍କ ପୃଥକୀକରଣ କରିବା ପରେ ଅନୁମୋଦନ ଆସନ୍ତା ମେ’ ୩୧ ତାରିଖ ସୁଦ୍ଧା ଆଞ୍ଚଳିକ ନିର୍ଦ୍ଦେଶକଙ୍କ ନିକଟକୁ ପ୍ରସ୍ତାବ ପଠାଇବେ। ପୃଥକୀକରଣ ସତ୍ତ୍ୱେ ଯେଉଁ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀମାନେ ବର୍ତ୍ତମାନ ଅନ୍ୟ ଉଇଙ୍ଗ ପାଇଁ କାର୍ଯ୍ୟ କରୁଛନ୍ତି ସେମାନେ ପରବର୍ତ୍ତୀ ଆଦେଶନାମା ନମିଳିବା ପର୍ଯ୍ୟନ୍ତ ସେମାନଙ୍କ କାର୍ଯ୍ୟ ଅବ୍ୟାହତ ରଖିବା ପାଇଁ ନିର୍ଦ୍ଦେଶ ଜାରି କରାଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବ ଏବଂ ଉଚ୍ଚଶିକ୍ଷା ବିଭାଗର ପ୍ରମୁଖ ସଚିବ ଏଥିନେଇ ନିର୍ଦ୍ଦେଶନାମା ଜାରି କରିଛନ୍ତି।

# ଧାନ ମୂଲ୍ୟ ଲାଗି ପ୍ରଧାନମନ୍ତ୍ରୀଙ୍କୁ ଭେଟିବ ଗୃହ କମିଟି

**ଭୁବନେଶ୍ୱର :** ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କ୍ୱିଣ୍ଟାଲ ପିଛା ୨୯୩୦ ଟଙ୍କାକୁ ବୃଦ୍ଧି କରିବା ଦାବି ନେଇ ବିଧାନସଭାର ଗୃହ କମିଟି ପ୍ରଧାନମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରିବ। ବାଚସ୍ପତି ନିରଞ୍ଜନ ପୂଜାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଗୃହ କମିଟି ବୈଠକରେ ଏ ନେଇ ନିଷ୍ପତ୍ତି ନିଆଯାଇଛି। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି କରିବାକୁ ସରକାର ଲଗାତାର ଭାବେ ଦାବି କରିଆସୁଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗତ ରବିବାର ଅନୁଷ୍ଠିତ ନୀତି ଆୟୋଗ ବୈଠକରେମ ଧ ଏହି ଦାବି ଉପସ୍ଥାପନ କରିଥିଲେ। ପୂର୍ବରୁ ବିଧାନସଭାରେ ଏହା ଉପରେ ସ୍ୱତନ୍ତ୍ର ଆଲୋଚନା କରାଯାଇ ସ୍ୱତନ୍ତ୍ର ସଂକଳ୍ପ ଗୃହୀତ ହୋଇଛି। ପ୍ରଥମେ କ୍ୱିଣ୍ଟାଲ ପିଛା ୨୫୦୦ ଟଙ୍କା ଦାବି ରଖାଯାଇଥିବା ବେଳେ ପରେ ଏହାକୁ ୨୯୩୦ ଟଙ୍କାକୁ ବୃଦ୍ଧି କରିବାକୁ ଦାବି କରାଯାଇଛି। ବିଧାନସଭା ପରିସରରେ ବାଚସ୍ପତି ନିରଞ୍ଜନ ପୂଜାରୀଙ୍କ ଅଧ୍ୟକ୍ଷତାରେ ଗୃହ କମିଟିର ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ବିରୋଧୀ ଦଳ ନେତା ନରସିଂହ ମିଶ୍ର, କୃଷିମନ୍ତ୍ରୀ ପ୍ରଦୀପ ମହାରଥୀ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ସଞ୍ଜୟ ଦାସବର୍ମା ଏବଂ ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହିଥିଲେ। ତେବେ ବୈଠକକୁ କମିଟିର ସଦସ୍ୟ ଥିବା ବିଜେପିର ୨ଜଣ ବିଧାୟକ ଆସିନଥିଲେ। ସେମାନେ ହେଲେ ବିଧାୟକ ଦଳ ନେତା କନକବର୍ଦ୍ଧନ ସିଂହଦେଓ ଓ ଚିଲିକା ବିଧାୟକ ଡା. ବିଭୂତି ଭୂଷଣ ହରିଚନ୍ଦନ। ଉଭୟ ଅନୁପସ୍ଥିତ ରହିଥିଲେ। ବୈଠକ ପରେ ବାଚସ୍ପତି ଗଣମାଧ୍ୟମକୁ କହିଛନ୍ତି ଯେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି କରିବାକୁ କେନ୍ଦ୍ର ସରକାରଙ୍କ ନିକଟରେ ବିଧିବଦ୍ଧ ଦାବି ଉପସ୍ଥାପନ କରିବା ପାଇଁ ନିଷ୍ପତ୍ତି ହୋଇଛି। ସ୍ମାରକପତ୍ର ପ୍ରସ୍ତୁତ ହେବାପରେ ଗୃହ କମିଟି ଦିଲ୍ଲୀ ଯିବ। ସେହିପରି ବିରୋଧୀ ଦଳ ନେତା କହିଛନ୍ତି ଖୁବ୍‌ଶୀଘ୍ର ପ୍ରଧାନମନ୍ତ୍ରୀଙ୍କୁ ସମୟ ମଗାଯିବ ଓ ପ୍ରଧାନମନ୍ତ୍ରୀ ସମୟ ଦେଲାପରେ ଗୃହ କମିଟି ସଦସ୍ୟମାନେ ଦିଲ୍ଲୀ ଯାଇ ବିଧିବଦ୍ଧ ଭାବେ ଦାବି ଉପସ୍ଥାପନ କରିବେ।

# ପିଇବାକୁ ପାଣି ମିଳୁନି

**ଯାଜପୁର :** ଯାଜପୁର ଜିଲ୍ଲା ଅନ୍ତର୍ଗତ ନଗଡ଼ା ଅପପୃଷ୍ଟି ପାଇଁ ବେଶ୍ ପରିଚିତ। ଏହି ଅପପୃଷ୍ଟି ଯୋଗୁଁ ୧୯ ଜଣ ଶିଶୁ ପ୍ରାଣ ହରାଇବା ପରେ ସରକାରଙ୍କ ଚେତା ପଶିଥିଲା। ଅପପୁଷ୍ଟିର କାରଣ ଖୋଜିବା ବେଳେ ଜଣାପଡିଥିଲା ଯେ ରାସ୍ତା ନଥିବାରୁ ନଗଡାରେ ସରକାରୀ ଯୋଜନା ପହଞ୍ଚି ପାରୁନାହିଁ। ଯାହାଫଳରେ ଏହି ଅପପୁଷ୍ଟିର ଶିକାର ହେଉଛନ୍ତି ଶିଶୁମାନେ। ଏହି ଶିଶୁମୃତ୍ୟୁରୁ ରକ୍ଷା ପାଇବା ପାଇଁ ସରକାର ଦିନରାତି ଏକ କରି ନଗଡାର ବିକାଶ ପାଇଁ ଅଣ୍ଟା ଭିଡିଥିଲେ। ଦେଶ ସ୍ୱାଧୀନ ହେବାର ୭୦ ବର୍ଷ ପରେ ଯେଉଁ ନଗଡାକୁ ଦିନେ ପାଦଚଲା ରାସ୍ତା ନଥିଲା ମାସ କେଇଟାରେ ସେଠାକୁ ଗାଡି ଯିବାର ରାସ୍ତା ତିଆରି କରିଦେଲେ ସରକାର। ଯୋଜନା ପରେ ଯୋଜନା ଘୋଷଣା କରିଚାଲିଲେ। ମାତ୍ର ଯୋଜନା ଘୋଷଣାରେ ରହିଗଲା। ନଗଡାକୁ ରାସ୍ତା ଫିଟିବା ପରେ ବି ନଗଡାର ମାନଚିତ୍ର ବଦଳିଲା ନାହିଁ। ଲୋକମାନେ କୌଣସି ସୁବିଧା ପାଇଲେ ନାହିଁ। ସମସ୍ତ ସୁବିଧାରୁ ବଞ୍ଚିତ ହେଲେ। ଏବ ଚାରିଆଡେ ଗ୍ରୀଷ୍ମପ୍ରବାହ ଚାଲିଥିବା ବେଳେ ଏଠାରେ ଏବେ ଦେଖାଦେଇଛି ପାନୀୟ ଜଳ ସମସ୍ୟା। ନଗଡା ବିକାଶର ନୀଳନକ୍ସା ଆଙ୍କିବା ବେଳେ ସରକାର କହିଥିଲେ ସମସ୍ତ ପରିବାରକୁ ପାନୀୟ ଜଳ ଯୋଗାଇ ଦିଆଯିବ। ଏଥିପାଇଁ ଗ୍ରାମ୍ୟଜଳ ଯୋଗାଣ ସଂସ୍ଥା ଓ ୱାଟରସେଡ୍ ବିଭାଗକୁ ମଧ୍ୟ ଦାୟିତ୍ୱ ଦିଆଯାଇଥିଲା। ଡିଏମ୍‌ଏଫ୍ ପାଣ୍ଠିରୁ ନଗଡା ଗ୍ରାମବାସୀଙ୍କୁ ଜଳ ଯୋଗାଣ ନିମନ୍ତେ ୯ ଲକ୍ଷ ଟଙ୍କା, ଗୁହିଆଶାଳ ପାନୀୟ ଜଳ ପ୍ରକଳ୍ପ ପାଇଁ ୧୦ ଲକ୍ଷ ଟଙ୍କା ଓ ତୁମୁଣୀ ଗ୍ରାମର ଜଳ ଯୋଗାଣ ପାଇଁ ୧୦ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି। ଏଥିସହ ଆଇଏପି ପାଣ୍ଠିରୁ ମଧ୍ୟ ପାନୀୟ ଜଳ ଯୋଗାଣ ନିମନ୍ତେ ସରକାର ପାଣ୍ଠି ଖଞ୍ଜି ଦେଇଛନ୍ତି। ଶେଷରେ ଦେଖିବାକୁ ମିଳିଲା ଯେ, ନଗଡାବାସୀଙ୍କ ଡହଡହ ଗ୍ରୀଷ୍ମକାଳରେ ପିଇବାକୁ ଜଳ ମୁନ୍ଦାଏ ମିଳିପାରୁନାହିଁ। ସୂଚନାଥାଉ କି ମଝିନଗଡାର ସାନିଟାରୀ କୂପ ଖନନ ହୋଇପାରିନାହିଁ। ନାଳିଆଡାବାର ସାନିଟାରୀ କୂଅ ଶୁଖି ଯାଇଥିବା ବେଳେ ଉପର ନଗଡା, ମଝି ନଗଡା ଏବଂ ତଳ ନଗଡାର ପାଇପ ଜଳ ଯୋଗାଣ ବ୍ୟବସ୍ଥା ଅଚଳ ହୋଇପଡିଛି। ଉପର ନଗଡା ଓ ମଝି ନଗଡା ଗାଁର କୂଅର ୩ ଇଞ୍ଚ ବହଳର କାଦୁଅ ମିଶା ଜଳସ୍ତରରୁ ହିଁ ଗ୍ରାମବାସୀ ପାନୀୟ ଜଳ ସଂଗ୍ରହ କରୁଛନ୍ତି। ତଳ ନଗଡାରେ ଉତ୍କଟ ପାନୀୟ ଜଳ ସମସ୍ୟା ଦେଖାଦେଇଛି। ନଗଡ଼ା ଠାରୁ ୫ କିଲୋମିଟର ଦୂର ଅଶୋକ ଝର ନିକଟରେ ଦୁଇଟି ନଳକୂପ ଖନନ କରି ନଗଡାବାସୀଙ୍କୁ ପାନୀୟ ଜଳ ଯୋଗାଇ ଦିଆଯାଇଥିବାରୁ ପ୍ରଶାସନ ଘୋଷଣା ପତ୍ର ପ୍ରସ୍ତୁତ କରିଛି। ନଗଡାରେ ପାନୀୟ ଜଳ ବ୍ୟବସ୍ଥା ଏଭଳି ଥିବାରୁ ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯାହା ଫଳରେ ପିଇବା ପାଇଁ ପାଣି ମୁନ୍ଦେ ପାଉନାହାନ୍ତି। ତେଣୁ ଏଥିପ୍ରତି ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

# ବିଦ୍ୟାଳୟ ପରିସରରେ ବେଆଇନ ଦୋକାନଘର ନିର୍ମାଣ

**କେନ୍ଦୁଝର :** କେନ୍ଦୁଝରଗଡ ପୌରପାଳିକା ଅନ୍ତର୍ଗତ ମୋଚିବନ୍ଧ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଥିବା ସରକାରୀ ଜମିରେ ବେଆଇନ ଭାବେ ଦୋକାନ ଘର ନିର୍ମାଣ ହେଉଥିବା ନେଇ ବିଦ୍ୟାଳୟ ପରିଚାଳନା କମିଟି ତରଫରୁ କେନ୍ଦୁଝର ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିକଟରେ ଅଭିଯୋଗ କରାଯାଇଛି। ବେଆଇନ ଦୋକାନ ଘର ନିର୍ମାଣ ନେଇ ସଦର ତହସିଲଦାର ସୁବାଶ ଚନ୍ଦ୍ର ରାୟଙ୍କ ନିକଟରେ ଅଭିଯୋଗ ପରେ କାମ ବନ୍ଦ କରି ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ସଦର ଆର୍‌ଆଇଙ୍କୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ବେଆଇନ ନିର୍ମାଣକାର୍ଯ୍ୟ ଦିନ ଦ୍ୱିପ୍ରହରରେ ଚାଲୁ ରହିଛି। ଜାତୀୟ ରାଜପଥ ୪୯ କଡରେ ଅବସ୍ଥିତ ମୋଚିବନ୍ଧ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଥିବା ମୂଲ୍ୟବାନ ସରକାରୀ ଜମିରେ ଅବାଧରେ ବେଆଇନ ନିର୍ମାଣ ଚାଲୁଥିଲେ ମଧ୍ୟ ସଦର ଆର୍‌ଆଇଙ୍କୁ ତହସିଲଦାରଙ୍କ ନିର୍ଦ୍ଦେଶ ପରେ ମଧ୍ୟ ଘଟଣାସ୍ଥଳକୁ ଆର୍‌ଆଇ ନଯିବା ଏବଂ



ବେଆଇନ ନିର୍ମାଣକାର୍ଯ୍ୟ କରୁଥିବା ବ୍ୟବସାୟୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନନେବା ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନାଯୋଗ୍ୟ ଯେ କେନ୍ଦୁଝର ସହରର ମଧ୍ୟସ୍ଥଳରେ ଥିବା ମୋଚିବନ୍ଧ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଚଳିତବର୍ଷ ଅଷ୍ଟମ ଶ୍ରେଣୀ ଖୋଲିଥିବାବେଳେ ବିଦ୍ୟାଳୟର ଉପସ୍ଥାନ ପ୍ରଥମରୁ ଅଷ୍ଟମ ଶ୍ରେଣୀ ମଧ୍ୟରେ ୨୫୩ ରହିଛି। ଏହି ବିଦ୍ୟାଳୟ ଏକ ଆଦର୍ଶ ବିଦ୍ୟାଳୟ ହୋଇଥିବାବେଳେ ସ୍ଥାନ ଅଭାବରୁ ନୂତନ ଶ୍ରେଣୀ ଗୃହ ଏବଂ ଅନ୍ୟାନ୍ୟ ଆବଶ୍ୟକ ଘର ନିର୍ମାଣ ହୋଇପାରୁନାହିଁ। ଏପରିସ୍ଥିତିରେ ବିଦ୍ୟାଳୟ ପରିସରରେ ଥିବା ସରକାରୀ ଜମିର ସୁରକ୍ଷା ପାଇଁ ବେଆଇନ ନିର୍ମାଣକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ସ୍କୁଲ ପରିଚାଳନା କମିଟି ଦାବି କରିଛି। କେନ୍ଦୁଝର ସଦର ତହସିଲଠାରୁ ମାତ୍ର ୧କିଲୋମିଟର ଦୂରରେ ବେଆଇନ ଦୋକାନ ଘର ନିର୍ମାଣ ନେଇ ସଦର ତହସିଲଦାର ସୁବାଶ ଚନ୍ଦ୍ର ରାୟଙ୍କ ସହ ଯୋଗାଯୋଗ କରିବାରୁ କାମ ବନ୍ଦ କରାଯାଇ ସ୍ଥଗିତାଦେଶ କରି କାର୍ଯ୍ୟାନୁଷ୍ଠାନ ପାଇଁ ସଦର ଆର୍‌ଆଇ ପୁରୁଷୋତ୍ତମ କୁଅଁରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ସଦର ତହସିଲ ସୁପରଭାଇଜର ସୁନୀଲ କୁମାର ସାମଲଙ୍କ ସହ ଯୋଗାଯୋଗ କରିବାରୁ କାମ ବନ୍ଦ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

# ସ୍ମାର୍ଟସିଟି ପ୍ଲାନ୍ ପାଇଁ ବିଏମ୍‌ସିକୁ ମିଳିବ ଆନ୍ତର୍ଜାତିକ ପୁରସ୍କାର

**ଭୁବନେଶ୍ୱର :** ଭୁବନେଶ୍ୱରକୁ ସ୍ମାର୍ଟସିଟି ଭାବେ ଗଢ଼ିତୋଳିବା ପାଇଁ ଭୁବନେଶ୍ୱର ମହାନଗର ନିଗମ ଓ ଆଇବିଆଇ ପ୍ରସ୍ତୁତ କରିଥିବା ଯୋଜନା ବିଶ୍ୱସ୍ତରରେ ପ୍ରଶଂସିତ ହୋଇଛି। ଏହି ଯୋଜନାରେ ସାଧାରଣ ଲୋକଙ୍କ ମତାମତକୁ ସ୍ଥାନ ଦିଆଯାଇଥିବାବେଳେ ସବୁ ବର୍ଗର ଲୋକଙ୍କ ପାଇଁ ସ୍ମାର୍ଟସିଟି ଯୋଜନା ହୋଇଥିବାରୁ ଆମେରିକାନ୍ ପ୍ଲାନିଂ ଆସୋସିଏସନ ପକ୍ଷରୁ ବିଏମ୍‌ସି ଓ ଆଇବିଆଇ ଗ୍ରୁପ୍‌କୁ ‘ପାଇରେ ଲେନଫ୍ୟାଣ୍ଟ ଇଣ୍ଟରନ୍ୟାସନାଲ ପ୍ଲାନିଂ ଏକ୍ସଲେନ୍ସ ଆୱାର୍ଡ’ରେ ସମ୍ମାନିତ କରାଯିବ। ଆମେରିକାନ୍ ପ୍ଲାନିଂ ଆସୋସିଏସନ୍ ପକ୍ଷରୁ ଆସନ୍ତା ମେ’ ୮ ତାରିଖରେ ନ୍ୟୁୟର୍କରେ ଆୟୋଜନ ହେବାକୁ ଥିବା ‘ଜାତୀୟ ପ୍ଲାନିଂ ସମ୍ମିଳନୀ’ରେ ସମ୍ମାନିତ କରାଯିବ। ଏନେଇ ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡର ପରିଚାଳନା ନିର୍ଦ୍ଦେଶକ କ୍ରିଷନ କୁମାର ସୂଚନା ଦେଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ‘ସ୍ମାର୍ଟସିଟି ଭୁବନେଶ୍ୱର’ ପ୍ରତିଯୋଗିତା ପାଇଁ ବିଏମ୍‌ସି ତିନି ମାସ କାଳ ବିଭିନ୍ନ ବର୍ଗର ଲୋକଙ୍କ ମତାମତ ଗ୍ରହଣ କରିଥିଲା। ଅନ୍‌ଲାଇନ ଓ ଅଫ୍‌ଲାଇନରେ ଲୋକେ ମତ ଦେଇଥିବା ବେଳେ ସାମାଜିକ ଗଣମାଧ୍ୟମରେ ପ୍ରଚାର କରିଛି। ଏହାଛଡ଼ା ବସ୍ତିବାସିନ୍ଦାଙ୍କୁ ସାମିଲ କରିବା ସହ ସ୍ମାର୍ଟସିଟିକୁ ପିଲାଙ୍କ ସହର ରୂପେ ଗଢ଼ି ତୋଳିବାକୁ ଯୋଜନା କରିଥିବାରୁ ଏହା ବିଏମ୍‌ସିର ଏକ ଶ୍ରେଷ୍ଠ ଯୋଜନା ବୋଲି ଆମେରିକାନ୍ ପ୍ଲାନିଂ ଆସୋସିଏସନ ପକ୍ଷରୁ କୁହାଯାଇଛି। ବିଏମ୍‌ସିର ଏହି ସଫଳତା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟ୍ୱିଟ୍ କରି ଶୁଭେଚ୍ଛା ଜଣାଇଛନ୍ତି।

# ଭିତରକନିକା ବନ୍ଦ

**ରାଜନଗର :** ବିଶ୍ୱପ୍ରସିଦ୍ଧ ଭିତରକନିକା ଜାତୀୟ ଉଦ୍ୟାନ ମଧ୍ୟରେ ଥିବା ନଦୀ, ନାଳଗୁଡିକରେ ଥିବା ବିରଳ ବଉଳା କୁମ୍ଭୀରଙ୍କ ପ୍ରଜନନ ଋତୁ ଆରମ୍ଭ ହୋଇଛି। ଏହି ସମୟରେ



କୁମ୍ଭୀରମାନେ ଅଣ୍ଡା ଦେବା ପାଇଁ ସୁରକ୍ଷିତ ସ୍ଥାନ ସନ୍ଧାନରେ ଥାଆନ୍ତି। ସେମାନଙ୍କ ମିଳନ ପର୍ବରେ କୌଣସି ବାଧା ନ ଉପୁଯିବା ପାଇଁ ରାଜନଗର ବନ୍ୟପ୍ରାଣୀ ଡିଭିଜନ ପକ୍ଷରୁ ପଦକ୍ଷେପ ନିଆଯାଇଛି। ଏଥିପାଇଁ ମେ’ ୧ରୁ ଜୁଲାଇ ୩୧ ତାରିଖ ପର୍ଯ୍ୟନ୍ତ ଭିତରକନିକାରେ ପର୍ଯ୍ୟଟକମାନଙ୍କ ପ୍ରବେଶନକୁ ନିଷିଦ୍ଧ କରାଯାଇଛି। ମାଈ କୁମ୍ଭୀର ଅଣ୍ଡା ଦେବା ସମୟରେ ପୁରୁଷ କୁମ୍ଭୀର ଅଣ୍ଡାର ସୁରକ୍ଷା ଦାୟିତ୍ୱରେ ଥାଏ। ସେଥିପାଇଁ ବାହ୍ୟ ଶତ୍ରୁ ପ୍ରତି ପୁରୁଷ କୁମ୍ଭୀର ସଜାଗ ରହିଥାଏ। ଏହି ସମୟରେ ପୁରୁଷ କୁମ୍ଭୀର ଅତ୍ୟଧିକ ହିଂସ୍ର ହୋଇପଡ଼େ। ଫଳରେ ପର୍ଯ୍ୟଟକଙ୍କୁ ଆକ୍ରମଣ କରିବାର ଆଶଙ୍କା ଥିବାରୁ ୩ମାସ ଧରି ଜାତୀୟ ଉଦ୍ୟାନରେ ପରିଭ୍ରମଣକୁ ନିଷିଦ୍ଧ କରାଯାଇଛି ବୋଲି ରାଜନଗର ବନବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସୂଚଥାଉ କି ଭିତରକନିକା ଜାତୀୟ ଉଦ୍ୟାନରେ ଥିବା ନଦୀ ନଳ ସମେତ ଏହାକୁ ସଂଲଗ୍ନ କରୁଥିବା ଜାତୀୟ ଉଦ୍ୟାନ ବାହାରେ ଥିବା ନଦୀନାଳ ଗୁଡିକରେ ଶହ ଶହ ସଂଖ୍ୟାରେ କୁମ୍ଭୀର ଅଛନ୍ତି। ପ୍ରତିବର୍ଷ ଏହି ତିନିମାସ ଭିତରକନିକାକୁ ପର୍ଯ୍ୟଟକମାନଙ୍କ ପାଇଁ ବନ୍ଦ ରଖାଯାଇଥାଏ। ଭିତରକନିକା ଜାତୀୟ ଉଦ୍ୟାନରେ ଥିବା ନଦୀ ନାଳ ଗୁଡିକରେ ଚଳିତବର୍ଷ ଗଣନା ରିପୋର୍ଟ ଅନୁଯାୟୀ ୧୬୮୨ ବଉଳା କୁମ୍ଭୀର ବସବାସ କରୁଛନ୍ତି।

# ‘୨୦୩୦ ସୁଦ୍ଧା ମ୍ୟାଲେରିଆମୁକ୍ତ ହେବ ଓଡ଼ିଶା’

## ରାଜ୍ୟ ସରକାର ଯୋଗାଇବେ ମଶାରୀ

**ଭୁବନେଶ୍ୱର :** ରାଜ୍ୟର ୨୧ଟି ଜିଲ୍ଲାରେ ମ୍ୟାଲେରିଆ ପ୍ରଭାବ ବିସ୍ତାର କରି ରହିଛି। ଜଙ୍ଗଲ, ପାହାଡିଆ ଓ ଆଦିବାସୀ ଅଧ୍ୟୁଷିତ ଜିଲ୍ଲା ଗୁଡିକରେ ଏହି ରୋଗୀଙ୍କ ସଂଖ୍ୟା ଅଧିକ ରହିଥିବା ଜଣାପଡିଛି। ରାଜ୍ୟର ମୋଟ ମ୍ୟାଲେରିଆ ରୋଗୀଙ୍କ ମଧ୍ୟରୁ ପ୍ରାୟ ୬୦% ଏହି ଜିଲ୍ଲାମାନଙ୍କରେ ଚିହ୍ନଟ ହୋଇଥାନ୍ତି। ତୁରନ୍ତ ରୋଗ ଚିହ୍ନଟ କରି ସଫଳତାର ସହ ଚିକିତ୍ସା ଦ୍ୱାରା ମ୍ୟାଲେରିଆ ଜନିତ ମୃତ୍ୟୁକୁ ହ୍ରାସ କରାଯାଇପାରିଛି। ଆଗାମୀ ଦିନରେ ଏହାକୁ ଆହୁରି ଅଧିକ ବ୍ୟାପକ କିପରି କରାଯିବ ସେଥିପ୍ରତି ଧ୍ୟାନ ଦିଆଯାଉଛି। ଆସନ୍ତା ୨୦୩୦ ସୁଦ୍ଧା ମ୍ୟାଲେରିଆ ନିରାକରଣ ଲକ୍ଷ୍ୟ ହାସଲ କରିବା ଦିଗରେ ଯତ୍ନବାନ ହେବାକୁ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ପ୍ରଦୀପ କୁମାର ଅମାତ କହିଛନ୍ତି। ବିଶ୍ୱ ମ୍ୟାଲେରିଆ ଦିବସ ଅବସରରେ ଆଇଏମ୍‌ଏ ହାଉସରେ ଆୟୋଜିତ ରାଜ୍ୟସ୍ତରୀୟ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଶ୍ରୀ ଅମାତ କହିଥିଲେ ଯେ ରାଜ୍ୟରେ ମ୍ୟାଲେରିଆ ନିରାକରଣ ଉପରେ ଗୁରୁତ୍ୱାରୋପ କରାଯିବ। ୨୦୦୨ରେ ପ୍ରାୟ ୪.୫ ଲକ୍ଷ ରୋଗୀ ଚିହ୍ନଟ ହୋଇଥିବା ବେଳେ ସେଥିରୁ ୪୦୦ରୁ ଅଧିକ ମୃତ୍ୟୁବରଣ କରିଥିଲେ। ଲଗାତାର ଭାବେ ଉଦ୍ୟମ ଜାରି ରହିଥିବା ଯୋଗୁଁ ବର୍ତ୍ତମାନ ସ୍ଥିତି କିଛି ପରିମାଣରେ ବଦଳିଛି। ରୋଗୀଙ୍କୁ ତୁରନ୍ତ ଚିହ୍ନଟ କରାଯାଇ ଚିକିତ୍ସା କରାଯାଉଛି।



ଫଳରେ ମ୍ୟାଲେରିଆ ଜନିତ ମୃତ୍ୟୁହାର କମ୍ ହୋଇଛି ବୋଲି ମନ୍ତ୍ରୀ କହିଥିଲେ। ରାଜ୍ୟରେ ମ୍ୟାଲେରିଆ କାର୍ଯ୍ୟକ୍ରମ ଆରମ୍ଭ କରାଯାଇ ୩ଟି ଜିଲ୍ଲାରେ କୀଟନାଶକ ମଶାରୀ ବଣ୍ଟନ ଆରମ୍ଭ କରାଯାଇଛି। ଏହାପରେ ଆଉ ୧୪ ଜିଲ୍ଲାରେ ଏଭଳି କାର୍ଯ୍ୟକ୍ରମ କରାଯିବ ବୋଲି ସେ କହିଥିଲେ। ରାଜ୍ୟରେ ମୋଟ ୧ କୋଟି ୧୩ ଲକ୍ଷ ମଶାରି ବଣ୍ଟନ କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଥିଲେ। ମନ୍ତ୍ରୀ ଶ୍ରୀ ଅମାତ ମ୍ୟାଲେରିଆ ନିୟନ୍ତ୍ରଣ କାର୍ଯ୍ୟକ୍ରମର ବାର୍ଷିକ ରିପୋର୍ଟ ଏବଂ ଅନ୍ୟାନ୍ୟ ପୁସ୍ତିକାର ଉନ୍ମୋଚନ କରିଥିଲେ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବ ଡା. ପ୍ରମୋଦ କୁମାର ମେହେର୍ଦ୍ଦା ମ୍ୟାଲେରିଆ ନିରାକରଣର ୫ଟି ଦିଗ ଉପରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ଯୁଗ୍ମ ନିର୍ଦ୍ଦେଶକ ତଥା ମ୍ୟାଲେରିଆ ନିୟନ୍ତ୍ରଣ କାର୍ଯ୍ୟକ୍ରମର ନୋଡାଲ୍ ଅଫିସର ଡା. ମଦନମୋହନ ପ୍ରଧାନ ରାଜ୍ୟର ମ୍ୟାଲେରିଆ ସ୍ଥିତି ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ମେଡିକାଲ କର୍ପୋରେସନ ଏମ୍‌ଡି ଆର୍ପି ସିଂହ, ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଡା.କେସି ଦାଶ, ପରିବାର କଲ୍ୟାଣ ନିର୍ଦ୍ଦେଶକ ଡା ବି ମିଶ୍ର ଏବଂ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା.ଜେକେ ତ୍ରିପାଠୀ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ଆୟୋଜିତ ପ୍ରଦର୍ଶନକୀକୁ ମନ୍ତ୍ରୀ ଉଦ୍‌ଘାଟନ କରିଥିଲେ।

# ମଦଭୋଗର ତୀର୍ଥକ୍ଷେତ୍ର କାଳଭୈରବ ମନ୍ଦିର

**ଅ**ବିଶ୍ୱସନୀୟ ଲୋକବିଶ୍ୱାସ। ଈଶ୍ୱରୀୟସ ସତ୍ତା ଯେଉଁଠି ସେହିଠାରେ ରହିଛି ରହସ୍ୟର ପରସ୍ତ। ଈଶ୍ୱରଙ୍କ ଉପରେ ମଣିଷର ରହିଛି ଅଗାଧ ବିଶ୍ୱାସ। ଆଉ ସେହି ବିଶ୍ୱାସରେ ବେଳେ ବେଳେ ଅନେକ ଆଶ୍ଚର୍ଯ୍ୟକର ଲୋକବିଶ୍ୱାସ ଦେଖିବାକୁ ମିଳିଥାଏ। କେଉଁ ସ୍ଥାନକୁ ମଣିଷ ଈଶ୍ୱରଙ୍କ ବାସସ୍ଥଳୀ ବୋଲି ଗ୍ରହଣ କରିନିଏ ତ ପୁଣି ଆଉ କେଉଁଠାରେ ଈଶ୍ୱରଙ୍କର ଉପସ୍ଥିତିକୁ ସହଜରେ ଗ୍ରହଣ କରିନିଏ ମଣିଷର ମନ। ଆଜି ଏମିତି ଏକ ଦେବତାଙ୍କ ବିଷୟରେ ଜାଣିବା, ଯାହାଙ୍କ ନିକଟରେ ଭୋଗ ଲାଗିଥାଏ ମଦ। ହଁ ବିଶ୍ୱାସ ନ ହେଲେ ବି ଏହା ସତ। ମଧ୍ୟପ୍ରଦେଶର ଧାର୍ମିକ ତଥା ସାଂସ୍କୃତିକ ସହର ଉଜ୍ଜୈନ। ଏହିଠାରେ ରହିଛି କାଳଭୈରବ ମନ୍ଦିର। ଆଉ ଏହି କାଳବୈରବଙ୍କ ନିକଟରେ ଭକ୍ତମାନେ ଭୋଗ ଦେଇଥାନ୍ତି ମଦ। ଆଉ ଏକ ଆଶ୍ଚର୍ଯ୍ୟକର କଥା ହେଲା ବିଶ୍ୱାସ ଅନୁସାରେ କାଳବୈରବ ଭକ୍ତ ଭୋଗ ଦେଉଥିବା ମଦକୁ ମଧ୍ୟ କିଛିଅଂଶରେ ଗ୍ରହଣ କରିଥାନ୍ତି। ଏହା କିପରି ସମ୍ଭବ? ଭଗବାନ କ'ଣ ମଦ ପିଇପାରନ୍ତି ? ବୈଜ୍ଞାନିକ ଦୃଷ୍ଟିକୋଣରୁ ମଣିଷର ଶରୀର ପାଇଁ ମଦ ହେଉଛି କ୍ଷତିକାରକ। ତେବେ କାଳଭୈରବଙ୍କ ପାଖରେ କାହିଁକି ଭୋଗ ଦିଆଯାଏ ମଦ ? ଏମିତି ଅନେକ ପ୍ରଶ୍ନ ମନଭିତରକୁ ଆସିବ। ମୃତ୍ୟୁର ଦେବତା, କାଳଙ୍କର କାଳ ମହାଦେବଙ୍କର ପ୍ରସିଦ୍ଧ କ୍ଷେତ୍ର ହେଉଛି ଉଜ୍ଜୈନ ଏବଂ ଏଠାରେ ରହିଛି ମହାକାଳେଶ୍ୱର ମହନ୍ଦି। ତା' ପରେ ପୁଣି କାଳଭୈରବ ମନ୍ଦିର। ଯାହାକୁ ନେଇ ରହସ୍ୟମୟ ମଦ ଭୋଗର ପରମ୍ପରା। ଏହି ମନ୍ଦିରକୁ ପ୍ରବେଶ କରିବା ମାତ୍ରେ ଭକ୍ତମାନଙ୍କୁ ଅନୁଭବ ହୁଏ କିଛି ଚମତ୍କାର ସତ୍ତାର। ଅନେକ ଭକ୍ତ ଆସିଥାନ୍ତି ଏହି ମନ୍ଦିରକୁ କାଳଭୈରବଙ୍କର ଏହି ଚମତ୍କାର ରୂପକୁ ଦେଖିବା ପାଇଁ। ଭକ୍ତମାନଙ୍କ ପାଇଁ କାଳଭୈରବ ହେଉଛନ୍ତି ସ୍ୱୟଂ ଶିବଭବାନଙ୍କର ସାକ୍ଷାତ ରୂପ। ଆଉ ଭଗବାନ ଶିବଙ୍କର ଏହି ଭୈରବ ରୂପ ହେଉଛି ରୌଦ୍ର ଓ ତମୋ ଗୁଣର ପ୍ରତୀକ। ଭଗବାନ ଶିବଙ୍କର ଏହି ଭୈରବ ରୂପକୁ ଭୂଜା କରିବା ପାଇଁ ଅନେକ ଭକ୍ତ ଓ ଶ୍ରଦ୍ଧାଳୁ ଏଠାକୁ ଆସିଥାନ୍ତି। ଆଉ ଆପଣ ମନ୍ଦିରକୁ ଗଲେ ଏକ ଅଦ୍ଭୁତ ଦୃଶ୍ୟ



ଏଭଳି ମଦଭୋଗ ଭଗବାନ କାଲଭୈରବଙ୍କ ନିକଟରେ ଅର୍ପଣ କରିଥାନ୍ତି। ଏଭଳି ରହସ୍ୟମୟ ଲୋକବିଶ୍ୱାସ ଅନେକ ଦିନ ଧରି ଚାଲିଛି।

ମଧ୍ୟପ୍ରଦେଶର ଧାର୍ମିକ ସହର ଭାବେ ପରିଚିତ ଉଜ୍ଜୈନର ଭୈରବଗଡ଼ରେ ରହିଛି ଭଗବାନ କାଲଭୈରବଙ୍କ ମନ୍ଦିର। ଏହି କାଲଭୈରବଙ୍କୁ ନେଇ ରହିଛି ଅନେକ ରହସ୍ୟ। କେହି କେହି ବିଭିନ୍ନ କୋର୍ଟକଚେରୀ ମକଦ୍ଦମାରେ ବିଜୟ ଲ । ଭ କରିବା ପରେ ମଧ୍ୟ କାଲଭୈରବଙ୍କ ନିକଟରେ ମୋଦକ ଲଡୁ ଭୋଗ ଭାବରେ ଅର୍ପର କରିଥାନ୍ତି। ସବୁଠୁ ବଡ଼ ଆଶ୍ଚର୍ଯ୍ୟକର କଥା ହେଲା, କାଳଭୈରବ ମନ୍ଦିର ନିକଟରେ ମଦଭୋଗର ପରମ୍ପରା। ଏହି ପରମ୍ପରା ଅନେକ ଦିନ ଧରି ଚଳିଆସୁଛି। ଅନ୍ୟତମ ଆଶ୍ଚର୍ଯ୍ୟଜନକ ଘଟଣା ହେଉଛି ଭଗବାନ କାଲଭୈରବ ମନ୍ଦିର ନିକଟରେ ରାଜ୍ୟ ସରକାର ମଧ୍ୟ ଏକ ମଦଦୋକାନ ଖୋଲିଛନ୍ତି। ଭ୍ତମାନେ ଏହି ଦୋକାନରୁ ମଦ କିଣି ଭଗବାନଙ୍କ ନିକଟରେ ସମର୍ପଣ କରିଥାନ୍ତି।



ଉପସ୍ଥାପନା : ଜାହ୍ନବୀସୁତ

ଦେଖିବାକୁ ପାଇବେ ଭକ୍ତମାନେ ମନ୍ଦିରକୁ ଭୋଗ ହିସାବରେ ନେଇ ଆସିଥାନ୍ତି ମଦ। ଆଉ ମନ୍ଦିରର ପୂଜକ ଏହି ମଦକୁ ଏକ ନିର୍ଦ୍ଦିଷ୍ଟ ପାତ୍ରରେ ଢାଳି କାଲଭୈରବଙ୍କ ଓଠ ନିକଟରେ ରଖିଥାନ୍ତି। ଆଉ କିଛି ସମୟ ମଧ୍ୟରେ ପାତ୍ରରେ ଥିବା ମଦ ପୂରା ଶେଷ ହୋଇଯାଏ। ଏ ଦୃଶ୍ୟକୁ ଥରେ ଦେଖିଲେ ଆପଣ ହୁଏତ ବିଶ୍ୱାସ କରିପାରିବେ ନାହିଁ। ହେଲେ ଏ ଦୃଶ୍ୟ ପ୍ରତ୍ୟେକ ସମୟରେ ମଦ ଭୋଗ କାଲବୈରବଙ୍କୁ ଅର୍ପଣ କରିବା ସମୟରେ ଆପଣ ଦେଖିବାକୁ ପାଇବେ। ଆଉ ଏଭଳି ଦୃଶ୍ୟ ଦେଖିଲା ପରେ ମନକୁ ପ୍ରଶ୍ନ ଆସେ ଏହା କିଭଳି ସମ୍ଭବ ? ଭଗବାନ କାଲଭୈରବ କ'ଣ ସତରେ ଭକ୍ତ ଆଣିଥିବା ମଦକୁ ଗ୍ରହଣ କରିଥାନ୍ତି। ପୂଜକ ପାତ୍ରରେ ଦେଉଥିବା ମଦ ସତରେ କ'ଣ କାଲଭୈରବ ନିଜେ ଗ୍ରହଣ କରିଥାନ୍ତି ? ଏହା କିପରି ସମ୍ଭବ ? ଭକ୍ତମାନଙ୍କ ପାଇଁ ଏହା କିନ୍ତୁ ସତ୍ୟ। ଭକ୍ତମାନେ ନିଜ ମନସ୍କାମନା ପୂର୍ଣ୍ଣ ପାଇଁ ବା ମନସ୍କାମନା ପୂର୍ଣ୍ଣ ହେବା ପରେ ଏଥିରୁ ଏହି ଲୋକବିଶ୍ୱାସ କେତେ ରହସ୍ୟମୟ, ତାହା ଅନୁମାନ କରାଯାଇପାରେ।

ଭାରତରେ ସାଧାରଣତଃ ମହାଦେବଙ୍କ ପୂଜାର୍ଚ୍ଚନା କରୁଥିବା ଲୋକେ ନିରାମିଷ ତଥା ଶୁଦ୍ଧ ଖାଦ୍ୟ ଗ୍ରହଣ କରିଥାନ୍ତି। ହେଲେ ଉଜ୍ଜୈନର ଏହି କାଲଭୈରବ ମନ୍ଦିର କିନ୍ତୁ ଏକ ବ୍ୟତିକ୍ରମ। ଯେଉଁଠାରେ ମଦ ଭୋଗ ହିସାବରେ ଅର୍ପଣ କରାଯାଏ। ନିଜ ମନସ୍କାମନା ପୂର୍ଣ୍ଣ ପାଇଁ ଭଗବାନଙ୍କ ନିକଟରେ ଏଭଳି ଅଦ୍ଭୂତ ଭୋଗ। ସେହିପରି ଏହି ମନ୍ଦିରର ଦୀପସ୍ତମ୍ଭକୁ ନେଇ ମଧ୍ୟ ରହିଛି ଅନେକ ଅଲୌକିକତା। ଯେଉଁ ଭକ୍ତମାନଙ୍କର ବିବାହକୁ ନେଇ କୌଣସି ଅସୁବିଧା ରହିଥାଏ, ସେମାନେ ଏହି ଦୀପସ୍ତମ୍ଭରେ ଦୀପ ଜାଳିଲେ ଭଗବାନ କାଲଭୈରବ ସେମାନଙ୍କର ମନସ୍କାମନା ପୂର୍ଣ୍ଣ କରିଥାନ୍ତି ବୋଲି ଲୋକବିଶ୍ୱାସ ରହିଛି। କିମ୍ବଦନ୍ତୀ ରହିଛି ଯେ କାଲଭୈରବ ମନ୍ଦିରକୁ ଗଲେ ଆପଣ ଦେଖିବେ, ଏଠାରେ ଭୈରବ



ଭଗବାନଙ୍କର ମସ୍ତକରେ ମରାଠା ଶୈଳୀର ପଗଡ଼ି ରହିଥାଏ। କେହି କେହି ଭଗବାନ କାଲଭୈରବଙ୍କୁ ଏହି କ୍ଷେତ୍ରର ସେନାପତି ମଧ୍ୟ କହିଥାନ୍ତି। ବିଶ୍ୱାସ ଅନୁସାରେ ଏହି କ୍ଷେତ୍ରର ଅଧିଷ୍ଠିତ ଦେବତା ମହାକାଳେଶ୍ୱରଙ୍କ ସହ କାଲଭୈରବଙ୍କୁ ଦର୍ଶନ ନ କଲେ ପୂର୍ଣ୍ଣମାତ୍ରାରେ ପୁଣ୍ୟ ମିଳି ନ ଥାଏ। ସେହିପରି ଭଗବାନ କାଲଭୈରବଙ୍କ ମସ୍ତକରେ ଥିବା ପଗଡ଼ି ନେଇ ମଧ୍ୟ ଅନେକ କିମ୍ବଦନ୍ତୀ ଯୋଡ଼ିହୋଇ ରହିଛି। କୁହାଯାଏ ପାନିପଥ ଯୁଦ୍ଧରେ ମରାଠାମାନଙ୍କର ପରାଜୟ ପରେ ତତ୍କାଳୀନ ଶାସକ ନିଜ ପଗଡ଼ି ଏହି ଭଗବାନ କାଲଭୈରବଙ୍କ ନିକଟରେ ସମର୍ପିତ କରିଥିଲେ। ଆଉ ଯୁଦ୍ଧରେ ଜିତିବା ପାଇଁ କାଲଭୈରବଙ୍କ ନିକଟରେ ମନସ୍କାମନା ରଖିଥିଲେ। ଆଉ ତା'ପରେ ମରାଠା ଶାସକମାନେ ଗୋଟିଏ ପରେ ଗୋଟିଏ ଯୁଦ୍ଧରେ ବିଜୟଲାଭ କରିଥିଲେ। ଆଉ ସେହି ବିଜୟର ପ୍ରତୀକସ୍ୱରୂପ ଭଗବାନ କାଲଭୈରବଙ୍କ ମସ୍ତକରେ ମରାଠା ପଗଡ଼ି ଶୋଭା ପାଇଥାଏ। ଏହି ରହସ୍ୟମୟ ଭୈରବ ଉପାସନାରେ ବର୍ଚେ ବର୍ଷ ଧରି ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କୁ ନିଜ ଆସ୍ଥା ଓ ବିଶ୍ୱାସ ରଖିଛନ୍ତି। ଭକ୍ତ ଓ ଶ୍ରଦ୍ଧାଳୁ ଉଜ୍ଜୈନକୁ ଆସି ଦେବଦେବ ମହାଦେବଙ୍କ ପୀଠ ମହାକାଳେଶ୍ୱର ଦର୍ଶନ କରିବା ସହିତ କାଲଭୈରବଙ୍କୁ ମଧ୍ୟ ଦର୍ଶନ କରି ପୂର୍ଣ୍ଣ ପୁଣ୍ୟ ଲାଭ କରିଥାନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଆଉ କେତେମୁଣ୍ଡ ...

ଏହି ଘଟଣାରେ ମୋଟ ୨୫ ଜଣ ସିଆର୍‌ପିଏଫ୍ ଯବାନ ବୀରଗତି ପ୍ରାପ୍ତ ହୋଇଥିବା ବେଳେ ୬ ଜଣ ଯବାନ ଆହତ ଓ ୭ରୁ ୮ ଜଣ ନିଖୋଜ ଥିବା ଜଣେ ବରିଷ୍ଠ ଅଧିକାରୀଙ୍କଠାରୁ ପ୍ରକାଶ। ଆହତମାନଙ୍କୁ ହେଲିକପ୍ଟର ଯୋଗେ ତୁରନ୍ତ ରାୟପୁର ହସ୍ପିଟାଲକୁ ପଠାଯାଇଛି। ସେଥିମଧ୍ୟରୁ କେତେକଙ୍କ ଅବସ୍ଥା ଗୁରୁତର ରହିଛି। ତେବେ ମାଓବାଦୀଙ୍କ ଏଭଳି ବର୍ବରତାକୁ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂ ଦୃଢ଼ ନିନ୍ଦା କରିବା ସହ ସହିଦ ଯବାନଙ୍କ ପାଇଁ ଗଭୀର ଶୋକ ପ୍ରକାଶ କରିଛନ୍ତି। ଛତିଶଗଡ଼ ମୁଖ୍ୟମନ୍ତ୍ରୀ ରମଣ ସିଂ ଦିଲ୍ଲୀଗସ୍ତ କାଣ୍ଟଛାଣ୍ଟ କରି ତୁରନ୍ତ ରାୟପୁର ଫେରିଛନ୍ତି।

ଇତିହାସରେ ଏଭଳି ଭୟଙ୍କର ଘଟଣା ଅନେକଥର ଘଟିଛି। ୨୦୧୩ ସୁକ୍‌ମାସ୍ଥିତ ଦରଭା ଉପତ୍ୟକାରେ ମାଓବାଦୀଙ୍କ ଆକ୍ରମଣରେ ଛତିଶଗଡ଼ର ଜଣେ ପୂର୍ବତନ ମନ୍ତ୍ରୀଙ୍କ ସମେତ ୨୭ ଜଣ ନିହତ ହୋଇଥିଲେ। ତା' ପୂର୍ବରୁ ୨୦୧୨ ମସିହାରେ ଝାଡ଼ଖଣ୍ଡରେ ମାଓବାଦୀ ସଂହାରଲୀଳାରେ ଗଢ଼ୱା ଜିଲ୍ଲା ବାରିଗନୱା ଜଙ୍ଗଲରେ ଏକ ଲ୍ୟାଣ୍ଡମାଇନ୍ ବିସ୍ଫୋରଣରେ ୨ ଅଧିକାରୀଙ୍କ ସମେତ ୧୩ ପୋଲିସ କର୍ମୀ ସହିଦ ହେବା ସହ ଅନେକ ସୁରକ୍ଷାକର୍ମୀ ଆହତ ହୋଇଥିଲେ। ୨୦୧୧ ମସିହାରେ ଛତିଶଗଡ଼ସ୍ଥିତ ଗରିୟାବନ୍ଦର ଏକକୁ ଟାର୍ଗେଟ୍ କରିଥିଲେ ମାଓବାଦୀ। ଏକ ଭୟଙ୍କର ବିସ୍ଫୋରଣରେ ପୋଲଟି ଉଡ଼ିଯିବା ସହ ୪ ଜଣ ନିହତ ହେବା ସହ ଅନେକ ଆହତ ହୋଇଥିଲେ। ପୁଣି ସେହିବର୍ଷ ମେ' ମାସରେ ଗରିୟାବନ୍ଦରେ ନକ୍ସଲପନ୍ଥୀମାନେ ୧୦ ଜଣ ପୋଲିସ କର୍ମଚାରୀଙ୍କୁ ହତ୍ୟା କରିଥିଲେ।

ଏହାପୂର୍ବରୁ ୨୦୧୦ ମସିହା ଏପ୍ରିଲ ୬ ତାରିଖରେ ଘଟିଥିଲା ଆଉଏକ ଭୟଙ୍କର କାଣ୍ଡ। ଛତିଶଗଡ଼ର ଦନ୍ତେୱାଡ଼ା ଜିଲ୍ଲାରେ ହୋଇଥିଲା ସବୁଠୁ ବଡ଼ ମାଓଆକ୍ରମଣ। ସୁରକ୍ଷାକର୍ମୀଙ୍କୁ ନେଇ ଯାଉଥିବା ଗାଡ଼ି ଉପରେ ମାଓବାଦୀମାନେ ଆକ୍ରମଣ କରିବା ଯୋଗୁଁ ୭୬ ଜଣ ସିଆର୍‌ପିଏଫ୍ ଯବାନଙ୍କ ସମେତ ୨ ପୋଲିସ କର୍ମଚାରୀ ବୀରଗତି ପ୍ରାପ୍ତ ହୋଇଥିଲେ। ସେହିବର୍ଷ ପଶ୍ଚିମବଙ୍ଗର ସିଆଲ୍‌ଦାସ୍ଥିତ ସୁରକ୍ଷାବଳର ଏକ କ୍ୟାମ୍ପ ଉପରେ ମାଓବାଦୀମାନେ ଆକ୍ରମଣ କରିଥିଲେ। ଏଥିରେ ୨୪ ଜଣ ଯବାନ ସହିଦ ହୋଇଥିଲେ। ପୁଣି ସେହିବର୍ଷ ଅକ୍ଟୋବର ମାସରେ ମହାରାଷ୍ଟ୍ର-ଛତିଶଗଡ଼ ସୀମାନ୍ତ ଅଞ୍ଚଳରେ ମାଓବାଦୀମାନେ ଗ୍ରେନେଡ୍ ମାଡ଼ କରି ଏକ ପୋଲିସ ଜିପ୍‌କୁ ଉଡ଼ାଇଦେଇଥିଲେ। ଏଥିରେ ଇଣ୍ଡୋ-ତିବ୍ବତୀୟ ସୀମା ପୋଲିସ (ଆଇଟିବିପି)ର ୩ ଜଣ ଯବାନ ସହିଦ ହୋଇଥିଲେ। ସେହି ୨୦୧୦ ମସିହାରେ ମାଓବାଦୀମାନେ ରେଳଧାରଣାକୁ ଉଡ଼ାଇ ଦେବା ଫଳରେ ତ୍ରିବେଣୀ ଏକ୍ସପ୍ରେସ୍ ଏବଂ କଲିତା-ବମ୍ବେ ମେଲ୍ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା। ଏଥିରେ ଅନ୍ୟୁନ ୧୫୦ ଜଣ ଯାତ୍ରୀ ନିହତ ହୋଇଥିଲେ। ୨୦୦୯ ମସିହା ମାର୍ଚ୍ଚ ୨୭ ତାରିଖରେ ମହାରାଷ୍ଟ୍ରରେ ମାଓବାଦୀମାନେ ସୁରକ୍ଷାବଳ ଉପରେ ଭୟଙ୍କର ଆକ୍ରମଣ କରିଥିଲେ। ପୁସ୍ତୋଲା ଜିଲ୍ଲା ଗଡ଼ଚିରୋଲିରେ ଲ୍ୟାଣ୍ଡମାଇନ୍ ବିସ୍ଫୋରଣ ଯୋଗୁଁ ସିଆର୍‌ପିଏଫ୍‌ର ୧୫ ଜଣ ଯବାନ ସହିଦ ହୋଇଥିଲେ। ୨୦୦୮ ମସିହାରେ ନୟାଗଡ଼ ଅସ୍ତ୍ରାଗାରରୁ ଲୁଟ୍ ଓ ଆକ୍ରମଣ ଘଟଣାରେ ୧୪ ଜଣ ପୋଲିସ କର୍ମଚାରୀ ସହିଦ ହୋଇଥିବା ବେଳେ ଜଣେ ସାଧାରଣ ନାଗରିକ ମଧ୍ୟ ନିହତ ହୋଇଥିଲେ। ସେହିପରି ୨୦୦୭ ମସିହାରେ ଛତିଶଗଡ଼ ରାଣୀ ବୋଦି ଗ୍ରାମର ଏକ ପୋଲିସ ଆଉଟପୋଷ୍ଟ ଉପରେ ଆକ୍ରମଣ କରିଥିଲେ ମାଓବାଦୀ। ଫଳରେ ଛତିଶଗଡ଼ ପୋଲିସର ୫୫ ଜଣ କର୍ମଚାରୀ ଓ ସ୍ୱତନ୍ତ୍ର ଅଧିକାରୀ ସହିଦ ହୋଇଥିଲେ।

ଏବେ ଚିନ୍ତା କରିବାର ସମୟ ଆସିଛି। ସାଧାରଣ ଲୋକଙ୍କ ସୁରକ୍ଷାରେ ନିୟୋଜିତ ଯବାନଙ୍କ ନିରାପତ୍ତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଯବାନ ନିରାପଦରେ ନ ରହିଲେ ସୁରକ୍ଷା ପଙ୍ଗୁ ପାଲଟିଯିବାର ଆଶଙ୍କା ରହିଛି। ତେବେ ଏଭଳି ପରିସ୍ଥିତି ଉପୁଜିବା ପୂର୍ବରୁ ସରକାର ଏ ଦିଗରେ କଠୋର ପଦକ୍ଷେପ ନେବାର ଆବଶ୍ୟକତା ରହିଛି। ତେବେ ନିକଟରେ ଘଟିଥିବା ସୁକ୍‌ମା ଆକ୍ରମଣ ପରେ ମାଓଦମନ ପାଇଁ ସ୍ୱତନ୍ତ୍ର ରଣନୀତି ପାଇଁ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂହ ମେ' ୮ ତାରିଖରେ ଏକ ସ୍ୱତନ୍ତ୍ର ବୈଠକ ଡକାଇଛନ୍ତି। ଏଥିରେ ପ୍ରଭାବିତ ରାଜ୍ୟମାନଙ୍କର ମୁଖ୍ୟମନ୍ତ୍ରୀମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

### ଅଧିକ କେନ୍ଦ୍ରୀୟ ...

ବିଭିନ୍ନ ଯୋଜନା ଓ ରୂପାୟନ ଉପରେ ଖୋଲା ମତ ବିନିମୟ ପାଇଁ ମୁଖ୍ୟମନ୍ତ୍ରୀମାନେ ଏକାଠି ହେବାକୁ ନୀତି ଆୟୋଗ ଏକ ଚମତ୍କାର ମଞ୍ଚ ପ୍ରଦାନ କରିଛି ବୋଲି ମୋଦି କହିଥିଲେ।

ଏହି ବୈଠକରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଓ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜିରୱାଲଙ୍କ ବ୍ୟତୀତ ସବୁ ରାଜ୍ୟର ମୁଖ୍ୟମନ୍ତ୍ରୀ ଅଂଶଗ୍ରହଣ କରିଥିଲେ। ହେଲେ ଏଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ର ସରକାରଙ୍କ ନିକଟରେ ଓଡ଼ିଶାର ପୁରୁଣା ଦାବିକୁ ଦୋହରାଇଥିଲେ। ଓଡ଼ିଶାର ବିକାଶ ଲାଗି କେନ୍ଦ୍ର ସରକାର ଅଧିକ ଅର୍ଥ ଦିଅନ୍ତୁ ବୋଲି ଦାବି ରଖିବା ସହ ବିଭିନ୍ନ କ୍ଷେତ୍ରରେ ରହୁଥିବା ସମସ୍ୟାର ସମାଧାନ ନିମନ୍ତେ କେନ୍ଦ୍ରର ହସ୍ତକ୍ଷେପ ଲୋଡ଼ିଛନ୍ତି ନବୀନ। ପଞ୍ଚମ କମିଶନ ସୁପାରିଶ ଆଧାରରେ କେନ୍ଦ୍ରୀୟ ସହାୟତା ପ୍ରଦାନ, କୋଇଲାପୂର୍ଣ୍ଣ ରାଜ୍ୟକୁ ସ୍ୱଚ୍ଛ ପରିବେଶ ଟିକସରେ ୬୦% ଭାଗିଦାର, ସଡକ, ବ୍ୟାଙ୍କ ସୁବିଧା, ଟେଲିକମ ସୁବିଧା ବୃଦ୍ଧି ଏବଂ ଧାନର ସହାୟକ ମୂଲ୍ୟ ବଢ଼ାଇବା ପାଇଁ ମୁଖ୍ୟମନ୍ତ୍ରୀ ଦାବି କରିଛନ୍ତି। ଏଥିସହିତ ଓଡ଼ିଶାରେ ଆର୍ଥିକ ଅଭିବୃଦ୍ଧି ଓ ଦାରିଦ୍ର୍ୟ ହ୍ରାସରେ ସଫଳତା ମିଳିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ନୀତି ଆୟୋଗ ପରିଚାଳନା ପରିଷଦର ତୃତୀୟ ବୈଠକରେ ଯୋଗଦେଇ ଜାତୀୟ ଆଜେଣ୍ଡା ଅନୁଯାୟୀ ଓଡ଼ିଶା ଗ୍ରହଣ କରିଥିବା ବିଭିନ୍ନ ପଦକ୍ଷେପ ଏବଂ ଏହାର ସକରାତ୍ମକ ପ୍ରଭାବ ସମ୍ପର୍କରେ ଉଲ୍ଲେଖ କରିଥିଲେ ମୁଖ୍ୟମନ୍ତ୍ରୀ। ସେ କହିଥିଲେ ଯେ ୨୦୧୨-୧୩ରେ ଓଡ଼ିଶାରେ ଅର୍ଥନୈତିକ ଅଭିବୃଦ୍ଧି ୪.୬୧ ପ୍ରତିଶତ ରହିଥିଲା। ୨୦୧୬-୧୭ରେ ଏହା ୭.୯୪% ବୃଦ୍ଧି ପାଇଛି। ସେହିପରି ତେନ୍ଦୁଲକର କମିଟି ମେଥଡ଼ ଅନୁଯାୟୀ ୨୦୦୪-୦୫ରୁ ୨୦୧୧ ମଧ୍ୟରେ ଦାରିଦ୍ର୍ୟ ହାର ୨୪.୬୧% ହ୍ରାସ ପାଇଛି। ଦାରିଦ୍ର୍ୟ ସହିତ ଶିଶୁ ମୃତ୍ୟୁହାର କ୍ଷେତ୍ରରେ ଓଡ଼ିଶା ଉଲ୍ଲେଖନୀୟ ସଫଳତା ହାସଲ କରିଛି। ୨୦୧୯ ସୁଦ୍ଧା ୨.୫ ନିୟୁତ ଗ୍ରାମୀଣ ପରିବାକୁ ଆଶ୍ରୟ ସୁରକ୍ଷା ପ୍ରଦାନ, ୨୦୧୯ ମାର୍ଚ୍ଚ ସୁଦ୍ଧା ବିଜୁଳି ଓ ୨୦୧୮ ସୁଦ୍ଧା ୧୦୦ ପ୍ରତିଶତ ଗାଁକୁ ବିଜୁଳି ଲକ୍ଷ୍ୟ ନେଇ ଓଡ଼ିଶା ଆଗକୁ ଯାଉଛି ବୋଲି ସେ ଉଲ୍ଲେଖ କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯୋଗାଯୋଗ ବ୍ୟବସ୍ଥାରେ ଉନ୍ନତି, କୃଷି ଉତ୍ପାଦକତାରେ ଉଚ୍ଚତର ଅଭିବୃଦ୍ଧି, କୃଷକ ସଶକ୍ତିକରଣ, ଜଳସେଚନ ଅଭିବୃଦ୍ଧି, ଦକ୍ଷତା ବିକାଶ ଆଦି କ୍ଷେତ୍ରରେ ମଧ୍ୟ ସଫଳତା ମିଳିଛି। ରାଜ୍ୟ ସରକାର ପୃଥକ କୃଷି ବଜେଟ୍ କରିଛନ୍ତି। ଜାତୀୟସ୍ତରରେ ଓଡ଼ିଶା ୪ଥର କୃଷି କର୍ମଣ ପୁରସ୍କାର ପାଇଥିବା ଦର୍ଶାଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପ୍ରାଥମିକ କୃଷି ସମବାୟ ସମିତିଗୁଡିକୁ ରାଜ୍ୟ ସରକାର କମ୍ପ୍ୟୁଟରୀକରଣ କରୁଛନ୍ତି। ଚଳିତବର୍ଷ ଏହି କାମ ସମ୍ପୂର୍ଣ୍ଣ ହେବ। ୫୮ ଲକ୍ଷ କୃଷକ ପରିବାରକୁ ସ୍ୱାସ୍ଥ୍ୟବୀମା ଯୋଗାଇ ଦିଆଯାଇଛି। ୧% ସୁଧରେ ଶସ୍ୟ ଋଣ ଦିଆଯାଉଥିବା ବେଳେ ଡିବିଟି ପଦ୍ଧତି ଆପଣାଯାଇଛି। ୨୦୧୪ରୁ ୨୦୧୯ ମଧ୍ୟରେ ୧୦ ଲକ୍ଷ ହେକ୍ଟର ଅଧିକ ଜମି ଜଳସେଚିତ ହୋଇଯାଇଛି। ଓଡ଼ିଶାର କୃଷକଙ୍କ ଆୟ ଦୁଇଗଣ ହୋଇପାରିଛି। ଦକ୍ଷତା କ୍ଷେତ୍ରରେ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସେ ଉଲ୍ଲେଖ କରିବା ସହ ଶିଳ୍ପ ଅନୁକୂଳ ବାତାବରଣ ପାଇ ଲଜ୍ ଅଫ୍ ଡୁଙ୍ଗ ବିଜିନେସ୍, ଷ୍ଟାର୍ଟଅପ ପଲିସ, ଲ୍ୟାଣ୍ଡବ୍ୟାଙ୍କ ବିଷୟ ମୁଖ୍ୟମନ୍ତ୍ରୀ ବୈଠକରେ ରଖିଛନ୍ତି। ଏହାଛଡ଼ା ସେ କହିଛନ୍ତି ରାଜ୍ୟ ବର୍ତ୍ତମାନ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ୧୦୦ ବର୍ଷ ପୂର୍ତ୍ତିକୁ ଦୃଷ୍ଟିରେ ରଖି ଭିଜନ-୨୦୩୬ ପ୍ରସ୍ତୁତ କରୁଛି। ଓଡ଼ିଶାର ସାମଗ୍ରିକ ବିକାଶ ପାଇଁ ଏହି ଭିଜନ ପ୍ରସ୍ତୁତ କରାଯାଉଛି।

#### ୨୦୩୨ ପାଇଁ ନୀତିଆୟୋଗର ନୂଆ ସ୍ୱପ୍ନ

ଦେଶର ବିକାଶ ପାଇଁ ନୀତି ଆୟୋଗ ପକ୍ଷରୁ ଏକ ଉଚ୍ଚାଭିଳାଷୀ ଯୋଜନା ପ୍ରସ୍ତୁତ କରାଯାଇଛି। ଆସନ୍ତା ୨୦୩୨ ମଧ୍ୟରେ ସମସ୍ତଙ୍କୁ ପାଇଖାନା ଥିବା ଘର, ଗାଡ଼ି (ଦୁଇ ଚକିଆ କିମ୍ବା ଚାରି ଚକିଆ ଯାନ), ବିଦ୍ୟୁତ୍, ଏସି (ଏୟାର କଣ୍ଡିସନର) ଏବଂ ଡିଜିଟାଲ ସଂଯୋଗ ଯୋଗାଇ ଦେବା ଲକ୍ଷ୍ୟ ରଖାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ନୀତି ଆୟୋଗର ସର୍ବୋଚ୍ଚ ନୀତି ନିର୍ଦ୍ଧାରଣକାରୀ ସଂସ୍ଥା ବା ଗଭର୍ଣ୍ଣିଂ କାଉନସିଲ ବୈଠକରେ ଆୟୋଗର ଉପାଧ୍ୟକ୍ଷ ଅରବିନ୍ଦ ପାନାଗାରିଆ ଏହି ଗୋଲାପି ଚିତ୍ର ଉପସ୍ଥାପନ କରିଛନ୍ତି। ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଅଧିକାଂଶ ରାଜ୍ୟର ମୁଖ୍ୟମନ୍ତ୍ରୀ ଏବଂ କେନ୍ଦ୍ର ସରକାରଙ୍କ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଭାରତ ୨୦୩୧-୩୨ ଝଲକ, ରଣନୀତି ଏବଂ ଆକ୍ସନ ଏଜେଣ୍ଡାରେ ଏକ ସମ୍ପୂର୍ଣ୍ଣ ସ୍ୱାକ୍ଷର ଭାରତ ଏବଂ ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟସେବା ସୁବିଧା ପ୍ରଦାନ କରିବା ପାଇଁ ମଧ୍ୟ ସ୍ୱପ୍ନ ଦେଖିଛନ୍ତି ସରକାର। ଏଥିସହିତ ଅତ୍ୟାଧୁନିକ ସଡ଼କ, ରେଳ, ଜଳପଥ ଏବଂ ବିମାନ ସଂଯୋଗ ବ୍ୟବସ୍ଥା ସମେତ ନାଗରିକମାନଙ୍କୁ ଉନ୍ନତ ଗୁଣମାନର ବାୟୁ ଏବଂ ଜଳ ଯୋଗାଇ ଦେବାକୁ ଲକ୍ଷ୍ୟ ରଖାଯାଇଛି। କେବଳ ସେତିକି ନୁହେଁ ଭାରତୀୟଙ୍କ ମୁଣ୍ଡପିଛା ଆୟରେ ମଧ୍ୟ ତିନିଗୁଣ ବୃଦ୍ଧି ଲକ୍ଷ୍ୟ ରଖାଯାଇଛି। ୨୦୧୫-୧୬ରେ ଭାରତୀୟଙ୍କ ମୁଣ୍ଡପିଛା ଆୟ ୧.୦୬ ଲକ୍ଷ ଟଙ୍କା ଥିବା ବେଳେ ୨୦୩୧-୩୨ ସୁଦ୍ଧା ଏହାକୁ ୩.୧୪ ଲକ୍ଷ ଟଙ୍କାକୁ ବୃଦ୍ଧି ଯୋଜନା କରାଯାଇଛି। ଏତଦ୍‌ବ୍ୟତୀତ ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି) ୨୦୧୫-୧୬ରେ ୧୩୭ ଲକ୍ଷ କୋଟି ଟଙ୍କା ଥିବା ବେଳେ ୨୦୩୧-୩୨ରେ ଏହା ୪୬୯ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ନେଇ ଯୋଜନା ରଖାଯାଇଛି। ସେହିଭଳି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଖର୍ଚ୍ଚ ୨୦୧୫-୧୬ରେ ୩୮ ଲକ୍ଷ କୋଟି ଟଙ୍କା ରହିଥିବା ବେଳେ ୨୦୩୧-୩୨ ସୁଦ୍ଧା ଏଥିରେ ୯୨ ଲକ୍ଷ କୋଟି ଟଙ୍କା ଅଧିକ ଖର୍ଚ୍ଚ ଲକ୍ଷ୍ୟ ରଖାଯାଇଛି। ଅର୍ଥାତ୍ ୨୦୩୧-୩୨ ସୁଦ୍ଧା କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ମୋଟ ଖର୍ଚ୍ଚ ୧୩୦ ଲକ୍ଷ କୋଟିରେ ପହଞ୍ଚିବ। ୧୫ ବର୍ଷିଆ ଭିଜନ ଏବଂ ୭ ବର୍ଷିଆ ଷ୍ଟ୍ରାଟେଜି ୨୦୧୭-୧୮ରୁ ଆରମ୍ଭ ହୋଇଛି। ଏହାର ଡକୁମେଣ୍ଟ ପ୍ରସ୍ତୁତ ଚାଲିଛି। ତେବେ ୩ ବର୍ଷିଆ ଆକ୍ସନ ଏଜେଣ୍ଡାକୁ ଗଭର୍ଣ୍ଣିଂ କାଉନସିଲ ବୈଠକରେ ସଦସ୍ୟମାନଙ୍କୁ ପ୍ରଦାନ କରାଯାଇଥିଲା। ଏହାକୁ ଖୁବ୍‌ଶୀଘ୍ର ଚୂଡ଼ାନ୍ତ କରାଯିବ ବୋଲି କୁହାଯାଇଛି।

### ଭିନ୍ନମୋଡ଼ରେ ...

ପୋଲିସ ହିଁ ମଞ୍ଚେଶ୍ୱର ଶିଳ୍ପାଞ୍ଚଳରୁ ବାବୁଲାଙ୍କୁ ଉଦ୍ଧାର କରି ପ୍ରଥମେ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲା। ପରେ ବାବୁଲାଙ୍କ ଅଧିକ ଚିକିତ୍ସା ଦରକାର ହେବାରୁ ତାଙ୍କୁ କଟକ ଏସ୍‌ସିବିକୁ ସ୍ଥାନାନ୍ତର କରାଯାଇଛି। ଏବେ ବାବୁଲାଙ୍କ ସ୍ୱାସ୍ଥ୍ୟବସ୍ଥା ସୁଧୁରିଥିଲେ ବି ସେ ସୁସ୍ଥ ହୋଇନାହାନ୍ତି। କିଡ୍‌ନୀ ସଂକ୍ରମଣ ସହ ଅନ୍ୟ ରୋଗରେ ବାବୁଲା ଆକ୍ରାନ୍ତ ଥିବା ସୂଚନା ମିଳିଛି। ଏଥିପାଇଁ ଏସ୍‌ସିବିର ୪ଟି ବିଭାଗର ଡାକ୍ତର ତାଙ୍କୁ ଚିକିତ୍ସା କରୁଛନ୍ତି। ବାବୁଲାଙ୍କ ସ୍ୱାସ୍ଥ୍ୟବସ୍ଥା ବୁଝିବାକୁ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଡ.ଅଖିଳ ବିହାରୀ ଓତା, କଟକ ଜିଲ୍ଲାପାଳ ନିର୍ମଳ ଚନ୍ଦ୍ର ମିଶ୍ର ପ୍ରମୁଖ ମେଡିକାଲରେ ପହଞ୍ଚି ତାଙ୍କ ଚିକିତ୍ସା ସମ୍ବନ୍ଧରେ ପଚାରି ବୁଝିଛନ୍ତି। ଇତ୍ୟବସରରେ ବାବୁଲାଙ୍କ ପରିବାରର ସଦସ୍ୟମାନେ ହସ୍ପିଟାଲରେ ପହଞ୍ଚିଛନ୍ତି। ହେଲେ ବାବୁଲାଙ୍କ ନିଖୋଜ ପଛରେ ରହସ୍ୟ ଏବେ ରହସ୍ୟ ହୋଇ ରହିଯାଇଛି।

## ମଧୁବାବୁଙ୍କୁ 'ଭାରତରତ୍ନ' ପ୍ରଦାନ କୋଲକାତାରୁ ଦାବି ଉଠିଲା

**କୋଲକାତା :** ଓଡ଼ିଆ ଅସ୍ମିତାର ପ୍ରତୀକ ଉତ୍କଳଗୌରବ ମଧୁସୂଦନ ଦାସଙ୍କୁ ମରଣୋତ୍ତର ଭାରତରତ୍ନ ପ୍ରଦାନ ପାଇଁ ଏବେ ଦାବି ଉଠିଛି। ଖାଲି ଓଡ଼ିଶାରୁ ନୁହେଁ, ବରଂ କୋଲକାତାରୁ ଏହି ସ୍ୱର ଜୋର ଧରିଲାଣି। ଭୁବନେଶ୍ୱର ଲୟର୍ସ ଗ୍ରୁପ୍ ପକ୍ଷରୁ ଏ ନେଇ କୋଲକାତା ଗସ୍ତ କରିଥିବା ଆଇନ୍‌ଜୀବୀମାନେ ସେଠାରେ ଦସ୍ତଖତ ଅଭିଯାନ ଆରମ୍ଭ କରିଛନ୍ତି। ମଧୁବାବୁଙ୍କ ଜୟନ୍ତୀ ଅବସରରେ ତାଙ୍କର ଆଦ୍ୟ କର୍ମପୀଠ କୋଲକାତା ହାଇକୋର୍ଟ ନିକଟରୁ ଏହର ଶୁଭାରମ୍ଭ ହୋଇଛି। ଗ୍ରୁପ୍‌ର ଆବାହକ ଲିଙ୍ଗରାଜ ସାହୁଙ୍କ ନେତୃତ୍ୱରେ ଭୁବନେଶ୍ୱରରୁ ଆଇନଜୀବୀଙ୍କ ଏକ ଦଳ କୋଲକାତା ଯାଇ ସ୍ୱାକ୍ଷର ସଂଗ୍ରହ ଅଭିଯାନରେ ସାମିଲ ହୋଇଛନ୍ତି। ଗ୍ରୁପ୍‌ର ସଂଗଠକମାନେ ମଧୁବାବୁଙ୍କ ଫଟୋଚିତ୍ର ଏବଂ ତାଙ୍କ ଜୀବନ ସଂକ୍ରାନ୍ତ ତଥ୍ୟ ପରିପ୍ରକାଶ କରିବା ସହିତ ଏହି ମହାମନୀଷୀଙ୍କୁ ମରଣୋତ୍ତର ଭାରତରତ୍ନ ପ୍ରଦାନ ପାଇଁ ଆହ୍ୱାନ ଦେଇଛନ୍ତି। ଏହା ହୋଇପାରିଲେ ଦେଶବାସୀ ତାଙ୍କ ଦାୟିତ୍ୱ ସଠିକ୍ ନିର୍ବାହ କରିଛନ୍ତି ବୋଲି ମତ ରଖିଛନ୍ତି ଶ୍ରୀ ସାହୁ। ସେ କହିଛନ୍ତି ଯେ ମଧୁବାବୁ କେବଳ ଜଣେ ବାରିଷ୍ଟର ନୁହନ୍ତି, ସାମ୍ୟବାଦ ପ୍ରତିଷ୍ଠା ପାଇଁ ଗୁରୁଦାୟିତ୍ୱ ଭୂମିକା ବହନ କରିଥିଲେ। କୋଲକାତାସ୍ଥିତ ଖ୍ରୀଷ୍ଟିଆନ୍ ମିଶନାରୀଜ୍ ସୋସାଇଟି ହାଇସ୍କୁଲରେ ପ୍ରଧାନ ଶିକ୍ଷକ ଭାବରେ ଯୋଗଦେବା ସମୟରୁ ସେ ନୂତନ ଦୃଷ୍ଟାନ୍ତ ସୃଷ୍ଟି କରିପାରିଥିଲେ। ଏଥିରେ ମାନବାଧିକାର ସଂଗଠନର ଓଡ଼ିଶା ଶାଖା ସଭାପତି ଗଦାଧର ଦାସ କହିଥିଲେ ଯେ ୧୮୮୫ ମସିହାରେ ଲେଫ୍ଟନାଣ୍ଟଗଭର୍ଣ୍ଣର ସାର୍ ରିଚାର୍ଡ ଥମ୍ପସନଙ୍କୁ ମଧୁବାବୁ ଚିଠିଦେଇ ଓଡ଼ିଶାର କୃଷି, ଶିଳ୍ପ ଓ ରେଳପଥ ଯୋଗାଯୋଗର ଉନ୍ନତି ପାଇଁ ଯୁକ୍ତି ବାଢ଼ିବା ସହିତ ୧୮୮୬ରେ ପୁରୀ ଜଗନ୍ନାଥ ମନ୍ଦିରରେ ଗଜପତି ମହାରାଜଙ୍କ ସେବାକାର୍ଯ୍ୟ ସପକ୍ଷରେ ଇଂରେଜ ସରକାରଙ୍କ ନିକଟରେ ଦୃଢ଼ ପ୍ରତିବାଦ କରିଥିଲେ। ସେ ଓଡ଼ିଶା ବିଷୟକୁ ଜାତୀୟସ୍ତରରେ ଉପସ୍ଥାପନ କରିବା ସଙ୍ଗେ ସଙ୍ଗେ ଭାରତର ସ୍ୱାଭିମାନ ଓ ସ୍ୱତନ୍ତ୍ରତା ରକ୍ଷା ପାଇଁ ଜାତୀୟସ୍ତର ନେତାଙ୍କ ସହିତ ଆଲୋଚନା କରି ସେ ସମୟରେ ଅନ୍ୟମାନଙ୍କ ନିକଟରେ ଚର୍ଚ୍ଚିତ ହୋଇଥିଲେ। ଜାତୀୟ ସ୍ୱାର୍ଥ ପାଇଁ ମଧୁବାବୁ ସବୁବେଳେ କାମ କରୁଥିଲେ। ତେଣୁ ଏଭଳି ସନ୍ତାନଙ୍କୁ ମରଣୋତ୍ତର ଭାରତରତ୍ନ ପ୍ରଦାନ ଦାବି ଦେଶବାସୀଙ୍କୁ ଅନୁପ୍ରେରଣା ଯୋଗାଇବ। ଅନ୍ୟମାନଙ୍କ ମଧ୍ୟରେ ପିଡିଏଚ୍‌ଆରର ସର୍ବଭାରତୀୟ ସଭାପତି ପ୍ରଦୀପ ଦୁବେ, ଆଇନଜୀବୀ ଧର୍ମେନ୍ଦ୍ର ସେନାପତି, ଅଶୋକ ଦାସ, ବୈଷ୍ଣବ ଗାହାଣ, କୃଷ୍ଣଚନ୍ଦ୍ର ଭୂୟାଁ, ଉତ୍କଳ ମିଳିତ ମଞ୍ଚ ସଭାପତି ରବିନାରାୟଣ ମହାପାତ୍ର, ସମ୍ପାଦକ ପ୍ରଶାନ୍ତ ଦାସ, ସୁଶୀଲ ରାଉତଙ୍କ ସମେତ ଶତାଧିକ ପ୍ରବାସୀ ଓଡ଼ିଆ, ଆଇନଜୀବୀ ଓ ମଧୁପ୍ରେମୀ ଅଭିଯାନରେ ସାମିଲ ହୋଇଥିଲେ। ସୂଚନାଯୋଗ୍ୟ, ମଧୁବାବୁଙ୍କୁ ଭାରତରତ୍ନ ପ୍ରଦାନ ନିମନ୍ତେ ଲୟର୍ସ ଗ୍ରୁପ୍ ପକ୍ଷରୁ ଏକଲକ୍ଷ ସ୍ୱାକ୍ଷର ସଂଗ୍ରହ କରାଯିବା ନେଇ ପୂର୍ବରୁ ନିଷ୍ପତ୍ତି ହୋଇଥିଲା। ଏଥିପାଇଁ କୋଲକାତା ଯାଇଥିବା ଲୟର୍ସ ଗ୍ରୁପ୍‌ର ସଦସ୍ୟମାନଙ୍କୁ ଅନୁଷ୍ଠାନର ବରିଷ୍ଠ ସଭ୍ୟ ଲିଙ୍ଗରାଜ ଦାଶ, ମନୋଜ ବଳିଆରସିଂହ, ବିଶ୍ୱମ୍ଭର ଦାଶ, ବାସୁଦେବ ଜେନା, ମାନସ ପଣ୍ଡା, ରାଜେଶ କୁମାର ପାଢ଼ୀ ପ୍ରମୁଖ ଭୁବନେଶ୍ୱର ରେଳଷ୍ଟେସନରେ ଶୁଭକାମନା ଜଣାଇଥିଲେ।













# ହଜିଗଲେ 'ଅମର'



**ମୁମ୍ବାଇ :** ବଲିଉଡ଼ର ପ୍ରଖ୍ୟାତ ଅଭିନେତା ତଥା ପୂର୍ବ କେନ୍ଦ୍ରମନ୍ତ୍ରୀ ବିନୋଦ ଖାନ୍ନାଙ୍କର ମୁମ୍ବାଇର ଏଚ୍‌ଏନ୍ ରିଲାଏନ୍‌ସ ହସ୍ପିଟାଲରେ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୭୦ ବର୍ଷ ବୟସ ହୋଇଥିଲା। ଦୀର୍ଘଦିନ ଧରି ସେ ମୁତ୍ରାଶୟ କ୍ୟାନ୍‌ସରରେ ପୀଡ଼ିତ ଥିଲେ। ତେବେ ସପ୍ତାହେ ହେବ ତାଙ୍କର ଅବସ୍ଥା ଉଦ୍‌ବେଗଜନକ ଥିଲା। ଏପ୍ରିଲ ୨୭ ତାରିଖ ପୂର୍ବାହ୍ଣ ୧୧ଟା ୨୦ ମିନିଟ୍‌ରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ପତ୍ନୀ କବିତା ଖାନ୍ନା, ଦୁଇପୁଅ ରାହୁଲ ଏବଂ ଅକ୍ଷୟ, ଝିଅ ସାକ୍ଷୀ ଓ ଶ୍ରଦ୍ଧା ଖାନ୍ନା ଉପସ୍ଥିତ ଥିଲେ। ମୁମ୍ବାଇର ଓ୍ୱର୍ଲି ଶ୍ମଶାନଘାଟରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ତାଙ୍କ ଶେଷକୃତ୍ୟ ସମୟରେ ଅମିତାଭ ବଚ୍ଚନ, ଋଷି କପୁର, ଶତ୍ରୁଘ୍ନ ସିହ୍ନା, ଅନୁପମ ଖେରଙ୍କ ସମେତ ବହୁ ନାମୀଦାମୀ କଳାକାର ଯୋଗ ଦେଇଥିଲେ। ସେହିପରି ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ବିୟୋଗରେ ଶୋକ ପ୍ରକାଶ କରିଛନ୍ତି।

# ହତ୍ୟା ରହସ୍ୟ ଖୋଲିଲା ବାହୁବଳୀ

**ଭୁବନେଶ୍ୱର :** କଟପ୍ପା କାହିଁକି ମାରିଲା ବାହୁବଳୀକୁ ? ସେହି ପ୍ରଶ୍ନର ଉତ୍ତର ପାଇବା ପାଇଁ ବାହୁବଳୀର ଦର୍ଶକେ ଅପେକ୍ଷା କରିଥିଲେ ଦୀର୍ଘ ଦୁଇବର୍ଷ ସମୟ। ମାତ୍ର ଏହି ଅପେକ୍ଷାର ଅନ୍ତ ଘଟିଛି। ଉତ୍ତର ମିଳିଛି। ବାହୁବଳୀ-୨ ସିନେମାହଲ୍‌କୁ ଆସିବା ପରେ କଟପ୍ପା କାହିଁକି ବାହୁବଳୀକୁ ମାରିଲା ତାହାର ଉତ୍ତର ଦର୍ଶକେ ପାଇଛନ୍ତି। ଏହି ବହୁପ୍ରତୀକ୍ଷିତ ସିନେମାଟିକୁ ଦେଖିବା ପାଇଁ ଦର୍ଶକଙ୍କ ମଧ୍ୟରେ ନାହିଁ ନ ଥିବା ଉତ୍କଣ୍ଠା ଦେଖିବାକୁ ମିଳିଥିଲା। ରାଜଧାନୀର ପ୍ରାୟ ସବୁ ହଲ୍‌ରେ ଏହି ସିନେମା ରିଲିଜ୍ ହୋଇଥିଲା। ପ୍ରଥମ ଦିନରେ ମୋଟ ୪୩ଟି ଶୋ' ଚାଲିଥିଲା। ଉଭୟ ହିନ୍ଦୀ ଓ ତେଲୁଗୁ ଭର୍ସନରେ ଶୋ' ଚାଲିଥିଲେ ବି ଅସମ୍ଭାଳ ଭିଡ଼ ଦେଖିବାକୁ ମିଳିଥିଲା। କେତେକ ଦର୍ଶକ ଟିକେଟ୍ ନ ପାଇ ବ୍ଲାକ୍‌ରେ କିଣି ଦେଖିଥିବା ବେଳେ ଅନେକେ ହତାଶ ହୋଇ ଫେରିଥିଲେ। ଅଧିକାଂଶ ଶୋ' ପାଇଁ ଅନ୍‌ଲାଇନ୍ ଟିକେଟ୍ ବୁକିଂ ହୋଇସାରିଥିବାରୁ କାଉଣ୍ଟର ଖୋଲିବାକୁ ପଡ଼ି ନ ଥିଲା।



## ଖବର କିଛିକିଛି

- **ଭୁବନେଶ୍ୱର :** ସପ୍ତମ ବେତନ କମିଶନଙ୍କ ସୁପାରିଶ ଲାଗୁ କ୍ଷେତ୍ରରେ ନୀତି ନିର୍ଦ୍ଧାରଣ ପାଇଁ ଗଠିତ ଫିଟ୍‌ମେଣ୍ଟ କମିଟି ରିପୋର୍ଟ ଦେବାକୁ ଆଉ ୪୫ ଦିନ ସମୟ ମାଗିଲା।
- **ଭୁବନେଶ୍ୱର :** ପୁଣିଥରେ ପିସିସି ସଭାପତି ପରିବର୍ତ୍ତନ ନେଇ ଲବି ଜୋରଦାର। ଦଳର କିଛି ବିଧାୟକ ଓ ଦୁଇଜଣ ପୂର୍ବତନ ପିସିସି ସଭାପତି ଏ ନେଇ ଦିଲ୍ଲୀରେ ଡେରା ପକାଇଥିବା ସୂଚନା ମିଳିଛି।
- **ତିହିଡି :** ବିଷାକ୍ତ ମଦ୍ୟପାନ କରି ନିଜ ବାହାଘର ପୂର୍ବରୁ ଆଖିବୁଜିଲେ ବର। ବେଦିକୁ ଯିବା ବଦଳରେ ବରବେଶରେ ମଶାଣିକୁ ଯାଇଥିବା ଖବର ମିଳିଛି।
- **ଭୁବନେଶ୍ୱର :** ଯୁବ, ଛାତ୍ର, ମହିଳା ସଂଗଠନ ପରେ ଏବେ ଶ୍ରମିକ ସଂଗଠନ ଗଠନ କରିଛି ବିଜେଡି। ଏହାର ନାମ ରଖାଯାଇଛି ବିଜୁ ଶ୍ରମିକ ସାମ୍ମୁଖ୍ୟ।
- **ନୂଆଦିଲ୍ଲୀ :** ଭାରତରେ ଦୁର୍ନୀତିର ମାତ୍ରା ବହୁ ପରିମାଣରେ ହ୍ରାସ ପାଇଛି। ଏହାସତ୍ତ୍ୱେ ଦେଶର ଏକ ତୃତୀୟାଂଶ ଲୋକେ ସରକାରୀ ସେବା ପାଇବା ପାଇଁ ଲାଞ୍ଚ ଦେଉଥିବା ସୂଚନା।
- **ଲକ୍ଷ୍ନୌ :** ଦେଶର ଅନେକ ପେଟ୍ରୋଲ ପମ୍ପରେ ଗ୍ରାହକଙ୍କୁ ଲୁଟ୍ କରାଯାଉଥିବା କଥା ସାମ୍ନାକୁ ଆସିଛି। ସ୍ମାର୍ଟଚିପ୍ ବ୍ୟବହାର କରି ପ୍ରତି ଲିଟରରେ ୫୦ ମିଲିଲିଟର ତେଲ ଟାଙ୍କିମାଲିକମାନେ ଲୁଟ୍ କରୁଥିବା ଘଟଣାର ଖୁଲାସା କରିଛି ଉତ୍ତରପ୍ରଦେଶ ପୋଲିସ।
- **ମୁମ୍ବାଇ :** ଚଳଚ୍ଚିତ୍ର ନିର୍ମାତା ମଧୁର ଭଣ୍ଡାରକରଙ୍କୁ ହତ୍ୟା ପାଇଁ ଷଡ଼ଯନ୍ତ୍ର ଅଭିଯୋଗରେ ମଡେଲ ପ୍ରୀତି ଜୈନଙ୍କୁ ୩ ବର୍ଷ ଜେଲ୍ ଦଣ୍ଡାଦେଶ।
- **ଇମ୍ଫାଲ :** ମଣିପୁରର ୪ କଂଗ୍ରେସ ବିଧାୟକ ବିଜେପିରେ ଯୋଗ ଦେଇଛନ୍ତି। ପୂର୍ବରୁ ବି ଦୁଇଜଣ ବିଧାୟକ ବିଜେପିକୁ ଡେଇଁଥିଲେ।
- **ନୂଆଦିଲ୍ଲୀ :** ଆମେରିକାରେ ଗୁଳିମାଡ଼ରେ ପୁଣିଜଣେ ଭାରତୀୟଙ୍କର ମୃତ୍ୟୁ ଘଟିଛି। ତାଙ୍କ ନାମ ଖଣ୍ଡୁ ପଟେଲ ଓ ସେ ଟେନେସିସ୍ଥିତ ଏକ ହୋଟେଲରେ ହାଉସ୍‌କିପର ଭାବେ କାର୍ଯ୍ୟ କରୁଥିଲେ।
- **ରାୟଗଡ଼ା :** କମ୍ବିଂ ଅପରେସନ ବେଳେ କନ୍ଧମାଳ, ରାୟଗଡ଼ାରେ ମାଓବାଦୀ ଓ ସୁରକ୍ଷାକର୍ମୀ ମୁହାଁମୁହିଁ। ସୁରକ୍ଷାକର୍ମୀଙ୍କ ଆକ୍ରମଣକୁ ମୁକାବିଲା କରି ନ ପାରି ମାଓବାଦୀଙ୍କ ଛତ୍ରଭଙ୍ଗ।
- **ଭୁବନେଶ୍ୱର :** ବାଣୀବିହାର ଛାତ୍ର ସଂସଦ ବାର୍ଷିକ ଉତ୍ସବରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

# ରୂପ ବଦଳାଇବେ ଶ୍ରଦ୍ଧା କପୁର



ଆଜ୍ଞା ହଁ, ନିଜ ବେଶଭୂଷା ଠାରୁ ଆରମ୍ଭ କରି ଚାଲିଚଳଣ, ଭାବଭଙ୍ଗୀ ଓ କଥାବାର୍ତ୍ତା; ସବୁକିଛି ବଦଳାଇଦେବେ ଶ୍ରଦ୍ଧା କପୁର। ଏମିତିକି କ୍ଷୀଣକଟି ଭାବେ ପରିଚିତ ଶ୍ରଦ୍ଧା ନିଜକୁ ମୋଟୀ କରାଇବା ପାଇଁ କସ୍‌ରତ ଆରମ୍ଭ କରିଛନ୍ତି। ତା'ଛଡ଼ା ସ୍ୱଳ୍ପ ପୋଷାକଧାରିଣୀ ଏହି କ୍ୟୁଟ୍ ଅଭିନେତ୍ରୀ ଏବେ ସାରା ଶରୀରକୁ କଳାରଙ୍ଗର ଗାଉନ୍‌ରେ ଢାଙ୍କିବାକୁ ଯୋଜନା କରୁଛନ୍ତି। ତା'ଛଡ଼ା କ୍ୟୁଟ୍ ଗେଟ୍‌ଅପ୍‌କୁ ବି ସେ ପରିହାର କରିବେ ବୋଲି ଶୁଣିବାକୁ ମିଳୁଛି। ଏସବୁ ସତ ଯେ କିନ୍ତୁ ଗୋଟିଏ କେଁ ରହିଛି। ପ୍ରକୃତ କଥା ହେଲା ଏସବୁ ସେ କେବଳ ସିନେ ପରଦାରେ କରିବା ପାଇଁ ଚିନ୍ତା କରୁଛନ୍ତି। ତାଙ୍କ ଅଭିନୀତ ଆଗାମୀ ଚଳଚ୍ଚିତ୍ର 'ହସିନା : ଦି କୁଇନ୍ ଅଫ୍ ମୁମ୍ବାଇ' ପାଇଁ ଏଭଳି ପ୍ରସ୍ତୁତି ଆରମ୍ଭ କରିଛନ୍ତି ସେ। ତେବେ ପୂର୍ବରୁ ନିଜର ସବୁ ଚଳଚ୍ଚିତ୍ରରେ ଚୁଲ୍‌ବୁଲି ଓ କ୍ୟୁଟୀ ଅଭିନୟ ପାଇଁ ସ୍ୱତନ୍ତ୍ର ପରିଚୟ ହାସଲ କରିଥିବା ଶ୍ରଦ୍ଧା ଏଥର କିନ୍ତୁ ଅଣ୍ଡର ଓ୍ୱାର୍ଲଡ୍ ଡନ୍ ଦାଉଦ୍‌ରଙ୍କ ଭଉଣୀଙ୍କ ଭୂମିକାରେ ପରଦାକୁ ଆସିବେ। ତେବେ ପୂର୍ବର ସବୁ ସିନେମାରେ ସେ ବର୍ଷାରେ ଗାଧୋଇଥିବା ବେଳେ ଏ ସିନେମାରେ ସେଭଳି ସିନ୍ ରହିବ କି ନା, ସେ ନେଇ ଦର୍ଶକ ମହଲରେ ଉତ୍କଣ୍ଠା ଦେଖାଦେଇଛି।

# ମେ'୭ରେ ବିସିସିଆଇର ସ୍ୱତନ୍ତ୍ର ଅଧିବେଶନ




**ନୂଆଦିଲ୍ଲୀ :** ମେ' ୭ରେ ବିସିସିଆଇର ସ୍ୱତନ୍ତ୍ର ଅଧିବେଶନ (ଏମ୍‌ଜିଏମ୍) ଅନୁଷ୍ଠିତ ହେବ ବୋଲି ପ୍ରଶାସକ କମିଟି ଅଧ୍ୟକ୍ଷ ବିନୋଦ ରାୟ ସୂଚନା ଦେଇଛନ୍ତି। ଉକ୍ତ ବୈଠକରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି। ନିକଟରେ ଆଇସିସି ଅନୁଦାନକୁ ନେଇ ଉପୁଜିଥିବା ବିବାଦ ସମ୍ପର୍କରେ ଉକ୍ତ ବୈଠକରେ ସଦସ୍ୟଙ୍କ ମତାମତ ଲୋଡାଯିବ। ଆଇସିସିର ସଂଶୋଧିତ ରାଜସ୍ୱ ନୀତି ଅନୁଯାୟୀ ବିସିସିଆଇକୁ ଏଣିକି ୩୯୦ ନିୟୁତ ଡଲାର ପ୍ରଦାନ କରାଯିବ ବୋଲି ଘୋଷଣା କରାଯାଇଛି। ତେବେ ଏହି ରାଶି ୪୫୦ ନିୟୁତ ଡଲାରକୁ ବୃଦ୍ଧି କରିବାକୁ ବିସିସିଆଇ ଜିଦ ଧରିଛି। ସଦସ୍ୟଙ୍କ ମତାମତ ଜାଣିବା ପରେ ବିସିସିଆଇର କର୍ତ୍ତୃପକ୍ଷ ଚୂଡାନ୍ତ ନିଷ୍ପତ୍ତି ନେବେ। ଅପରପକ୍ଷରେ ଜୁନ୍ ପହିଲାରୁ ଇଂଲଣ୍ଡରେ ଆଇସିସି ଚାମ୍ପିଅନ୍ସ ଟ୍ରଫି ଅନୁଷ୍ଠିତ ହେବାକୁ ଥିବା ବେଳେ ଏପର୍ଯ୍ୟନ୍ତ ଭାରତୀୟ ଦଳ ଘୋଷଣା ହୋଇନାହିଁ। ସମ୍ଭବତଃ ଉକ୍ତ ବୈଠକ ପରେ ଭାରତୀୟ ଦଳ ଘୋଷଣା କରାଯିବ ବୋଲି ଆଶା କରାଯାଉଛି। ଦାବି ମୁତାବକ ଆଇସିସି ପକ୍ଷରୁ ଅନୁଦାନ ନ ମିଳିଲେ ଭାରତ ଚାମ୍ପିଅନ୍ସ ଟ୍ରଫିରୁ ଓହରିଯିବ ବୋଲି ବିସିସିଆଇ ପରୋକ୍ଷରେ ଧମକ ଦେଇଛି। ତେବେ ଏହି ପ୍ରସଙ୍ଗକୁ କେନ୍ଦ୍ରକରି ବିସିସିଆଇରେ ମତପାର୍ଥକ୍ୟ ଦେଖାଦେଇଛି। ଆଇସିସି ସହ ମୁହାଁମୁହିଁ ହେବା ଘଟଣାକୁ ଅଧିକାଂଶ ସଦସ୍ୟ ସମର୍ଥନ କରୁନାହାନ୍ତି ବୋଲି ବିସିସିଆଇର ଜଣେ ବରିଷ୍ଠ ଅଧିକାରୀ ଗଣମାଧ୍ୟମକୁ ଜଣାଇଛନ୍ତି। ଏପରିକି ଚାମ୍ପିଅନ୍ସ ଟ୍ରଫିରୁ ଭାରତ ଓହରିବା ଉଚିତ ହେବ ନାହିଁ ବୋଲି ଏହି ଗୋଷ୍ଠୀ ମତବ୍ୟକ୍ତ କରିଥିବା ଜଣାପଡିଛି। ଭାରତ ଯଦି ଚାମ୍ପିଅନ୍ସ ଟ୍ରଫିରୁ ଓହରିଯିବ, ତେବେ ଆଇସିସି ପକ୍ଷରୁ ବିସିସିଆଇ ଉପରେ ପ୍ରାୟ ୨୦୦୦ କୋଟି ଟଙ୍କାର ଜୋରିମାନା ଲାଗୁ ହେବାର ସମ୍ଭାବନା ରହିଛି।

### 'ଆଶ୍ୱାସ ସ୍କୁଲ'ର ନାଟକ ମାଧ୍ୟମରେ ସଚେତନତା ବାର୍ତ୍ତା

# 'ନିଶାପାଣିଠାରୁ ଦୂରେଇ ରୁହ'

**ଭୁବନେଶ୍ୱର :** କୋମଳମତି ବାଳକ ବାଳିକାମାନେ ବିଦ୍ୟାଳୟରେ ପାଠ ପଢ଼ିବା ସମୟରୁ ହିଁ ସାମାଜିକ ନୀତି ନିୟମ ମାନିବା ସହ ନିଶାପାଣି ଠାରୁ ଦୂରେଇ ରହିବା ସମ୍ପର୍କରେ ଜାଣିଲେ ହିଁ ଦେଶର ବିକାଶ ହୋଇପାରିବ ବୋଲି 'ଆଶ୍ୱାସ ସ୍କୁଲ'ର ବାର୍ଷିକ ଉତ୍ସବରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି ସମାଜସେବୀ ତଥା 'ଏକମାତ୍ର' ଖବରକାଗଜର ପରିଚାଳନା ସମ୍ପାଦିକା ଲକ୍ଷ୍ମୀପ୍ରିୟା ଦାଶ। ସ୍ଥାନୀୟ ଇଡ଼କଲ ଅଡିଟୋରିୟମରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଓଡ଼ିଶା ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ଚୂଡାମଣୀ ସେଠ୍ ଏବଂ ଅବସରପ୍ରାପ୍ତ ପ୍ରଶାସକ ସୁରେଶ ମନ୍ତ୍ରୀ, ଗୌରୀରାଣୀ ନାୟକ, କୃଷ୍ଣଚନ୍ଦ୍ର ବଡୁ ଏବଂ ସାମ୍ବାଦିକ ଲିଙ୍ଗରାଜ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ମହତ୍ୱପୂର୍ଣ୍ଣ ବାର୍ତ୍ତା ଦେଇଥିଲେ। ପ୍ରାରମ୍ଭରେ 'ଆଶ୍ୱାସ'ର ଅଧକ୍ଷା ମନ୍ଦାକିନୀ ମିଶ୍ର ଅନୁଷ୍ଠାନର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା 'ସୁଧୁରି ଯାଅ ସମସ୍ତେ' ନାଟକ ପରିବେଷଣ କରାଯାଇଥିଲା। ପରିଶେଷରେ ବିଦ୍ୟାଳୟର କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। 'ଆଶ୍ୱାସ'ର ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀ ଏବଂ ଅଭିଭାବକମାନେ ଉପସ୍ଥିତ ରହିଥିଲେ।




Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● Editorial Office : HIG-137, Dharma Vihar, Khandagiri, Bhubaneswar, Odisha, PIN-751030, Phone : 7008340389 (Editorial), Email : ekamaatra@gmail.com

Chief Editor : **Bibhuti Bhusan Patra** | Managing Editor : **Laxmipriya Dash** | Editor : **Tarak Mohanty**

ମୁଖ୍ୟ ସମ୍ପାଦକ : **ବିଭୁତି ଭୂଷଣ ପାତ୍ର** | ପରିଚାଳନା ସମ୍ପାଦିକା : **ଲକ୍ଷ୍ମୀପ୍ରିୟା ଦାଶ** | ସମ୍ପାଦକ : **ତାରକ ମହାନ୍ତି**